# ୯

# ବସ୍ତ୍ରର ଯତ୍ନ ଏବଂ ରକ୍ଷଣା ବେକ୍ଷଣ

ଥରେ ଖାଇବା ଛୁଟି ସମୟରେ କେତେକ ବିଦ୍ୟାର୍ଥୀ ସାଙ୍ଗହୋଇ ଗପ ସପ କରୁଥିଲେ। ଚାଲର୍ସ, ଯୋଶେଫ୍ କୁ ସେମାନେ ସାଙ୍ଗ ହୋଇ କିଣିଥିବା ଧଳା ସାର୍ଟ ଖରାପ ହେବା ବିଷୟରେ କହୁଥିଲା। ସେ କଥା ଶୁଣି ପୂର୍ଣ୍ଣିମା କହିଲା ଯେ ତାର ରେଶମ ରଙ୍ଗର ବ୍ଲାଉଜ ମଧ୍ୟ ଖରାପ ହୋଇ ଯାଇଛି। ଆକବର କହିଲା ଯେ, ତାର ଦାମିକା ଉଲ ସ୍ୱେଟରେ ମଧ୍ୟ ଥରେ ଧୋଇଦେଲା ପରେ ଆଉ ପିନ୍ଧିବା ଅବସ୍ଥାରେ ରହିଲା ନାହିଁ। ଏମାନଙ୍କ କଥା ଶୁଣି କବୀର କହିଲା ଯେ, ସେ 'ଗୃହ ପରିଚାଳନା' ପାଠ୍ୟକ୍ରମରୁ ବିଭିନ୍ନ ପ୍ରକାର ଲୁଗା ଏବଂ ଏମାନଙ୍କର ଯତ୍ନ ବିଷୟରେ ଜ୍ଞାନ ଆହରଣ କରିଛି। ସବୁ ଲୁଗା ଗୋଟିଏ ପ୍ରକାରର ପରିଷ୍କାରକ ଦ୍ୱାରା ଧୋଇବା ଉଚିତ ନୁହେଁ। ସେ ଆହୁରି କହିଲା ଯେ, ଭିନ୍ନ ଭିନ୍ନ ବସ୍ତ୍ରକୁ ଭିନ୍ନ ଭିନ୍ନ ପ୍ରଣାଳୀରେ ଧୋଇବା ଉଚିତ୍। ଆମେ ଆମର ପ୍ରିୟ ବସ୍ତ୍ର ଗୁଡ଼ିକର ଅଳ୍ପ ଯତ୍ନ ନେଲେ, ସେ ଗୁଡ଼ିକ ନୂଆଭଳି ରହିପାରିବ।

ତୁମେ ଜାଣିଛ, ବ୍ୟକ୍ତିର ବ୍ୟକ୍ତିତ୍ୱ ତାର ପୋଷାକ ରୁ ଜଣାପଡେ। ବସ୍ତ୍ର ଗୁଡ଼ିକୁ ଯତ୍ନଶୀଳ ହୋଇ କିଣିବା ଦରକାର। ଏହାଠାରୁ ଗୁରୁତ୍ୱ ପୂର୍ଣ୍ଣ ହେଲା, ସେମାନଙ୍କର ଯତ୍ନ ନେବା ଏବଂ ପରିଧାନ କରିବା। ଚାଲ ଏବେ ବସ୍ତ୍ରର କିପରି ଠିକ୍ ଭାବରେ ଯତ୍ନ ନେବା ତା ବିଷୟରେ ଜାଣିବା ଯାହାଦ୍ୱାରା ପରେ ଆମକୁ ପସ୍ତେଇବାକୁ ପଡ଼ିବ ନାହିଁ ।

## ଲକ୍ଷ୍ୟ

ଏହି ବିଷୟଟି ପଢ଼ିସାରିବା ପରେ, ଆମେ ନିମ୍ନଲିଖିତ ପ୍ରଶ୍ନର ଉତ୍ତର କରିବାକୁ ସକ୍ଷମ ହୋଇ ପାରିବ।

- ବସ୍ତ୍ର ଝାଡ଼ିବା, ପବନରେ ଶୁଖାଇବା ଓ ଧୌତି କରିବାର ଅର୍ଥ ଏବଂ ଆବଶ୍ୟକତା ବାଖ୍ୟା କର।
- ଠିକଣା ପଦାର୍ଥ ଓ ପ୍ରଣାଳୀ ଅବଲମ୍ବନ କରି ଦାଗ ଛଡ଼ାଇ ପାରିବ।
- ବସ୍ତ୍ର ଧୌତି ପୂର୍ବରୁ ତାହାର ନିର୍ଦ୍ଦେଶାବଳୀ ପଢ଼ି ରଙ୍ଗର ଯତ୍ନ ନେଇ ପାରିବ।
- ଉପଯୁକ୍ତ ପରିଷ୍କାରକ ଓ ପ୍ରଣାଳୀ ବ୍ୟବହାର କରି ବସ୍ତ୍ର ଧୌତି କରିପାରିବ।
- ପୋଷାକ ଗୁଡ଼ିକୁ ଠିକ୍ ରେ ସାଇତି ରଖିପାରିବ।



ଟିପ୍ପଣୀ

## ୯.୧ ବସ୍ତ୍ରର ଯତ୍ନ ଓ ସଂରକ୍ଷଣରେ ଝାଡ଼ି ପରିଷ୍କାର କରିବା, ପବନରେ ଶୁଖାଇବା ଓ ଧୌତିର ଭୂମିକା

ଆମେ ଜାଣିଛୁ ଯେ, ଆମର ପିନ୍ଧା ପୋଷାକ ପତ୍ର ଦାଗ, ଧୂଳି, ତୈଳାକ୍ତପଦାର୍ଥ ଓ ଝାଳ ଯୋଗୁଁ ଅପରିଷ୍କାର ହୋଇଯାଏ। ପୁର୍ନବାର ତାକୁ ପରିଷ୍କାର କରିବାକୁ ପଡ଼ିଥାଏ। ଏହି ଦାଗ, ଧୂଳି, ତୈଳାକ୍ତ ପଦାର୍ଥ ଓ ଝାଳ ପୋଷାକପତ୍ରରେ ଲାଗି ରହିଲେ ନିମ୍ନଲିଖିତ କ୍ଷତି କରିବ :

- ଦାଗ ଓ ଧୂଳି ପୋଷାକରେ ଲାଗିରହିଲେ, ଏହା ରୋଗଜୀବାଣୁ ବଢ଼େଇବାରେ ସାହାଯ୍ୟ କରିଥାଏ, ଏହାଦ୍ୱାରା ଶରୀରରେ ଚର୍ମ ରୋଗ ଦେଖାଦେଇଥାଏ ଓ ବ୍ୟକ୍ତିଗତ ସୁରକ୍ଷା ପ୍ରଦାନ କରିବାରେ ବାଧା ପହଞ୍ଚାଇ ଥାଏ।
- ଅପରିଷ୍କାର ପୋଷାକ ପତ୍ରରେ ସତେଜତା ନଥାଏ ଓ ରଚିପୂର୍ଣ୍ଣ ହୋଇ ନ ଥାଏ।
- ପୋଷାକ ପତ୍ରରେ ଲାଗିରହିଥିବା ଧୂଳି ଓ ଦାଗ ଯୋଗୁଁ ତାହା ଦୁର୍ବଳ ହୋଇଯାଏ।
- କୌଣସି ଲୋକ ଦାଗ ଲାଗିଥିବା, ଅପରିଷ୍କାର ପୋଷାକ ପିନ୍ଧିବା ପାଇଁ ଇଛା ପ୍ରକାଶ କରେନାହିଁ।

ପ୍ରତ୍ୟେକ ଥର ପିନ୍ଧିବାପରେ ପୋଷାକକୁ ଧୋଇବା ଦରକାର ପଡ଼େ ନାହିଁ। କେଉଁ ପାଗରେ, ତୁମେ ତାକୁ ବ୍ୟବହାର କରୁଛ ଏବଂ ତାହା କେତେ ପରିମାଣରେ ଝାଳରେ ଭିଜିଛି, ତାହା ଉପରେ ବସ୍ତ୍ର ଧୌତି ନିର୍ଭର କରେ, ଯେତେବେଳେ ପାଗ ଭଲ ଅଛି ଏବଂ ତୁମର ଝାଳ ବୋହୁନାହିଁ, ସେତେବେଳେ ତୁମେ ପିନ୍ଧିଥିବା ପୋଷାଠକୁ ପୁନଶ୍ଚ ବ୍ୟବହାର କରିପାରିବ। କିନ୍ତୁ ସେଗୁଡ଼ିକୁ ପୁଣିଥରେ ବ୍ୟବହାର କରିବା ପୂର୍ବରୁ ନିମ୍ନଲିଖିତ ବିଷୟ ଉପରେ ଧ୍ୟାନ ଦେବାକୁ ପଡ଼ିବ।

### ୯.୧.୧ ଝାଡ଼ିବା, ବ୍ରସ୍ କରିବା ଏବଂ ପବନରେ ଶୁଖାଇବା :

ପୋଷାକ ପତ୍ର ଝାଡ଼ିବା ଦ୍ୱାରା ଉପରେ ଲାଗିଥିବା ଧୂଳି ବାହାରିଯାଏ, ଦୁଇହାତରେ ପୋଷାକକୁ ଧରି ଜୋରରେ ଝାଡ଼।



ଚିତ୍ର ୯.୧.୧ ବ୍ରସକରିବା

ତୁମେ କାର୍ପେଟ୍, ଭେଲଭେଟ୍, କମ୍ବଳ, ମଖମଲ୍ ବସ୍ତ୍ର ଦେଖିଥିବ। ସେଗୁଡ଼ିକ ମୋଟା ଓ ରୁମରୁମିଆ। ତେଣୁ ତାହା ସହଜରେ ଧୂଳି ପୂର୍ଣ୍ଣ ହୋଇଯାଏ, ତେଣୁ ଏହାକୁ ବ୍ରସ୍ ସାହାଯ୍ୟରେ ରୁମର ଶୀରା ଅନୁଯାୟୀ ହାଲକା ବ୍ରସ୍ କରାଯାଏ। କୋଟ ଓ ପ୍ୟାଣ୍ଟ ଗୁଡ଼ିକରୁ ବ୍ରସ୍ ସାହାଯ୍ୟରେ ଧୂଳି ବାହାର କରାଯାଏ।

ଲୁଗା ଗୁଡ଼ିକୁ ବାହାରେ କିମ୍ବା ଭଲଭାବରେ ବାୟୁ ଚଳାଚଳ ହେଉଥିବା ଘରେ ଶୁଖାଯାଇ ସେଥିରୁ ଗନ୍ଧ କଢ଼ାଯାଏ।

### ୯.୧.୨. ବସ୍ତ୍ର ଧୌତି (Laundering)

ବସ୍ତ୍ର ଧୋତିର ଅର୍ଥ କେବଳ ଲୁଗାପଟା ସଫା କରିବା ନୁହେଁ, ଏହା ତିନୋଟି ପର୍ଯ୍ୟାୟର ଅନ୍ତର୍ଭୁକ୍ତ।

(କ) ଲୁଗାକୁ ସଫାକରି ସେଥିରୁ ମଇଳା, ଗନ୍ଧ ଓ ଝାଳ ବାହାର କରିବା ଉଦାହରଣ ସହ ତୁମେ ତୁମର ସ୍କୁଲର ପୋଷାକ ପାଣିରେ ସଫାକର ଏବଂ ପଶମ କୋଟ, ଜାମା ପ୍ରଭୃତି ବିନା ପାଣିରେ (**dry wash**) କର।

(ଖ) ମଣ୍ଡ,ଗୋଳ, ଅଠା ଓ ବିରଞ୍ଜକ ସାହାଯ୍ୟରେ ବସ୍ତ୍ରର ପରିସମାପ୍ତି କରି ଶୁଖାଇ ଇସ୍ତ୍ରୀ କରିବା, ଭାଙ୍ଗ ପକାଇବା ଏବଂ ବସ୍ତ୍ରକୁ ଟାଙ୍ଗି କରି ରଖିବା, ଉଦାହରଣସ୍ୱରୂପ କାର୍ପାସ ବସ୍ତ୍ର ଏବଂ ଓଢ଼ଣୀ ଇତ୍ୟାଦିକୁ ମଣ୍ଡ ଦିଆଯାଇ ଅନୁରୂପ ଆକାରରେ ପରିସମାପ୍ତି କରାଯାଇଥାଏ।

(ଗ) ବସ୍ତ୍ରକୁ ଅଳ୍ପ ସମୟ ବା ବେଶୀ ସମୟ ପାଇଁ ସାଇତି ରଖିବା ଉଦାହରଣ ସ୍ୱରୂପ- ପଶମ ସାଲ, ସ୍ୱେଟର ଓ କୋଟ ଗୁଡ଼ିକୁ ଶୀତ ଦିନ ଆସିଲେ ବାହାର କରାଯାଏ ଏବଂ ଗ୍ରୀଷ୍ମଋତୁରେ ବ୍ୟବହୃତ ବସ୍ତ୍ର ଗୁଡ଼ିକୁ ସାଇତି କରି ରଖାଯାଇଥାଏ।

ମନେରଖ, ବସ୍ତ୍ରକୁ ଦୁଇଟି ପ୍ରଣାଳୀ ରେ ସଫା କରାଯାଇ ଥାଏ। ଗୋଟିଏ ହେଲା ପାଣିରେ ସଫାକରିବା ଏବଂ ଅନ୍ୟଟି ବିନା ପାଣିରେ ସଫା କରିବା।

| ପାଣିରେ ସଫାକରିବା | ବିନା ପାଣିରେ ସଫା କରିବା |
|---|---|
| (କ) ଲୁଗା ପାଣି, ପରିଷ୍କାରକ, ସାବୁନ ଦ୍ୱାରା ସଫା କରିବା | (କ) ଲୁଗା ତୈଳ ଶୋଷଣ ପଦାର୍ଥ ଓ ଦ୍ରାବକ ଦ୍ୱାରା ସଫା କରିବା। |
| (ଖ) ରଙ୍ଗ ଛାଡୁନଥିବା ପୋଷାକପତ୍ର ଏହା ଦ୍ୱାରା ସହଜର ଧୁଆ ଯାଇ ପାରିବ। | (ଖ) ଚମଡ଼ା, ପର, ରେଶମ, ଜରି, ପଶମ ଓ ଅନ୍ୟାନ୍ୟ ଦାମିକା ଲୁଗା ବିନା ପାଣିରେ ସଫାକରାଯାଇପାରିବ। |

## ୯.୧ ପାଠଗତ ପ୍ରଶ୍ନାବଳୀ

୧. ମୀନାର ମଇଳା ଲୁଗା ଗଦା ହୋଇଛି, ସେଥିରେ ତାର ରେଶମ ବ୍ଲାଉଜ୍, ଜରିଶାଢ଼ୀ, ସୂତା ସାର୍ଟ, ସୂତା ପାଇଜାମା ଓ ପଶମ ଚଦର ରହିଛି। ତୁମେ କେଉଁ କେଉଁ ପୋଷାକକୁ ଘରେ ଧୋଇବା ପାଇଁ କହିବ ଏବଂ କେଉଁଟିକୁ ଶୁଷ୍କ ଧୋଇବା ପାଇଁ ପଠାଇବ ?

----------------------------------------------------------------

----------------------------------------------------------------

୨. ଖରାଦିନ ଆସିଗଲା, ଏବେ ତୁମେ ଶୀତବସ୍ତ୍ର ଗୁଡ଼ିକୁ ସାଇତି ରଖିବ। ତୁମେ ତୁମ ସାଙ୍ଗକୁ ଶୀତ ବସ୍ତ୍ର ସାଇତି ରଖିବାର କିକି ଉପାୟ ବତାଇବ ଯାହାଦ୍ୱାରା ତାର ପୋଷାକୁ ପତ୍ର ପରବର୍ତ୍ତି ଶୀତଦିନ ପାଇଁ ସଫା ଓ ସାଙ୍ଗେ ସାଙ୍ଗେ ବ୍ୟବହାର ପାଇଁ ଉପଯୁକ୍ତ ହୋଇପାରିବ।

----------------------------------------------------------------

----------------------------------------------------------------

## ୯.୨ ଘରେ ଲୁଗାପଟା ସଫା କରିବା ପୂର୍ବରୁ ଆମର କେତୋଟି ପ୍ରସ୍ତୁତି ଦରକାର। ସେଗୁଡ଼ିକ କ'ଣ ? କାହିଁକ ଏଗୁଡ଼ିକ ଦରକାର। ଆମେ କ'ଣ ଓ କିପରି କରିବା, ଚାଲ ଶିଖିବା।

### ୯.୨୧ ବସ୍ତ୍ର ଓ ବସ୍ତ୍ର ଧୌତି ପଦାର୍ଥ ଗୁଡ଼ିକ ଏକତ୍ରି କରଣ

ତୁମେ ଯଦି ସମସ୍ତ ଲଗୁାପଟା ଓ ଧୋଇବା ପାଇଁ ଜିନିଷ ସବୁ ଗୋଟିଏ ଜାଗାରେ ରଖୁଛ, ତେବେ ତୁମେ ଏହି ପର୍ଯ୍ୟାୟଟିର ଆଗରୁ ସମାପ୍ତ କରିଛ, ଏହା କରିବା ଦ୍ୱାରା ଆମେ ସମୟ ଓ ଶକ୍ତି ବଞ୍ଚାଇ ଥାଉ କିପରି କହିପାରିବ କି ?

### ୯.୨.୨ ଚିରିଯାଇଥିବା ଲୁଗାପଟା ସିଲାଇ କରିବା :

ସଫା କରିବା ପୂର୍ବରୁ ଲୁଗାପଟା ବା ପୋଷାକ ପତ୍ରକୁ ମରାମତି କରିବା ଦରକାର। କାରଣ ଚିରା ବସ୍ତ୍ରରୁ ସଫାକରିବା ସମୟରେ ତନ୍ତ ବାହାରି ଆସେ ଓ ଏହା ଆହୁରି ଅଧିକା ଛିଣ୍ଡିଯାଏ। ଅଧିକ ଚିରିଯାଇଥିବା ବସ୍ତ୍ରକୁ ମରାମତି କରିବା କଷ୍ଟକର ହୋଇଥାଏ।



ଚିତ୍ର ୯.୨ ଚିରାଲୁଗା

### ୯.୨.୩ ଅଲଗା ଅଲଗା କରି ରଖିବା (Sorting):

ଲୁଗାପଟା ଗୁଡ଼ିକୁ (କ) ତନ୍ତର ଗୁଣ (ଖ) ରଙ୍ଗ (ଗ) ଆକାର ଓ ଓଜନ (ଘ) ମଇଳାର ପରିମାଣ (ଙ) ଆବଶ୍ୟକତା (ଚ) ଭିଜାଇବା ସମୟ (ଛ) ପରିଷ୍କାର ର ଦରକାରୀ ପରିମାଣ ଅନୁଯାୟୀ ଅଲଗା ଅଲଗା କରି ରଖିବା ଦରକାର। ତୁମେ ଯଦି ଏପରି ନ କର ତେବେ ଯେଉଁ ଲୁଗାରେ ରଙ୍ଗ ଲାଗିଥିବ, ତାହା ଅନ୍ୟ ଲୁଗାରେ ଲାଗିଯିବ। ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଘରଝଡ଼ା କନା, ରୋଷେଇ ଘରେ ବ୍ୟବହୃତ କପଡ଼ା, ମୋଜା ପ୍ରଭୃତି କୁ ଅଲଗା ଅଲଗା ଧୋଇବା ଦରକାର।



ଚିତ୍ର ୯.୩ ଅଲଗା ଅଲଗା କରିବା

### ୯.୨.୪ ପୋଷାକ ପତ୍ରରେ ଥିବା ବାକ୍ୟାଂଶ କୁ ପଢ଼ (Read labels on the garments)

ସାଧାରଣତଃ କିଣାଯାଇଥିବା ଲୁଗାପଟା ଉପରେ, ତୁମେ କିପରି ଏହାର ଯତ୍ନନେବ, କିପିରି ଧୋଇବ, ଇସ୍ତ୍ରୀ କରିବ ସେ ବିଷୟରେ ବାକ୍ୟାଂଶ (label) ଦ୍ୱାରା ନିର୍ଦ୍ଦେଶ ଦିଆଯାଇଥାଏ । ଏହି ନିର୍ଦ୍ଦେଶ ଲୁଗାର ତଳେ ବା ଧାରରେ ଦିଆଯାଇଥାଏ। ଏହାକୁ ପଠନ କରିବା ଦ୍ୱାରା, ତୁମେ ଲୁଗାପଟାର ଭଲ ଭାବରେ ଯତ୍ନ ନେଇପାରିବ। ନିମ୍ନରେ ଥିବା ଚିତ୍ର ଦ୍ୱାରା ବାକ୍ୟାଂଶ ଗୁଡ଼ିକୁ ଦେଖାଯାଇଛି।



ଚିତ୍ର : ୯.୪ କିଣାଯାଇଥିବା ବସ୍ତ୍ର ଗୁଡିକରେ ଝୁଲିଥିବା ବାକ୍ୟାଂଶ

**ତୁମ ପାଇଁ କାର୍ଯ୍ୟ ୯.୧**

ତୁମେ ତିନୋଟି କି ଚାରୋଟି ବସ୍ତ୍ରରେ ଥିବା ବାକ୍ୟାଂଶ ଏକାଠି କରି ନିମ୍ନରେ ଥିବା ଟେବୁଲ ର ଖାଲିସ୍ଥାନ ପୂରଣ କର।

| ପୋଷାକର ନାମ | ନିର୍ଦ୍ଦେଶନାମା | ଅର୍ଥ |
|---|---|---|
| ସ୍ୱେଟର | | **ସୂଚନା:**<br>- ସୂଚି<br>- ସଫାକରିବା ଓ ଶୁଖାଇବା |
| | | |
| | | |
| | | |
| | | |



ଟିପ୍ପଣୀ

## ୯.୩ ଦାଗ ଅଛି କି ନାହିଁ ଦେଖ ଓ ସେଗୁଡ଼ିକୁ ଛଡ଼ାଅ







ଚିତ୍ର ୯.୫ କେତୋଟି ସାଧାରଣ ଦାଗ

କାଳି, ଲିପଷ୍ଟିକ୍, ନଖ ପଲିସ୍, ତୈଳାକ୍ତ, ରଙ୍ଗ, ଚା ଓ କଫି ଆମଲୁଗାପଟାରେ ଲାଗି ଏହାକୁ ନଷ୍ଟ କରିଦିଅନ୍ତି। ଦାଗ ଏକ ଅଦରକାରୀ ଚିହ୍ନ, ଯାହା ଅନ୍ୟ କେତେକ ପଦାର୍ଥ ଦ୍ୱାରା ବସ୍ତ୍ରର ନିଜସ୍ୱ ରଙ୍ଗ ଲୁଚିଯାଏ। ଏହି ଦାଗ ସାଧାରଣ ଧୌତି ଦ୍ୱାରା ଦୂର କରାଯାଇ ପାରେ ନାହିଁ। ତୁମେ ଚା' କରିବା ସମୟରେ ଯଦି ଦୁର୍ଘଟଣା ବସତଃ ଚା' ପୋଷାକ ପରେ ଢ଼ାଳି ହୋଇଗଲା, ତେବେ ତତ୍କ୍ଷଣାତ୍ ତାକୁ ଧୋଇ ଦେବା ଦରକାର, ଯଦ୍ୱାରା ଚା ଦାଗ ଦୂର ହୋଇଯିବ। କିନ୍ତୁ ଦାଗ ଯଦି ପୁରୁଣା ହୋଇଯାଏ, ତେବେ ତାକୁ ଦୂରକରିବା କଷ୍ଟକର ହେବ। ତେଣୁ ଦାଗ ଦୂର କରିବାର ସହଜ ଉପାୟ ହେଲା। ବସ୍ତ୍ର ରେ ଦାଗ ଜମିବାକୁ ଦେବନାହିଁ। ତାକୁ ସେଙ୍ଗ ସଙ୍ଗେ ଛଡ଼ାଇବ।

ଲୁଗା ସଫା କରିବା ପୂର୍ବରୁ ଦାଗ ଛଡ଼ାଇବା ଦକରକାର। କାରଣ ସାବୁନ ଓ ପରିଷ୍କାରକ କରୁଥିବା ରାସାୟନିକ ଦ୍ରବ୍ୟ, ଉଷ୍ଣମ ପାଣି ଓ ଇସ୍ତ୍ରୀ ସଂସ୍ପର୍ଶରେ ଦାଗ ଆସିଲେ, ଏହି ଦାଗ ସବୁଦିନ ପାଇଁ ଲୁଗାରେ ଲାଗିରହେ।

ଭିନ୍ନ ଭିନ୍ନ ପ୍ରକାର ର ତନ୍ତୁରେ ଲାଗିଥିବା ବିଭିନ୍ନ ଦାଗକୁ ଛଡ଼ାଇା ପାଇଁ ଅଲଗା ଅଲଗା ପଦାର୍ଥ ଦରକାର ହୁଏ। ଭୂଲ ପଦାର୍ଥ ବ୍ୟବହାର କରି ଦାଗ ଛଡ଼ାଇାକୁ ଚେଷ୍ଟାକଲେ କପଡ଼ା ନଷ୍ଟ ହୋଇଯାଇପାରେ। ଦାଗକୁ ଠିକ୍ ଭାବରେ ଚିହ୍ନି ତାହାକୁ ଉପଯୁକ୍ତ ପ୍ରଣାଳୀ ଓ ପଦାର୍ଥ ଦ୍ୱାରା ଛଡ଼ାଇବାକୁ ପଡ଼େ।

ପ୍ରାୟ ସବୁ ପ୍ରକାରର ଦାଗ ସେମାନଙ୍କ ରଙ୍ଗ, ଗନ୍ଧ ଓ ସ୍ପର୍ଶ ଦ୍ୱାରା ଚିହ୍ନିତ ହୋଇପାରିବ। ଚାଲ ସେ ବିଷୟରେ ଅଧିକ ଜାଣିବା

(କ) **ରଙ୍ଗ :** ପ୍ରତ୍ୟେକ ଦାଗର ଏକ ନିର୍ଦ୍ଦିଷ୍ଟ ରଙ୍ଗ ରହିଛି, ଉଦାହରଣ ସ୍ୱରୂପ , ତରକାରୀ କିମ୍ବା ଆଚାର ର ଦାଗ ହଳଦିଆ ହେବାବେଳେ କଫି ଓ ଚା'ର ରଙ୍ଗ ମାଟିଆ ଓ ଘାସର ରଙ୍ଗ ସବୁଜ ହୋଇଥାଏ। ବିଭିନ୍ନ ପ୍ରକାର ରଙ୍ଗର ଭିନ୍ନ ଭିନ୍ନ ଦାଗ କପଡ଼ାରେ ଲଗାଆ।

(ଖ) **ଗନ୍ଧ :** କେତେକ ଦାଗର ଅଜବ ପ୍ରକାର ର ଗନ୍ଧ ଅଛି, ଅଣ୍ଡା , ରଙ୍ଗ ଓ ଜୋତା ପଲସ୍ ର ଗନ୍ଧ ମନେ ପକାଇଲ। କେତେକ ଦାଗର ମଧ୍ୟ ସମାନ ପ୍ରକାର ଗନ୍ଧଥାଏ।

(ଗ) **ସ୍ପର୍ଶ ଦ୍ୱାରା ଅନୁଭବ କରିବ:** କେତେପ୍ରକାର ଦାଗ ଅଛି ଯାହା, କପଡ଼ାର କୋମଳତା ଓ ମସୃଣତା ବଦଳାଇ ଦିଏ । ସ୍ପର୍ଶ ଦ୍ୱାରା ଦାଗ ଚିହ୍ନଟ କରାଯାଇପାରେ। ଉଦାହରଣ ସ୍ୱରୂପ ରଙ୍ଗ (Paint) ଓ ଚିନିସିରା ବସ୍ତ୍ରକୁ ଟାଣ କରିଦିଏ ଓ ଲିପ୍ଷ୍ଟିକ୍ ବା ଜୋତା ପଲିସ୍ କପଡ଼ାକୁ ମସୃଣ କରିଦିଏ।



### କାର୍ଯ୍ୟ ୯.୨

ଚାରିଗୋଟି ପୁରୁଣା ଧଳା କପଡ଼ା ଖଣ୍ଡ (୫ସେ.ମି.×୫ସେ.ମି.) ନିଅ। ସେଥିରେ ଭିନ୍ନ ଭିନ୍ନ ପ୍ରକାର ର ଦାଗ ଲଗାଇ ଶୁଖାଅ। ଏବେ ପ୍ରତ୍ୟେକ ଦାଗର ରଙ୍ଗ, ସ୍ପର୍ଶ ଓ ଗନ୍ଧକୁ ଚିହ୍ନ। ଗୋଟିଏ କାଗଜରେ ସେ ଦାଗ ଗୁଡ଼ିକ ଲଗାଇ ତାର ଗୁଣ ବର୍ଣ୍ଣନା କର।

## ପାଠଗତ ପ୍ରଶ୍ନାବଳୀ ୯.୨

୧୧. ନିମ୍ନଲିଖିତ ଉକ୍ତି ଗୁଡ଼ିକ ଠିକ୍ କି ଭୁଲ୍ ଲେଖ ଏବଂ ତାକୁ ଏଗୁଡ଼ିକୁ ଉଚିତ କି ଅନୁଚିତ ବୋଲି ଦେଖାଅ।

| ଉକ୍ତି | ଠିକ/ଭୁଲ | ଉଚିତ୍ / ଅନୁଚିତ୍ |
|---|---|---|
| (କ) ଶାରୀରିକ ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିରୁ ଅପରିଷ୍କାର ପୋଷକ ପତ୍ର ହାନିକାରକ ଅଟେ। | | |
| (ଖ) ବସ୍ତ୍ର ଧୌତି ଓ ସଫାକରିବା ଏକ କଥା | | |
| (ଗ) ସଙ୍ଗେସଙ୍ଗେ ଲୁଗା ସଫା କରିବା ଦରକାର ନଥିଲେ ଲୁଗାକୁ ପବନରେ ପକାଇବା ଉଚିତ୍ | | |
| (ଘ) ଲୁଗାପଟା ସଫା କରିବା ପୂର୍ବରୁ ସେଥିରୁ ଦାଗ ଛଡ଼ାଇବା ଦରକାର । | | |

### ୯.୩.୧ ଦାଗର ଶ୍ରେଣୀ ବିଭାଗ :

ଦାଗ ଗୁଡ଼ିକୁ ତାର ମୂଳତତ୍ତ୍ୱ ଅନୁଯାୟୀ ଶ୍ରେଣୀ ବିଭାଗ କରାଯାଇ ପାରେ । ଉଦାହରଣ ସ୍ୱରୂପ ଚା, କଫି, ଅନେକ ପ୍ରକାର ତେଲ, ଘିଅ ଗୁଡ଼ିକ ଉଦ୍ଭିଦ ଦାଗ ଅନ୍ତର୍ଭୁକ୍ତ। ଏହି ଦାଗଗୁଡ଼ିକୁ ଛଡ଼ାଇବା ସମୟରେ ପ୍ରାୟ ଏକ ପ୍ରକାର ପଦାର୍ଥ ଏବଂ ପ୍ରଣାଳୀ ବ୍ୟବହାର କରାଯାଇଥାଏ। ତେଣୁ ଦାଗ ଗୁଡ଼ିକୁ ଆମେ ଚାଲ ତାର ମୂଳତତ୍ୱ ଅନୁଯାୟୀ ବିଭକ୍ତି କରଣ କରିବ।

| ଦାଗର ଶ୍ରେଣୀ ବିଭାଗ | ଦାଗ |
|---|---|
| ୧. ଉଦ୍ଭିଜ ଦାଗ | ଚା, କଫି, ଫଳ, ଘାସ |
| ୨. ତୈଳଜ ଦାଗ | ଲହୁଣୀ, ଘିଅ, ତେଲ, ଆଲକାତରା, ଓ ତୈଳଜ ରଙ୍ଗ |
| ୩. ପ୍ରାଣୀଜ ଦାଗ | ରକ୍ତ, କ୍ଷୀର, ଅଣ୍ଡା |
| ୪. ଧାତୁ ଦାଗ | କଳଙ୍କି |
| ୫. ଅନ୍ୟାନ୍ୟ ଦାଗ | ରଙ୍ଗ, କାଳି, ଝାଳ, ଶିଉଳି |

### ୯.୩.୨. ଦାଗ ଛଡ଼ାଇବା ପ୍ରଣାଳୀ :

ଦାଗ ଦୁଇଟି ପ୍ରକାରର ପ୍ରଣାଳୀ ଦ୍ୱାରା ଛଡ଼ା ଯାଇପାରିବ । ଯଥା : (କ) ଶୋଷଣ (ଖ) ବୁଡ଼ାଇବା

#### ଶୋଷଣ (Sponging)

ଗୋଟିଏ ଜଳ ଶୋଷଣ କରୁଥିବା କାଗଜ କିମ୍ବା କନା ନିଅ, ତାହାର ସିଧାପଟ, ଦାଗ ଉପରେ ରଖ ଓ ଚିପିଚିପି ଦିଅ। ଏହା ଦାଗକୁ ଖେଳେଇ ହେବାକୁ ଦିଏ ନାହିଁ।

- ଗୋଟିଏ ନରମ କନାନିଅ। ଏହାକୁ ଦାଗ ଛଡ଼ାଇବା ଦ୍ରବଣରେ ବୁଡାଅ ଏବଂ ଧୀରେ



ଚିତ୍ର ୯.୬ ଶୋଷଣ

ଧୀରେ ଏହାକୁ ଦାଗ ଉପରେ ବାହାର ଧାରରୁ ଭିତର ଧାର ପର୍ଯ୍ୟନ୍ତ ଘଷି ଆଣ।

- ହାଲକା ଭାବରେ ଗୋଲଗୋଲ କରି ଚିପିଚିପି ଦାଗକୁ ଘଷ। ଯାହାଦ୍ୱାରା ଦାଗ ଖେଳିଯିବ ନାହିଁ।
- ଏହି ଶୋଷଣ କରୁଥିବା କପଡ଼ା ବା କାଗଜ (ବ୍ଲଟିଙ୍ଗ କାଗଜ) ରେ ଦାଗ ଦେଖାଯିବା ମାତ୍ରେ ବଦଳାଇ ଦିଅ।

## ବୁଡ଼ାଇବା (Dipping)

ବୁଡ଼ାଇବା ପଦ୍ଧତିରେ ସମଗ୍ର ବସ୍ତ୍ରଟିକୁ ଦାଗ ଛଡ଼ାଇବା ପଦାର୍ଥରେ ବୁଡ଼ାଯାଏ। ଯଦି ବସ୍ତ୍ରର ବିଭିନ୍ନ ସ୍ଥାନରେ ଦାଗ ଲାଗିଥାଏ। ଦାଗର ପ୍ରକାର ଭେଦ ଅନୁଯାୟୀ ତୁମେ ଦାଗ ଛଡ଼ାଇବା ପଦାର୍ଥ ବାଛି ପାରିବ।

ଚିତ୍ର ୯.୭ ବୁଡ଼ାଇବା

ବୋରାକ୍ସଗୁଣ୍ଡ, ଆମୋନିଆ, ହାଇଡ୍ରୋଜେନ୍ ପେରକ୍ସାଇଡ୍ ଆକ୍‌ଜାଲିକ ଏସିଡ୍ ଓ ସାଙ୍ଗେ ସାଙ୍ଗେ ବ୍ୟବହୃତ ହେଉଥିବା ବ୍ଲିଚ ସାଧାରଣତଃ ଦାଗ ଛଡ଼ାଇବା ପାଇଁ ବ୍ୟବହୃତ ହୋଇଥାଏ।

| ବିଭିନ୍ନ ପ୍ରକାରର ଦାଗ ଓ ସେଗୁଡ଼ିକ ଛଡ଼ାଇବା ପଦ୍ଧତି : | | |
|---|---|---|
| ୧. ଉଦ୍ଭିଜ ଦାଗ | ଚା, କଫି, ଫଳ ଇତ୍ୟାଦି | |
| କିପରି ଛଡ଼ାଯିବ | ବୋରାକ୍ସ ଗୁଣ୍ଡ ବ୍ୟବହାର କର | |
| ଦାଗ | ଧଳା କାର୍ପାସ | ରଙ୍ଗୀନ୍ କାର୍ପାସ |
| ଚା, କଫି, ଚକୋଲେଟ୍, ଫଳ | ସଦ୍ୟ: ଦାଗଉପରେ ଗରମ ପାଣି ଢାଳ।<br>ପୁରୁଣା ଦାଗ ଦାଗ ଲାଗିଥିବା ସ୍ଥାନରେ ଗ୍ଲିସେରିନ୍ ଲଗାଅ କିମ୍ୱା ଦାଗ ଉପରେ ସୋହାଗା ଲଗାଇ, ତା' ଉପରେ ଗରମ ପାଣି ଢାଳ। ଦାଗଟି କନାର ମୁହଁରେ ରହିବା ଦରକାର।<br> | ଉଷୁମ ପାଣିରେ ଭିଜାଅ, ସେଥିରେ ସୋହାଗା ମିଶାଅ, (୨ କପ୍ ପାଣିରେ ଅଧଚାମଚ ସୋହାଗା)<br>ଧଳା କାର୍ପାସ ପ୍ରଣାଳୀ ସହିତ ସମାନ। |

| | | |
|---|---|---|
| ମେହେନ୍ଦି | ସଦ୍ୟ<br>ଉଷୁମ କ୍ଷୀରରେ ଅଧଘଣ୍ଟା ବୁଡ଼ାଇ ରଖ | ଧଳା କାର୍ପାସ ବସ୍ତ୍ର ପ୍ରଣାଳୀ ସହିତ ସମାନ |
| | ପୁରୁଣା<br>ଉପରୋକ୍ତ ପ୍ରଣାଳୀରେ ଦୁଇତିନିଥର ପ୍ରୟୋଗ କର | ଧଳା କାର୍ପାସ ବସ୍ତ୍ର ପ୍ରଣାଳୀ ସହିତ ସମାନ |

| | | |
|---|---|---|
| ୨.ପ୍ରାଣୀଜ ଦାଗ କିପରି ଛଡ଼ାଇବ<br>କିପରି ଛଡ଼ାଯିବ | ରକ୍ତ, ଅଣ୍ଡା, କ୍ଷୀର<br>ଏହାକୁ ଗରମ କରନାହିଁ କାରଣ ତାତି ଲାଗିଲେ ଏଥିରେ ପୁଷ୍ଟିସାର ଲୁଗାରେ ଲାଖିଯାଏ ଓ ଛାଡ଼େ ନାହିଁ । | |
| ଦାଗ | ଧଳା କାର୍ପାସ | ରଙ୍ଗୀନ୍ କାର୍ପାସ |
| ଦାଗ<br>ରକ୍ତ, ଅଣ୍ଡା, ମାଂସ | ସଦ୍ୟ<br>ଥଣ୍ଡା ପାଣି ଓ ସାବୁନରେ ସଫାକର। | ଧଳା କାର୍ପାସ ବସ୍ତ୍ର ପ୍ରଣାଳୀ ସହ ସମାନ |
| | ପୁରୁଣା<br>ଲୁଣପାଣିରେ( ୧ ବାଲ୍ଟିପାଣିରେ ୨ଚାମଚ ଲୁଣ) କିମ୍ୱା ଆମୋନିଆ ଦ୍ରବଣରେ ସଫା କର। | ଧଳା କାର୍ପାସ ପଦ୍ଧତି ସହିତ ସମାନ |

| | | |
|---|---|---|
| ୩. ତୈଳଯୁକ୍ତ ଦାଗ | ଲହୁଣୀ, ଘିଅ, ତେଲ, ଜୋତା ପଲିସ୍, ଆଲକାତରା, ତୈଳାକ୍ତରଙ୍ଗ | |
| ଦାଗ କିପରି ଛଡ଼ାଇବା | ଯେତେବେଳେ ଦାଗ ସଦ୍ୟ ହୋଇଥିବ, ସେଥିରେ ଚକ୍ କିମ୍ୱା ଟାଇକମ୍ ପାଉଡ଼ର ପକାଇ କେତେ ଘଣ୍ଟା ଛାଡ଼ିଦିଅ, ତା ପରେ ପାଉଡ଼ର ଝାଡ଼ିଦିଅ। | |
| ଦାଗ | ଧଳା କାର୍ପାସ | ରଙ୍ଗୀନ୍ କାର୍ପାସ |
| ଲହୁଣୀ, ଘିଅ, ତେଲ, ତରକାରୀ | ସଦ୍ୟ<br>ଗରମ ପାଣି ଓ ସାବୁନରେ ସଫାକର। ଏହାକୁ ଖରାରେ ଘାସ ଉପରେ କିମ୍ୱା ଛୋଟ ଗଛ ଉପରେ ଶୁଖା ଅ | ଧଳା କାର୍ପାସ ପଦ୍ଧତି ସହିତ ସମାନ କିନ୍ତୁ ଛାଇରେ ଶୁଖାଅ। |
| | ପୁରୁଣା<br>ସାବୁନ ଓ ପାଣିର ପେଷ୍ଟ ତିଆରି କରି ଦାଗ ଉପରେ ଲଗାଅ, ଦାଗ ନଛାଡ଼ିବା ପର୍ଯ୍ୟନ୍ତ ଖରାରେ ରଖ | ଧଳା କାର୍ପାସ ପଦ୍ଧତି ସହିତ ସମାନ କିନ୍ତୁ ଛାଇରେ ଶୁଖାଅ। |

| | | |
|---|---|---|
| ରଙ୍ଗ , ଜୋତା ରଙ୍ଗ, ନଖ ପାଲିସ୍, ଲିପଷ୍ଟିକ୍ ବଲ ପେନ୍ | **ସଦ୍ୟ**<br>ଅତିରିକ୍ତ ଦାଗକୁ କୋରି ବାହାର କର<br>(କ) କିରୋସିନି କିମ୍ବା ପେଟ୍ରୋଲ ଲଗାଇ ଘସ<br>(ଖ) ତାରପିନ୍ ରେ ଟିପିଟିପି ଘସ | ଧଳା କାର୍ପାସ ବସ୍ତ୍ର ପ୍ରଣାଳୀ ସହ ସମାନ |
| | **ପୁରୁଣା**<br>ଉପରୋକ୍ତ ପଦ୍ଧତି ଦୁଇ ତିନିଥର ପ୍ରୟୋଗ କର | ଧଳା କାର୍ପାସ ପଦ୍ଧତି ସହିତ ସମାନ |

| **ଧାତୁ ଦାଗ** | **କଳଙ୍କି ଓ କେତେକ ଔଷଧ ଦାଗ** | |
|---|---|---|
| **ଦାଗ କିପରି ଛଡ଼ାଇବ** | ଏହି ଦାଗରେ ଧାତୁର ପରିମାଣ ରହିଥାଏ, ତେଣୁ ଅମ୍ଳ (ଏସିଡ଼୍) ପ୍ରଥମେ ବ୍ୟବହାର କରି ତା ପରେ କ୍ଷାର ଦ୍ରବଣ (alkalinesolution) ଏହାକୁ ନିଷ୍କଳ କରିବାପାଇଁ ବ୍ୟବହାର କରାଯାଇଥାଏ। | |
| **ଦାଗ** | **ଧଳା କାର୍ପାସ** | **ରଙ୍ଗୀନ୍ କାର୍ପାସ** |
| ଲୁହା କଳଙ୍କ | **ସଦ୍ୟ**<br>ଲେମ୍ବୁରସ ଓ ଲୁଣରେ ଦାଗକୁ ଘଷ | ଧଳା କାର୍ପାସ ବସ୍ତ୍ର ପ୍ରଣାଳୀ ସହ ସମାନ |
| | **ପୁରୁଣା**<br>ପତଳା ଅକ୍‌ଜାଲିକ ଏସିଡ଼୍ ଲଗାଅ ଓ ତାକୁ ନିଷ୍କଳ କରିବାକୁ ପତଳା ବୋରାକ୍ସ ଦ୍ରବଣ ଲଗାଅ | ଧଳା କାର୍ପାସ ପଦ୍ଧତି ସହିତ ସମାନ |

| **୫.ଅନ୍ୟାନ୍ୟ ଦାଗ** | ରଙ୍ଗ, କାଳି, ଶିଉଳି, ଘାସ, ଝାଳ ଇତ୍ୟାଦି<br>. | |
|---|---|---|
| **ଦାଗଛଡ଼ାଇବା ଉପାୟ** | ପ୍ରତ୍ୟେକ ଦାଗକୁ ଅଲଗା ଅଲଗା ପଦ୍ଧତିରେ ଛଡ଼ାଅ | |
| **ଦାଗ** | **ଧଳା କାର୍ପାସ** | **ରଙ୍ଗୀନ୍ କାର୍ପାସ** |
| ଘାସ | **ସଦ୍ୟ**<br>ସାବୁନ ଓ ପାଣି ସାହାଯ୍ୟରେ ସଫାକର | ଧଳା କାର୍ପାସ ବସ୍ତ୍ର ପ୍ରଣାଳୀ ସହ ସମାନ |
| | **ପୁରୁଣା**<br>ମିଥାଇଲ ସ୍ପିରିଟ୍ ଦ୍ୱାରା ଟିପିଟିପି ସଫାକର। | ଧଳା କାର୍ପାସ ପଦ୍ଧତି ସହିତ ସମାନ |

| | | |
|---|---|---|
| ପାନ | **ସଦ୍ୟ**<br>ପିଆଜ ପେଷ୍ଟ ମିଶାଇ ଖରାରେ ରଖ | ଧଳା କାର୍ପାସ ପ୍ରଣାଳୀ ସହିତ ସମାନ, କିନ୍ତୁ ଖରାରେ ନରଖି ଛାଇ ରେ ରଖ। |
| | **ପୁରୁଣା**<br>ଉପରୋକ୍ତ ପଦ୍ଧତି ଦୁଇତିନିଥର ପ୍ରୟୋଗ କର | ଧଳା କାର୍ପାସ ପ୍ରଣାଳୀ ସହିତ ସମାନ |
| କାଳି | **ସଦ୍ୟ**<br>ଥଣ୍ଡା ପାଣି ଓ ସାବୁନରେ ସଫାକର | ଧଳା କାର୍ପାସ ପ୍ରଣାଳୀ ସହିତ ସମାନ |
| | **ପୁରୁଣା**<br>(କ)ଅଧଘଣ୍ଟା ପର୍ଯ୍ୟନ୍ତ ଘୋଳଦହିରେ ବୁଡ଼ାଇ ରଖ<br>(ଖ) ଲେମ୍ବୁରସ ଓ ଲୁଣ ଲଗାଇ ଖରାରେ ରଖ<br>(ଗ) ବିରଞ୍ଜନ କରିଦିଅ | ଧଳା କାର୍ପାସ ପ୍ରଣାଳୀ ସହିତ ସମାନ, କିନ୍ତୁ ଖରାରେ ନରଖି ଛାଇ ରେ ରଖ। |

### ୯.୩.୩ ଦାଗ ଛଡ଼ାଇବା ସମୟରେ ନିମ୍ନଲିଖିତ ସତର୍କତା ଅବଲମ୍ବନ କରିବ

- ଯେତେ ଦୂର ସମ୍ଭବ ଦାଗ ଲାଗିବା ସଙ୍ଗେ ସଙ୍ଗେ ତାକୁ ଛଡ଼ାଅ।
- ସୂକ୍ଷ୍ମ ଏବଂ ରଙ୍ଗିନ୍ ବସ୍ତ୍ର ପାଇଁ ପ୍ରଥମେ ରାସାୟନିକ ପଦାର୍ଥ କୁ ଦେଖାଯାଉନଥିବା ଅଂଶ କିମ୍ବା ଓଲଟା ପଟରେ ଲଗାଇ କପଡ଼ାଟି ନଷ୍ଟ ହେଉଛି କି ନାହିଁ ଲକ୍ଷ୍ୟ କର। ନଷ୍ଟ ହେଉଥିଲେ ବ୍ୟବହାର କରନାହିଁ।
- ତରଳ ଏବଂ ମୃଦୁ ବିକାରକ, ଦାଗ ଦୂର କରିବାରେ ଯଦିଚ ଅଧିକ ସମୟ ନେଇଥାଏ, ଏହ ବସ୍ତ୍ରକୁ କ୍ଷତି ପହଞ୍ଚାଇ ନଥାଏ।
- ଦାଗ ଦୂରୀକରଣ ପରେ ବସ୍ତ୍ରକୁ ବାରମ୍ବାର ଧୋଇବା ଦରକାର, ନହେଲେ ଏହି ରାସାୟନିକ ପଦାର୍ଥ ବସ୍ତ୍ର ଉପରେ ଲାଗିରହି ଶୁଖିବା ପରେ ତନ୍ତୁକୁ ନଷ୍ଟ କରିଦିଏ।

### ତୁମ ପାଇଁ କାର୍ଯ୍ୟ ୯.୩

ସାଇନା ତା'ର ସାକ୍ଷାତକାର ପାଇଁ ଗୋଟିଏ ସୁନ୍ଦର ଧଳା ରେଶମର ପୋଷାକଟିଏ ପିନ୍ଧିଥିଲା ଯେପରି ତାହା ନଷ୍ଟ ନହୁଏ ସେଥିପାଇଁ ଖୁବ୍ ଯତ୍ନବାନ ଥିଲା। ସାକ୍ଷାତକାର କାର୍ଯ୍ୟ ସରିଲା ପରେ ସେ ଘରକୁ ଫେରି ପୋଷାକ ବଦଳାଇଲା କିନ୍ତୁ ପୋଷାକଟିକୁ ସଜାଡ଼ି ରଖିବା ସମୟରେ ଦେଖିଲା ସେଥିରେ ଗୋଟିଏ ବଡ଼ ଆକାରର ତରାକରୀ ଦାଗ ଲାଗିଛି। ସେତେବେଳେ ସେ ବହୁତ କ୍ଳାନ୍ତ ଥିବାରୁ ଦାଗଟିକୁ ସଫା ନକରି ରଖିଦେଲା। ପରଦିନ ସକାଳେ ସେ ତରକାରୀ ଦାଗ ଉପରେ କିଛି ଟାଲ୍‌କମ୍ ପାଉଡ଼ର ଛିଞ୍ଚି ରଖିଦେଲା। ତା'ପରେ ସେ ପୋଷାକଟିକୁ ଖୁବ୍ ଗରମ ହୋଇଥିବା ଗାଢ଼ ପରିଷ୍କାର ଦ୍ରବଣରେ ଏକ ଘଣ୍ଟା ଧରି ଭିଜାଇ

ଟିପ୍ପଣୀ



ରଖିଲା । ତାହାପରେ ପୋଷାକଟିକୁ ତାରରେ ଭଲଭାବରେ ଶୁଖିଲା ପର୍ଯ୍ୟନ୍ତ ଟାଙ୍ଗି କରି ରଖିଲା କିନ୍ତୁ ଦାଗଟି ସେହିପରି ଥିଲା । ଯଦିଓ ସାମାନ୍ୟ ଫିକା ହୋଇଯାଇଥିଲା । ସେ ପୁଣି ଦାଗ ସ୍ଥାନଟିରେ ହାଇଡ୍ରୋଜେନ୍‌ପେରୋକ୍ସାଇଡ୍ ଲଗାଇଲା, ଏଥିରେ ଦାଗଟି ପୁରାପୁରି ଛାଡ଼ିଗଲା । ଦାଗ ଛାଡ଼ିଗଲା ପରେ ପୋଷାକଟିକୁ ବାରମ୍ବାର ଭଲଭାବରେ ଧୋଇ ରାସାୟନିକ ଅଂଶ ବାହାର କରିଦେଲା ଏବଂ ତାକୁ ଛାଇ ଯାଗାରେ ଶୁଖାଇଦେଲା ।

ଦାଗ ଛଡ଼ାଇବା ପାଇଁ ସାଇନା ଯେଉଁ ଯେଉଁ ଉପାୟ ପର୍ଯ୍ୟାୟକ୍ରମେ ଅବଲମ୍ବନ କଲା ତାହା ଲେଖ ଏବଂ ତାହା ଠିକ୍ କି ଭୂଲ ଲେଖି ତୁମ ଉତ୍ତରର କାରଣ ଦର୍ଶାଅ ।

| କ୍ରମିକ ସଂଖ୍ୟା | ସୋପାନ | ଠିକ୍ | ଭୁଲ୍ | କାରଣ |
|---|---|---|---|---|
| ୧ | | | | |
| ୨ | | | | |
| ୩ | | | | |

## ପାଠଗତ ପ୍ରଶ୍ନାବଳୀ ୯.୩

*ନିମ୍ନରେ ଦିଆଯାଇଥିବା ଦାଗ ଛଡ଼ାଇବା ପଦ୍ଧତି ମଧ୍ୟରୁ ଉପଯୁକ୍ତ ଉତ୍ତରଟି ବାଛ ।*

**(କ) ଧଳା କାର୍ପାସ କପଡ଼ା ଉପରେ ପୁରୁଣା ଚା ଦାଗ**

(୧) ଲୁଣ ପାଣି ବ୍ୟବହାର କର ।

(୨) ଗ୍ଲିସେରିନ୍ ରେ ବୁଡ଼ାଅ ।

(୩) ଲେମ୍ବୁରସରେ ବୁଡ଼ାଅ ।

(୪) ଗରମ ପାଣି ବୋରାକ୍ସ ଉପରେ ଢାଳ ।

**(ଖ) ରଙ୍ଗୀନ କାର୍ପାସ ବସ୍ତ୍ର ଉପରେ ପୁରୁଣା ରକ୍ତ ଦାଗ**

(୧) ଲୁଣପାଣି ବ୍ୟବହାର କର ।

(୨) ଗ୍ଲିସେରିନରେ ବୁଡ଼ାଅ ।

(୩) ଗରମ ପାଣିରେ ବୁଡ଼ାଅ ।

(୪) ଗରମ ପାଣି ଓ ସାବୁନରେ ସଫାକର ।

**(ଗ) ଲିପଷ୍ଟିକ୍ ଦାଗ**

(୧) ଲୁଣପାଣି ବ୍ୟବହାର କର ।

(୨) ଗ୍ଲିସେରିନରେ ଭିଜାଅ ।

(୩) ମେଥିଲେଟେଡ୍ ସ୍ପିରିଟ୍‌ରେ ବୁଡ଼ାଅ ।

(୪) ଗରମ ପାଣି ଓ ସାବୁନରେ ସଫାକର ।

**(ଘ) କଳଙ୍କି ଲାଗିବା**

(୧) ଲୁଣ ପାଣି ବ୍ୟବହାର କର।

(୨) ଲେମ୍ବୁରସ ଓ ଲୁଣ ବ୍ୟବହାର କର।

(୩) ମେଥିଲେଟେଡ ସ୍ପିରିଟ୍ ରେ ବୁଡ଼ାଅ।

(୪) ଥଣ୍ଡାପାଣି ଓ ସାବୁନ ରେ ସଫାକର।

**(ଙ) ପଲିଷ୍ଟର ବସ୍ତ୍ର ଉପରେ ନେଲ୍ ପଲିସର ଦାଗ**

(୧) ମେଥିଲେଟେଡ଼ ସ୍ପିରିଟ୍‌ରେ ଭିଜାଅ।

(୨) ଉଷୁମ ବୋରାକ୍ସ ପାଣିରେ ଭିଜାଅ।

(୩) ଲେମ୍ବୁରସ ଏବଂ ଲୁଣକୁ ଘଷ।

(୪) ଉଷୁମ ସାବୁନ୍ ପାଣିରେ ବତୁରାଅ।

ବସ୍ତ୍ରରୁ ଦାଗ ଦୂରୀକରଣ ପରେ ତାହାକୁ ଧୌତି କରାଯାଏ। ପରବର୍ତ୍ତୀ ଅଧ୍ୟାୟରେ ବିଭିନ୍ନ ପ୍ରକାର ବସ୍ତ୍ର ପାଇଁ ଭିନ୍ନ ଭିନ୍ନ ପ୍ରଣାଳୀର ବସ୍ତ୍ର ଧୌତି ପ୍ରଣାଳୀ ଉପରେ ଆଲୋଚନା କରାଯାଇଛି।

## ୯.୪ ବସ୍ତ୍ର ଧୌତି

**ନିମ୍ନଲିଖିତ ସୋପାନ ଗୁଡ଼ିକ ବସ୍ତ୍ରଧୌତିରେ ଅର୍ନ୍ତଭୂକ୍ତ**




### ୯.୪.୧ ଭିଜାଇବା

କପଡ଼ାକୁ ପାଣିରେ ଭିଜାଇବା ଦ୍ୱାରା, ପାଣି ତନ୍ତୁରେ ପଶି ଲାଗିଥିବା ଧୂଳି ଗୁଡ଼ିକୁ ଉପରକୁ ନେଇଆସେ, ଦୁର୍ବଳ କପଡ଼ାକୁ ବେଶୀ ସମୟ ଭିଜାଇବା ଉଚିତ୍ ନୁହେଁ। ଗୋଟିଏ ବଡ଼ ପାତ୍ରରେ ଲୁଗାପଟା ଭିଜାଇବା ଦରକାର। ଯାହାଦ୍ୱାରା ଲାଭତ୍‌ବା ଧୂଳି ବାହାରକୁ ବାହରିବା ପାଇଁ ଜାଗା ପାଇବ। ଲୁଗାପଟା ଗୁଡ଼ିକୁ ଅଧଘଣ୍ଟାରୁ ଅଧିକ ସମୟ ଭିଜାଇଲେ, ମଇଳା ଓ ଧୂଳି ଗୁଡ଼ିକ ଶୁଣି ଥରେ ଲୁଗାପଟାରେ ଜମି ଯିବ।



ଚିତ୍ର. ୯.୯ ଭିଜାଇବା

## ୯.୪.୨ ସଫାକରିବା

ଭିଜାଯାଇଥିବା ଲୁଗା ଶିଘ୍ର ସଫା କରିବା ଉଚିତ୍ ସଫାକରିବା ଦ୍ୱାରା ଭିଜାଯାଇଥିବା ଲୁଗାରୁ ମଇଳା ଭଲ ରୂପେ ବାହାର କରିହୁଏ । ବହୁତ ପ୍ରକାର ପଦ୍ଧତିରେ ଲୁଗା ସଫା କରାଯାଇ ପାରିବ । ତୁମେ ବର୍ତ୍ତମାନ ଭିନ୍ନ ଭିନ୍ନ ପ୍ରକାରର ବସ୍ତ୍ର ପାଇଁ ଭିନ୍ନ ଭିନ୍ନ ସଫାକରିବା ପଦ୍ଧତି ବିଷୟରେ ଜାଣିବ ।



ଚିତ୍ର ୯.୧୦ ସଫା କରିବା

## ସଫା କରିବା ପଦ୍ଧତି

**(କ) ଘର୍ଷଣ ପ୍ରଣାଳୀ :** କାର୍ପାସ ପରି ସଜଭୂତ ବସ୍ତ୍ର ସଫାକରିବା ପାଇଁ ଏହି ପ୍ରଣାଳୀ ଉତ୍ତମ ଅଟେ । ତୁମେ ନିମ୍ନଲିଖିତ ଯେ କୌଣସି ପ୍ରଣାଳୀ ମାଧ୍ୟମରେ  ଘର୍ଷଣ କରିପାରିବ ।

**ହସ୍ତଦ୍ୱାରା ଘର୍ଷଣ :** ଏହା ଲୁଗା ସଫାକରିବାର ଏକ ସାଧାରଣ ଉପାୟ । ବସ୍ତ୍ରର ଅତି ଅପରିଷ୍କାର ହୋଇଥିବା ଜାଗାଟିକୁ ଦୁଇ ହାତରେ ଜୋରରେ ମଇଳା ନ ଛାଡ଼ିବା ପର୍ଯ୍ୟନ୍ତ ଘଷାଯାଏ ।ଏହି ପଦ୍ଧତିରେ ପୋଷାକର ଛୋଟ ଛୋଟ ଜାଗା ଯଥା- କଲାର, ହାତ ଗଣ୍ଠି, ଲୁଗାର ତଳପଟ । ରୁମାଲ୍ ଓ ଲେସ୍ ଲାଗିଥିବା ସ୍ଥାନ ଗୁଡ଼ିକୁ ସଫା କରିହୁଏ ।

**ବ୍ରସ୍ ଦ୍ୱାରା ଘର୍ଷଣ :**



ଚିତ୍ର ୯.୧୧ ପଟା ଦ୍ୱାରା ଘର୍ଷଣ

ରୋଷେଇ ଘର ସଫା କନା ଏହି ପଦ୍ଧତିରେ ପରିଷ୍କାର କରାଯାଇଥାଏ । କନାକୁ ଏହି ସମତଳ ପଟା ଉପରେ ରଖି, ତା ଉପରେ ବ୍ରସ୍ ଘଷାଯାଏ । ଜୋରରେ ବ୍ରସ୍ ରେ ଘଷିଲେ ଲୁଗା ଛିଣ୍ଡିଯାଇପାରେ । ତୁମେ ଲକ୍ଷ୍ୟ କରିଥି, ସାର୍ଟ କଲାର କୁ ବ୍ରସ୍ ରେ ଘଷିଲେ ଶୀଘ୍ର ଛିଣ୍ଡିଯାଏ, ତେଣୁ ବସ୍ତ୍ରର ଗୁଣ ଅନୁଯାୟୀ ବ୍ରସ ବ୍ୟବହାର କରିବା ଉଚିତ୍ ।

**ପିଟଣା ବ୍ୟବହାର:** ବଡ଼ବଡ଼ ଜିନିଷ ତଥା ବିଛଣା ଚାଦର, ତଉଲିଆ ପ୍ରଭୃତିକୁ ପିଟଣା ସାହାଯ୍ୟରେ ସଫାକରାଯାଏ । ସାବୁନ ଲଗାଯାଏ, ତା ପରେ ତାକୁ ବାରମ୍ବାର ଲେଉଟେଇ ପିଟଣାରେ ପିଟାଯାଏ ।

**(ଖ) ଦଳିଘଷି ସଫାକରିବା :** ଏହି ପ୍ରଣାଳୀ ସୂକ୍ଷ୍ମ ବସ୍ତ୍ର ପାଇଁ ପ୍ରୟୋଜନ ହୁଏ । ଯଥା : ରେଶମ, ପଶମ, ରେୟନ ଇତ୍ୟାଦି, ଏହାଦ୍ୱାରା ବସ୍ତ୍ରର କୌଣସି କ୍ଷତିହୁଏ ନାହିଁକି ଆକାରରେ ପରିବର୍ତ୍ତନ ହୁଏ ନାହିଁ । କେବଳ ଲଘୁ ଚାପ ପ୍ରୟୋଗ କରି ହାତରେ ଦଳି, ସାବୁନ ପାଣି ଭିତରେ ସଫା କରାଯାଏ । ଏହି ପଦ୍ଧତି ରେ ଲୁଗା ସଫା କରିବା ସମୟରେ ବାରମ୍ବାର ଲୁଗାକୁ ସାବୁନ ପାଣିରୁ ବାହାରକୁ ଆଣି ପୁନଶ୍ଚ ସାବୁନ୍ ପାଣିରେ ବୁଡ଼ାଇବାକୁ ହୋଇଥାଏ । ବାହାରକୁ ଲୁଗା ଆଣିବା ସମୟରେ ସେଥିରେ ଥିବା ମଇଳା ଅଂଶକୁ ହାତରେ ଘଷି ସଫା କରାଯାଇଥାଏ । ଏହି ପଦ୍ଧତିରେ ଲୁଗା ସଫାହେଲା ପର୍ଯ୍ୟନ୍ତ ସାବୁନ୍ ବାରମ୍ବାର ଲଗାଇବାକୁ ପଡ଼ିଥାଏ ।

ଚିତ୍ର ୯.୧୦ ଦଳିଘଷି ସଫା କରିବା

**(ଗ) ଯନ୍ତ୍ର ଦ୍ୱାରା ସଫା କରିବା:** ବସ୍ତ୍ର ଧୌତି ଯନ୍ତ୍ର ଏକା ଶକ୍ତି ସଞ୍ଚୟକାରୀ ଯନ୍ତ୍ର ଅଟେ ଏବଂ ଏହା ଲୁଗାପଟାକୁ ଭଲଭାବରେ ଦରକାର ଅନୁଯାୟୀ ଘଷି ସଫାକରିଥାଏ। ସଫାକରିବାର ସମୟ, ଲୁଗାରେ ଜମିଥିବା ମଇଳା ଓ ଲୁଗାର ଗୁଣ ଅନୁଯାୟୀ ଭିନ୍ନ ଭିନ୍ନ ହୋଇଥାଏ। ଉଦାହରଣସ୍ୱରୂପ କାର୍ପାସ ବସ୍ତ୍ର ଅପେକ୍ଷା ପଶମ ବସ୍ତ୍ରର ସଫାକରିବା ସମୟ କମ୍। ବଜାରରେ ବିଭିନ୍ନ ପ୍ରକାରର ବସ୍ତ୍ରଧୋତି ଯନ୍ତ୍ର ମିଳୁଛି । ଯଥା ଅଟୋମେଟିକ୍ ସେମିଅଟୋମେଟିକ୍ ଓ ନନ୍ ଅଟୋମେଟିକ୍ ବସ୍ତ୍ର ଧୋତି ଯନ୍ତ୍ରଦ୍ୱାରା ଲୁଗା ସ୍ପିନର ଦ୍ୱାରା ଭଲ ଭାବରେ ଦରଶୁଖା ହୋଇଯାଏ। ତେଣୁ ବଡ଼ ବଡ଼ ବସ୍ତ୍ର ଯଥା:- ଚଦର, ବେଡ଼ସିଟ୍ ପରଦା ଇତ୍ୟାଦି ସଫା କରିବା ସମୟରେ ବହୁତ କାମରେ ଆସେ। ବସ୍ତ୍ରଧୋତି ଯନ୍ତ୍ର ନିର୍ଦ୍ଦେଶନାମା ଅନୁଯାୟୀ କାର୍ଯ୍ୟ କରିବା ଉଚିତ୍। ବସ୍ତ୍ର ଧୋତି ଯନ୍ତ୍ରରେ ଲୁଗା ସଫା କରିବା ସମୟରେ, ଗୋଟିଏ ଧ୍ୟାନ ରଖିବା ଉଚିତ୍, ଯେପରି ଗୋଟିଏ ରଙ୍ଗର ଲୁଗା ଅନ୍ୟ ଲୁଗାରେ ନଲାଗେ।

ଚିତ୍ର ୯.୧୩ ଯନ୍ତ୍ରଦ୍ୱାରା ସଫାକରିବା

## ୯.୪.୩ ଧୋଇବା :

ଲୁଗାପଟା ଗୁଡ଼ିକୁ ସଫା କରିସାରିବା ପରେ ନିହାତି ତିନିଥର ପରିଷ୍କାର ପାଣିରେ ବୁଡ଼ାଇ ଧୁଅ, ଯେପରି ସେଥିରୁ ସମସ୍ତ ସାବୁନ ପାଣି ବାହାରିଯିବ। ନ ହେଲେ, ତାହା ଲୁଗାର କ୍ଷତି କରିବ।



ଚିତ୍ର ୯.୧୪ ଧୋଇବା

## ୯.୪.୪ ବସ୍ତ୍ରଧୋତି ପରିପାଟୀ ଅଭିବୃଦ୍ଧି ପଦାର୍ଥ:

ପରିସମାପ୍ତି ଜିନିଷ, ବସ୍ତ୍ର ଶୁଖାଲା ପୂର୍ବରୁ ବ୍ୟବହୃତ କରାଯାଏ ଯଥା ମଣ୍ଡ, ନୀଳ, ଇତ୍ୟାଦି ଏହା ବସ୍ତ୍ରକୁ ଉଜ୍ଜ୍ୱଳ ଓ ସତେଜ କରିଥାଏ। କାର୍ପାସ ବସ୍ତ୍ର ପାଇଁ ମଣ୍ଡ ଓ ନୀଳ ବ୍ୟବହୃତ ହୋଇଥାଏ। ରେଶମ ବସ୍ତ୍ର ପାଇ ଗମ୍ ଆରବିକ ମଣ୍ଡ ବ୍ୟବହୃତ କରାଯାଇଥାଏ, ଏହି ଅଧ୍ୟାୟରେ ଆମେ ଏଗୁଡ଼ିକ ବିଷୟରେ ପଢ଼ିବା।

## ୯.୪.୫ ଶୁଖାଇବା :

ଲୁଗା ଗୁଡ଼ିକୁ ଖରା ଓ ଶୁଦ୍ଧ ବାୟୁରେ ଶୁଖାବା ଉଚିତ୍। ବସ୍ତ୍ରଗୁଡ଼ିକୁ ମେଲାକରି, କ୍ଲିପ୍ (କଳଙ୍କି ଲାଗୁନଥିବା) ଦ୍ୱାରା ଶୁଖାଇବା ଉଚିତ। ବସ୍ତ୍ରର ଗୁଣ ଅନୁଯାୟୀ ଏହାକୁ ଖରା ବା ଛାଇରେ ଶୁଖାଇବା ଉଚିତ୍। ରଙ୍ଗୀନ୍ ବସ୍ତ୍ରଗୁଡ଼ିକୁ ଓଲଟା ଶୁଖାଇବା ଉଚିତ୍। ଖରାରେ ବସ୍ତ୍ର ଶୁଖାଇଲେ ଏହା ଜୀବାଣୁ ମୁକ୍ତ ହୋଇଥାଏ।



ଚିତ୍ର ୯.୧୫ ଶୁଖାଇବା

## ୯.୪.୬ ଇସ୍ତ୍ରୀ କରିବା ବା ବାଷ୍ପଦ୍ୱାରା ମସୃଣ କରିବା ଏବଂ ଭାଙ୍ଗିବା

ଲୁଗାର ମସୃଣତା ବଜାୟ ରଖିବା ପାଇଁ ଏହି ପଦ୍ଧତି ଅନୁସରଣ କରାଯାଏ। ଏଥିରେ ବିଜୁଳି ବା କୋଇଲା ଇସ୍ତ୍ରୀ ବ୍ୟବହାର କରାଯାଏ। ବଜାରରେ ବହୁତ ପ୍ରକାର ବୈଦ୍ୟୁତିକ ଇସ୍ତ୍ରୀ ମିଳୁଛି। ଏହି ଇସ୍ତ୍ରୀ ଗୁଡ଼ିକର ସମତଳ ଭାଗ ଟେଫଲନ୍ ଧାତୁ ନିର୍ମିତ ଓ ଏଥିରୁ ବାଷ୍ପ ବାହାରିପାରେ। ଇସ୍ତ୍ରୀରେ ଦେଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ଏଗୁଡ଼ିକୁ ବ୍ୟବହାର କରିବା ଉଚିତ।

ଚିତ୍ର ୯.୧୬ ଇସ୍ତ୍ରୀ କରଣ

## ୯.୪.୭ ସାଇତି ରଖିବା:

ମନେରଖ ଯେ ଭଲଭାବରେ ଶୁଖିବାପରେ ଲୁଗା କୁ ଆଲମିରା କିମ୍ବା ବାକ୍ସରେ ରଖାଯାଇଥାଏ। ଯଦି ଲୁଗା ଅଳ୍ପ ଓଦା ଥାଇ, ଇସ୍ତ୍ରୀ କରାଯାଇଥାଏ, ତେବେ ସେ ଲୁଗାକୁ ଭଲ ଭାବରେ ଶୁଖାଇ ସାଇତା ହୋଇପାରେ।

> **ଓଦାଲୁଗା ସାଇତା ହୋଇ ରହିଲେ, ସେଥିରେ ଫିମ୍ପିଲାଗଯିବା ସମ୍ଭାବନାଥାଏ ଓ ଏଥିରେ ଜୀବାଣୁ ବଢ଼ିପାରନ୍ତି ।**

## ତୁମପାଇଁ କାର୍ଯ୍ୟ ୯.୪

ଏକଦା ଶୀତଦିନ, ସନ୍ଧ୍ୟା ସମୟରେ ଭେଙ୍କଟ ଗୋଟିଏ ସୁନ୍ଦର ଖଦି ପଞ୍ଜାବୀ ପିନ୍ଧି ଭୋଜିକୁ ଯାଇଥିଲା। ଘରକୁ ଫେରିବା ବାଟରେ ହଠାତ୍ ବର୍ଷା ହେଲା। ପଞ୍ଜାବୀଟି ସାମାନ୍ୟ ଓଦା ହୋଇଗଲା। ସେ ତାର ପ୍ରିୟ ପଞ୍ଜାବୀକୁ ସାଙ୍ଗେ ସାଙ୍ଗେ ଓହ୍ଲାଇ ଭାଙ୍ଗି ଆଲମିରାରେ ରଖିଦେଲା। କିଛିଦିନ ପରେ ସେ ତାର ପଞ୍ଜାବୀ ଉପରେ କିଛି ଧଳା ଗୁଣ୍ଡ ପରି ପଦାର୍ଥ ଓ ଦାଗ ଦେଖି ଆଶ୍ଚର୍ଯ୍ୟ ହୋଇଗଲା। ଏହା ମଧ୍ୟ ଗନ୍ଧ କରୁଥିଲା। ତା ମନ ବହୁତ ଦୁଃଖ ହୋଇଗଲା କାରଣ ଜାଣିପାରିଲା ଯେ ତାର ମନପସନ୍ଦର କୁର୍ତ୍ତାଟି ପୁରାପୁରି ନଷ୍ଟ ହୋଇଯାଇଛି।

ତୁମେ ତୁମର ସାଙ୍ଗ ସାଙ୍ଗରେ ବ୍ୟକ୍ତିଗତ ଭାବେ ଏହି ବିଷୟରେ ଆଲୋଚନା କର। ଏବଂ ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ଦିଅ।

(କ) ଭେଙ୍କଟର ପଞ୍ଜାବୀ କାହିଁକି ନଷ୍ଟ ହେଲା ବୋଲି ତୁମେ ଭାବୁଛ ?

(ଖ) ତୁମେ ଯଦି ତା ଅବସ୍ଥାରେ ଥାଆନ୍ତ ତେବେ ସେହି ଖଦି କୁର୍ତ୍ତାକୁ ନଷ୍ଟ ନହେବା ପାଇଁ କଣ କରିଥାନ୍ତ ?

## ୯୫.୧ ନିର୍ଦ୍ଦିଷ୍ଟ ପ୍ରକାର ବସ୍ତ୍ରର ଧୋତି

ତୁମେ ଲୁଗା କିପରି ପରିଷ୍କାର କରାଯାଏ ସେ ବିଷୟରେ ଜାଣିଲ କିନ୍ତୁ ଏତିକି ଜ୍ଞାନ ଦ୍ୱାରା ତୁମେ କ'ଣ ସବୁପ୍ରକାର ପୋଷାକ ପତ୍ର ନିଜ ଘରେ ସଫା କରିପାରିବ ?ଚାଲ, ଘରେ କିପରି ଆମେ ମଇଳା ଲୁଗାପଟା ସଫାକରିବା, ସେ ବିଷୟରେ କିଛି ଜାଣିବା।

(କ) କାର୍ପାସ ଅନ୍ତଃବସ୍ତ୍ର ଯଥା: ପାଇଜାମା, ଶାଲଓ୍ୱାର, ସାୟା, ଜାମା, ରୋଷେଇ ଘର ପୋଛା କନା, ବିଛଣା, ଚଦର ତକିଆ ଖୋଳ ପ୍ରଭୃତି।

(ଖ) ରଙ୍ଗୀନ କାର୍ପାସ ବସ୍ତ୍ର ଗୁଡ଼ିକ ହେଲା, ଶାଢ଼ୀ, ବ୍ଲାଉଜ, ଓଢ଼ଣୀ, ପ୍ରଭୃତି

(ଗ) କୃତିମ ବସ୍ତ୍ରଗୁଡ଼ିକ ହେଲା ସାର୍ଟ, ଶାଢ଼ୀ ଓଢ଼ଣୀ, ବ୍ଲାଉଜ, ମୋଜା ପ୍ରଭୃତି

(ଙ) ରେଶମର ଶାଢ଼ୀ ଓ ବ୍ଲାଉଜ

(ଚ) ପଶମର ସ୍ୱେଟର, ସାଲ, ମଫଲର୍

ବହୁତ ମଇଳା ଥିବା ଲୁଗାକୁ ଅଳ୍ପ ମଇଳା ଥିବା ଲୁଗାଠାରୁ ଅଲଗା କର। ଯଦି କିଛି ମରାମତି କରିବାର ଥାଏ ତେବେ ମରାମତି କର, କିମ୍ବା ଯଦି କିଛି ଦାଗ ଲଗି ଥାଏ। ତେବେ ତାକୁ ଛଡ଼ାଅ। ଯଦି ଲୁଗାରେ ନିର୍ଦ୍ଦେଶନାମା ଥାଏ (lable) ତେବେ ତାହା ଅନୁଯାୟୀ ଲୁଗା ସଫାକର। ତୁମେ ଏବେ ତା ପର ପଦକ୍ଷେପ ନେଇ ପାରିବ। ଚାଲ ଏବେ ଗଦା ହୋଇଥିବା ଲୁଗାଗୁଡ଼ିକ ଗୋଟେ ଗୋଟେ କରି ଅଲଗା ଅଲଗା କରିବା।

### କାର୍ପାସ ବସ୍ତ୍ର ଧୋତି

(କ) **ଭିଜାଇବା:** ତୁମେ କାହିଁକି ଓ କିପରି କାର୍ପାସ ବସ୍ତ୍ର ଗୁଡ଼ିକୁ ଧୋଇବ, କେବଳ ଧଳା କାର୍ପାସ ଗୁଡ଼ିକରୁ ଧୂଳି ଛଡ଼ାଇ୍ବା ପାଇଁ ଭିଜାଯାଏ। ସେଥିରେ ଲାଗିଥିବା ମଇଳା ଅନୁଯାୟୀ ସେଗୁଡ଼ିକୁ ଉଷୁମ ପାଣି ବା ଗରମ ପାଣିରେ ଅଧଘଣ୍ଟା ପର୍ଯ୍ୟନ୍ତ ବୁଡ଼ାଯାଏ। ବହୁତ ଅପରିଷ୍କାର ଲୁଗାକୁ ଅଲଗାରେ ବତୁରାଅ, ହଁ ଏହାର ଦୁଇଟି କାରଣ ଅଛି, ପ୍ରଥମତଃ ବହୁତ ମଇଳା ଲାଗିଥିବା ଲୁଗାକୁ ବେଶୀ ସମୟ ସାବୁନପାଣିରେ ବତୁରେଇବା ଦରକାର ଏବଂ ଦ୍ୱିତୀୟତଃ ବେଶୀ ମଇଳା ହୋଇଥିବା ଲୁଗାରୁ ମଇଳା ବାହାର କମ୍ ମଇଳା ଲୁଗାକୁ ଆହୁରି ମଇଳା କରିଦେବ। ବତୁରାଯାଇଥିବା ଲୁଗାକୁ ସଫାକରିବା ସୁବିଧା ଜନକ ଅଟେ। ଏକା ସାଙ୍ଗରେ ବହୁତ ଲୁଗା ବତୁରାଅ ନାହିଁ କାହିଁକି ଜାଣିଛ ?

(ଖ) **ସଫାକରିବା:** ସବୁ ଧଳା କାର୍ପାସ ବସ୍ତ୍ର ଗୁଡ଼ିକ ସାବୁନ ପାଣିରେ ଭିଜାଅ, ଅଧିକ ମଇଳା ହେଉଥିବା ସ୍ଥାନ ସାବୁନରେ ଘଷି ସଫାକର। ଅଳ୍ପ ମଇଳା ହୋଇଥିବା ବସ୍ତ୍ରକୁ ଦଳିଚିପି ଓ ଚିପୁଡ଼ିବା ପଦ୍ଧତିରେ ସଫାକର, ବଡ଼ବଡ଼ ଓଜନିଆ କାର୍ପାସ ବସ୍ତ୍ରକୁ ପିଟଣା ସାହାଯ୍ୟରେ ସଫାକର, ଅତି ଅପରିଷ୍କାର ହୋଇଥିବା ସ୍ଥାନକୁ ହାତରେ କିମ୍ବା ବ୍ରସ୍ ରେ ଘଷି ସଫାକର।

(ଗ) **ଧୋଇବା:** ଲୁଗାଟିକୁ ସଫା କରିବା ପରେ ଆମେ କାହିଁକି ଧୋଇବା ? ତୁମେ ଏବିଷୟରେ ଆଗରୁ ପଢ଼ିସାରିଛ, ମନେ ନ ପଡ଼ିଲେ ପୂର୍ବ ପାଠ ପଢ଼ିକରି ଶିଖ।

କାର୍ପାସ ବସ୍ତ୍ରର ସଫେଦତା ବିଦାୟ ରଖିବା ପାଇଁ ଧଳାକରୁଥିବା ଜିନିଷ ଦରକାର। ଏହା କ'ଣ ଓ କଣପାଇଁ ଏହା ବ୍ୟବହାର କରିବା। ନିକଟରେ ମିଳୁଥିବା ନୀଳ ଗୁଣ୍ଡ ବା ନୀଳ ଦ୍ରବଣ ବ୍ୟବହାର





କରିପାରିବା। ଆଜିକାଲି ଅପଟିକାଲ ବ୍ରାଇଟନର୍‌ର ମଧ୍ୟ ମିଳୁଛି। ଏହି ରଙ୍ଗହୀନ ପଦାର୍ଥ ରଙ୍ଗଛଡ଼ା ଧଳା କାର୍ପାସ ବସ୍ତ୍ରକୁ ଅଳ୍ପଦିନପାଇଁ ରଙ୍ଗଛଡ଼ା ଧଳା କରି ଦେଉଛି ଓ ଏଥିରେ ଚମକତା ଆଣି ଦେଉଛି।

(ଘ) **ମଣ୍ଡଦେବା:** ଧଳା ବସ୍ତ୍ର ଗୁଡ଼ିକୁ ଶୁଖାଇବା ପୂର୍ବରୁ ସେଥିରେ ମଣ୍ଡଦେବା ଦରକାର ହୋଇଥାଏ। ଏହା ବସ୍ତ୍ରକୁ ମସୃଣ ସତେଜ କରିବାରେ ସାହାଯ୍ୟକରେ, ମଣ୍ଡ ଦିଆଯାଇଥିବା ଲୁଗା ସହଜରେ ଅପରିଷ୍କାର ହୁଏନାହିଁ।

**ଦୁଇ ଟେବୁଲ ଚାମଚ ମଣ୍ଡ ସହିତ ୫ଲିଟର ପାଣି ମିଶାଅ। ଏତିକି ମିଶ୍ରଣରେ ୪ରୁ ୫ଟି ବସ୍ତ୍ରରେ ମଣ୍ଡ ଦିଆଯାଇପାରିବ।**

ତୁମେ ପାଳୁଅ (ଆରାରୁଟ୍) ବ୍ୟବହାର କରି ନିଜେ ମଣ୍ଡ ତିଆରି କରିପାରିବ।

- ଆରାରୁଟ୍‌କୁ ଅଳ୍ପ ଥଣ୍ଡା ପାଣି ମିଶାଇ ଏକ ବହଳିଆ ଦ୍ରବଣ ପ୍ରସ୍ତୁତ କର। ଏହାକୁ ଗରମ ପାଣିରେ ପକାଇ, ସ୍ୱଚ୍ଛ ହେଲା ପର୍ଯ୍ୟନ୍ତ ଘଣ୍ଟ। ଏବେ ତୁମର ମଣ୍ଡ ତିଆରି ହୋଇଗଲା।
- ଏବେ ଏହି ଦ୍ରବଣକୁ ପାଣିରେ ମିଶାଅ। ମଣ୍ଡର ସାନ୍ଦ୍ରତା ଲୁଗାର ସାନ୍ଦ୍ରତା, ଓ ମାତ୍ରା କେତେ ଟାଣ ଦରକାର ସେହି ଅନୁସାରେ ଦିଅ। ଲୁଗାଟିକୁ ପୁରା କଠିନ କରିବାକୁ ଥିଲେ, ମଣ୍ଡର ଦୁଇତିନି ଗୁଣ ପାଣି ମିଶାଅ, ମଧ୍ୟମ ଧରଣର କଠିନ ମଣ୍ଡପାଇଁ ମଣ୍ଡର ୪ରୁ ୬ଗୁଣ ପାଣି ମିଶାଅ।
- ଲୁଗାଟିକୁ ମଣ୍ଡଦେବା ପୂର୍ବ ଓଲଟାଇ ଦିଅ। ତା ପରେ ତାକୁ ସମାନ ଭାବରେ ପାଣିରେ ବୁଡ଼ାଅ। ତା'ପରେ ଚିପୁଡ଼ି ପୁଣି ଥରେ ମଣ୍ଡରେ ବୁଡାଅ।
- ତାକୁ ଭଲ ଭାବରେ ଚିପୁଡି ଖରାରେ ଶୁଖାଅ।

**ବି.ଦ୍ର :**

- ବ୍ୟକ୍ତିଗତ ପସନ୍ଦ ଅନୁସାରେ ବସ୍ତ୍ରକୁ କଠିନତା ପ୍ରଦାନ କରାଯାଏ। ସାଧାରଣତଃ ଟେବୁଲ ଢ଼ାଙ୍କଣା, ଥାଳି ଢ଼ାଙ୍କଣାରେ ବହୁତ ମଣ୍ଡ ଦିଆଯାଏ।
- ବ୍ଲାଉଜ୍ ସାୟା ଚିପା ପୋଷାକ ଗୁଡ଼ିକରେ ମଣ୍ଡ ଦିଆଯାଏ ନାହିଁ। କାରଣ ଏହା ଚର୍ମକୁ ସ୍ପର୍ଶ କରିଥାଏ, ତେବେ ଏକାଠି ମଣ୍ଡ ଓ ନୀଳକୁ ମିଶାଇ ଦ୍ରବଣ ପ୍ରସ୍ତୁତ କର।

**ମନେରଖ:** ଲୁଗା ଯଦି ଅଧିକ ପରିମାଣରେ ନୀଳ ରଙ୍ଗ ହୋଇଗଲା, ତେବେ ପାଣିରେ ଧଳା ଭିନେଗାର କିମ୍ବା ଲେମ୍ବୁରସ ମିଶାଅ ଏବଂ ଲୁଗାଟିକୁ ପୁଣି ଥରେ ଧୋଇଦିଅ। ଏପରି କରିବା ଦ୍ୱାରା ବସ୍ତ୍ରରେ ଲାଗିଥିବା ଅଧିକ ନୀଳ ବାହାରିଯିବ।

(ଙ) **ଶୁଖାଇବା:** ଲୁଗା ଧୁଆହେଲା ପରେ ନୀଳ ରଙ୍ଗ ଦେଇଥିବା ଲୁଗା ଓ ମଣ୍ଡ ଦିଆଯାଇଥିବା ଲୁଗା ଶୁଖାଯାଏ। ଲୁଗା ଶୁଖିଗଲା ପରେ ପରେ ଖରାରୁ ଆଣିବା ଦରକାର, ସୂର୍ଯ୍ୟ କିରଣ ତନ୍ତୁକୁ ଶକ୍ତିହୀନ କରିଦିଏ ଓ ଲୁଗାର ରଙ୍ଗ ଛାଡ଼ିଯାଏ।

(ଚ) **ଇସ୍ତ୍ରୀ କରିବା:** କାର୍ପାସ ବସ୍ତ୍ରକୁ ସାମାନ୍ୟ ଓଦା ଥିବା ଇସ୍ତ୍ରୀ କରାଯାଇଥାଏ କିନ୍ତୁ ସେଗୁଡ଼ିକ ଯଦି ମଣ୍ଡ ଦିଆଯାଇଥାଏ ତେବେ ଭଲ ଭାବରେ ଶୁଖିବା ଦରକାର। ଇସ୍ତ୍ରୀ କରିବା ଆଗରୁ ତା' ଉପରେ ପାଣି ଛିଞ୍ଚି, ଗୁଡ଼ାଇ କରି କିଛି ସମୟ ରଖିଦିଆଯାଏ। ତାହା ପରେ ତାକୁ ଭଲଭାବରେ

ଗରମ ହୋଇଥିବା ଇସ୍ତ୍ରୀ ଦ୍ୱାରା ପାଲିସ୍ କରାଯାଏ। କିନ୍ତୁ ବାକ୍ସରେ କିମ୍ବା ଆଲମୀରାରେ ରଖିବା ପୂର୍ବରୁ ବାହାରେ କିଛି ସମୟ ପାଇଁ ଶୁଖାଇ ରଖାଯାଇଥାଏ।

(ଛ) **ସାଇତିବା:** ମନେରଖିବା ଦରକାର ଯେ କାର୍ପାସ ବସ୍ତ୍ର ଯଦି ସାମାନ୍ୟ ଓଦା ଅବସ୍ଥାରେ ରଖି ଦିଆଯାଏ ତେବେ ସେଥିରେ ଖୁବ୍ ଶିଘ୍ର ଧଳାଧଳା ଫିମ୍ପି ମାରିବା ପରି ଦାଗ ଦେଖାଯାଏ। ତେଣୁ ସାଇତି ରଖିବା ପୂର୍ବରୁ ସେଗୁଡ଼ିକ ଯେପରି ଭଲ ଭାବରେ ଶୁଖାଯାଏ, ତାହା ଦେଖିବା ଦରକାର।

## ରଙ୍ଗୀନ୍ କାର୍ପାସ ବସ୍ତ୍ର ଧୌତି :

- ରଙ୍ଗଛାଡୁଥିବା ଲୁଗାକୁ ଏକାଠି ମିଶାଇ ଭିଜାଅ ନାହିଁ ।
- ମୃଦୁ ସାବୁନ ବ୍ୟବହାର କର
- ଦଳି ଚିପି ଲୁଗା ସଫାକର
- ଭଲରେ ଲୁଗା ଧୁଆ, ଶେଷ ଧୁଆରେ ଲୁଗାକୁ ଓଲଟାଇ ମଣ୍ଡଦିଅ
- ଲୁଗା ଛାଇରେ ଶୁଖାଅ।
- ଲୁଗା ଅଳ୍ପ ଓଦା ଥିବା ସମୟରେ ଇସ୍ତ୍ରୀ କର।
- ପୁରାପୁରି ଶୁଖିଲା ଲୁଗାକୁ ସାଇତିରଖ।

## ପାଠଗତ ପ୍ରଶ୍ନାବଳୀ ୯.୪

**୧. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର :**

(କ) ବତୁରେଇବା ଦ୍ୱାରା ମଇଳା ________ ହୁଏ।
(ଢ଼ିଲା ହୋଇଯାଏ, ବସିଯାଏ, ଲାଗିକରି ରହେ)

(ଖ) କାର୍ପାସ ବସ୍ତ୍ର ________ ଦିଶିବା ପାଇଁ ମଣ୍ଡ ଦିଆଯାଏ (ନୀରସ, ଉଜ୍ଜ୍ୱଳ, ଟାଣ)

(ଗ) ________ କୁ ମଣ୍ଡ ଦେବା ଉଚିତ୍ ନୁହେଁ।
(ଟେବୁଲ୍ ଢ଼ାଙ୍କଣା, ଶାଢ଼ୀ, ଭିତରବସ୍ତ୍ର)

(ଘ) ରଙ୍ଗୀନ କାର୍ପାସ ବସ୍ତ୍ର ________ରେ ଶୁଖାଯିବା ଉଚିତ୍।
(ଖରା, ଛାଇ)

(ଙ) ବସ୍ତ୍ର ଅତ୍ୟଧିକ ସମୟ ଖରାରେ ଶୁଖାଇଲେ ________ ହୋଇଯାଏ। (ଉଜ୍ଜ୍ୱଳ, ଦୁର୍ବଳ, ହଳଦିଆ)

(ଚ) ବହୁତ ମଇଳା ଓ ଧଳା ଜିନିଷ ସଫା କରିବା ପାଇଁ ନିଶ୍ଚିତ ଭାବରେ ________ ବ୍ୟବହାର କରିବା ଉଚିତ (ଗରମ ପାଣି, ଥଣ୍ଡାପାଣି, ପରିଷ୍କାର ପାଣି)

(ଛ) କାର୍ପାସ ବସ୍ତ୍ର ଓଦା ଅବସ୍ଥାରେ ରଖିଦିଆଗଲେ, ସେଥିରେ ________ଦେଖାଦିଏ।
(ନୀରସ, ଉଜ୍ଜ୍ୱଳତା, ଫିମ୍ପି)

(ଜ) ଭଲଭାବରେ ଧୁଆ ହୋଇନଥିବା ବସ୍ତ୍ର ________ ହୋଇଥାଏ। (ଦୁର୍ବଳ, ହଳଦିଆ, ଉଜ୍ଜଳ)

(ଝ) ପୋଷାକ ପରିଛଦ ସଫାକରିବା ପୂର୍ବରୁ ________କରିବ (ନୀଳ ଦେବ, ମରାମତି କରିବ, ଇସ୍ତ୍ରୀ କରିବ)

(ଞ) ________ ବସ୍ତ୍ର ସଫାକରିବା ପୂର୍ବରୁ ବତୁରାଇବା ଉଚିତ୍ ନୁହେଁ। (ରଙ୍ଗୀନ୍, ଧଳା, ମଇଳା)

## କୃତ୍ରିମ ତନ୍ତୁ ନିର୍ମିତ ବସ୍ତ୍ରର ଧୌତି :

ନାଇଲନ୍, ପଲିଷ୍ଟର ଏବଂ ଆକ୍ରିଲିକ ତନ୍ତୁ ଗୁଡ଼ିକ କୃତିମ ତନ୍ତୁ ଅଟନ୍ତି। ସେଥିପାଇଁ ତନ୍ତୁ ତିଆରି ବସ୍ତ୍ରର ଧୋଇବା ପ୍ରଣାଳୀ ସାମନ୍ୟ ଅଲଗା ହୋଇଥାଏ।

- ଉଷୁମ ପାଣି ବା ଥଣ୍ଡା ପାଣି ବ୍ୟବହାର କର।
- ଗରମ ପାଣି ବ୍ୟବହାର କରନାହିଁ, କାହିଁକି ଜାଣିଛ କି ? କାରଣ ଏହା କୃତିମ ତନ୍ତୁକୁ ତରଳାଇ ନରମ କରିଦେବ ଏବଂ ଏଗୁଡ଼ିକ କୁଞ୍ଚ କୁଞ୍ଚ ହୋଇଯିବ।
- ସଫା କରିବା ସମୟରେ ମୃଦୁ ସାବୁନରେ ଘଷି, ହାଲକା ଭାବରେ ଦଳିଚିପି ସଫା କରିବ।
- ସାବୁନ ଅଂଶ ସମ୍ପୂର୍ଣ୍ଣ ଭାବେ ବାହାର କରିଦେବା ପାଇଁ ଭଲଭାବରେ ଥଣ୍ଡା ପାଣି ବ୍ୟବହାର କର।
- ଜୋର୍‌ରେ ଚିପୁଡ଼ ନାହିଁ। ନ ହେଲେ ଏହା ଲୋଚାକୋଚା ହୋଇଯିବ।
- ଗୋଟିଏ ହ୍ୟାଙ୍ଗର୍ ରେ ଏହାକୁ ଶୁଖାଅ। ଯଦ୍ୱାରା ଲୁଗାର ନିଜ ଆକାର ବଜାୟ ରଖି ପାରିବ।
- ଯଦି ଦରକାର ତେବେ ଉତ୍ତପ୍ତ ଇସ୍ତ୍ରୀ ବ୍ୟବହାର ନ କରି , ଅଳ୍ପ ଗରମ ଇସ୍ତ୍ରୀ ବ୍ୟବହାର କର। (ପରବର୍ତ୍ତୀ ଅଧ୍ୟାୟର ଦିଆଯାଇଥିବା ଉପଯୁକ୍ତ ତାପମାନ ବିଷୟ ଦେଖ) କାହିଁକି ମନେପକାଇ ପାରୁଛ କି ?
- ପୁରାପୁରି ଶୁଖିଗଲା ପରେ ସାଇତି ରଖ।

**ମନେରଖ:** ଟେରିକଟ୍ ଲୁଗାକୁ ମଧ୍ୟ କୃତିମ ଲୁଗା ଧୋତି ପ୍ରଣାଳୀରେ ସଫାକର।

## ରେଶମ ବସ୍ତ୍ର ଧୌତି:

- ନଖ ଉଷୁମ ପାଣି ବ୍ୟବହାର କର। ମୃଦ୍ୟୁ ସାବୁନ ବ୍ୟବହାର କର, ସଫା କରିବା ସମୟରେ ମୃଦୁଚାପ ପ୍ରୟୋଗ କର। ଏହାକୁ ବତୁରାଇବା ଦରକାର ନାହିଁ।
- ଥଣ୍ଡା ପାଣିରେ ଭଲ ଭାବରେ ଧୋଇ ସାବୁନ ବାହାର କରିଦିଅ।
- ଗମ୍ ଆରବିକ୍ ମଣ୍ଡ ଦେଇ, ଛାଇରେ ଶୁଖାଅ। ଅଳ୍ପ ଓଦା ଥିବା ସମୟରେ ଲୁଗାକୁ ଆଣି ଉଷୁମ୍ ଇସ୍ତ୍ରୀକର। ଏହା କାହିଁକି କରିବ ଜାଣିଛ କି ? ଶୁଖିଲା ରେଶମ ବସ୍ତ୍ରରେ ପାଣି ଛିଞ୍ଚିଲେ, ସେଥିରେ ପାଣିଦାଗ ରହିଯାଏ।
- ପୁରାପୁରି ଶୁଖିଗଲାପରେ, ତାକୁ ସାଇତି ରଖ।

## ପଶମ ବସ୍ତ୍ର ଧୋତି:

ଘରେ ବ୍ୟବହୃତ ହେଉଥିବା, ସମସ୍ତ ବସ୍ତ୍ର ମଧ୍ୟରୁ ପଶମ ବସ୍ତ୍ର ସୁକ୍ଷ୍ମତମ ଅଟେ। ଯଦି ଏହାକୁ କଠୋର ଭାବରେ ସଫାକରାଯାଏ, ତେବେ ଏହାର ଲୋମଶ ଅଂଶ ନଷ୍ଟ ହୋଇଯିବ। ତେଣୁ ଏହାକୁ ସଫା କରିବା ସମୟରେ ଯତ୍ନବାନ ହେବା ଉଚିତ୍।

ବୁଣାଯାଇଥିବା ପଶମ ପୋଷାକକୁ ପାଣିରେ ବୁଡ଼ାଇଲେ ତାହାର ଆକୃତି ବଦଳିଯାଏ। ତେଣୁ ଏହାକୁ ସଫା କରିବା ପରେ ଗୋଟିଏ ସମତଳ ବସ୍ତୁ ଉପରେ ଶୁଖାଇ ସାମାନ୍ୟ ଟାଣି ପୂର୍ବ ଆକାରକୁ ଅଣାଯାଇଥାଏ।

ଏହାକୁ ସଫା କରିବା ପାଇଁ ନିମ୍ନଲିଖିତ ସୋପାନ ଗୁଡ଼ିକ ଅନୁସରଣ କରିବାପାଇଁ ପଡ଼ିବ।

- ଗୋଟିଏ କାଗଜ ଉପରେ ପୋଷାକଟିର ବାହାର ଆକାର ଅନୁଯାୟୀ ଗାର ପକାଇ ରଖ
- ଅଳ୍ପ ଉଷୁମ ପାଣିରେ ମୃଦୁ ତରଳ ସାବୁନ କିମ୍ବା ପରିଷ୍କାରକ ମିଶାଅ।
- ମୃଦୁଚାପ ପ୍ରୟୋଗ କରି ସଫାକର।
- ଭଲଭାବରେ ଧୁଅ।

- ବୁଣାଯାଇଥିବା ପଶମ ବସ୍ତ୍ରକୁ ପୂର୍ବରୁ ଖାର ପକାଯାଇଥିବା କାଗଜ ଉପରେ ଥୋଇ ପୂର୍ବ ଆକାରକୁ ଆଣି ଏକ ସମତଳ ବସ୍ତୁ ଉପରେ ଛାଇରେ ଶୁଖାଅ।
- ବାଷ୍ପ ଇସ୍ତ୍ରୀ ଦ୍ୱାରା, ଦରକାର ସ୍ଥଳେ ଇସ୍ତ୍ରୀକର।
- ଭଲ ଭାବରେ ଶୁଖିଗଲା ପରେ ଗନ୍ଧ କର୍ପୁର ବା ନିମ୍ବପତ୍ର ଦେଇ ଏହାକୁ ଏକ ସମତଳ ଜାଗାରେ ସାଇତି ରଖ।

## ଇସ୍ତ୍ରୀ କରିବାର ବ୍ୟବହାରିକ ତଥ୍ୟ :

ଇସ୍ତ୍ରୀ ଟେବୁଲଟିଏ ପ୍ରସ୍ତୁତକର। ଏହା ଉପରେ ଗୋଟିଏ ପୁରୁଣା କମ୍ବଳ ପକାଇ ତାହା ଉପରେ ଗୋଟିଏ ଧଳା ପରିଷ୍କାର କପଡ଼ା ବିଛାଅ। ଟେବୁଲ୍ ର ଉଚ୍ଚତା, ଆରାମଦାୟକ ହେବା ପରି ରଖ। ସାଧାରଣତଃ ୮୦ ସେ.ମି.ର ଉଚ୍ଚ ଟେବୁଲ୍ ଇସ୍ତ୍ରୀ କରିବା ପାଇଁ ସୁବିଧା ଦାୟକ ବା ଉପଯୁକ୍ତ।

- ନିକଟରେ ପାଣିରଖ, କାର୍ପାସ ଏବଂ ଲିନେନ୍ ବସ୍ତ୍ର ଉପରେ ପାଣି ଛିଞ୍ଚି ଇସ୍ତ୍ରୀ କଲେ ତାହା ଭଲ ଭାବରେ ଇସ୍ତ୍ରୀ ହୋଇଥାଏ।
- ହାତ, କଲାର, ଲେସ୍ ଇତ୍ୟାଦି କୁ ପ୍ରଥମେ ଇସ୍ତ୍ରୀ କରିବା ଦରକାର।
- ଲେସ୍, ବୋତାମ, ହୁକ୍, ଏମ୍ବ୍ରୋଡୋରି ହୋଇଥିବା ପୋଷାକକୁ ଓଲଟା ପଟେ ଇସ୍ତ୍ରୀ କର। ଏହାଦ୍ୱାରା କାରୁକାର୍ଯ୍ୟ ନଷ୍ଟ ହେବନାହିଁ ଓ ତାହା ସୁନ୍ଦର ଦିଶିବ। ଏହା ଦ୍ୱାରା ବୋତାମ ଗୁଡ଼ିକ ଭାଙ୍ଗି ନଥାଏ କିମ୍ବା ଅଧିକ ଉତ୍ତାପ ଦ୍ୱାରା ନଷ୍ଟ ହୋଇନଥାଏ।
- ବସ୍ତ୍ରର ଦୈର୍ଘ୍ୟ ଦିଗରେ ଇସ୍ତ୍ରୀକୁ ଚାଳନା କରିବା ଉଚିତ୍ କାରଣ ଦୈର୍ଘ୍ୟ ପଟରେ ସାଧାରଣତଃ ସୂତା ବ୍ୟବହାର କରାଯାଇଥାଏ।

**ମହତ୍ୱପୂର୍ଣ୍ଣ:** ଲୁଗାରେ ଥିବା ଇସ୍ତ୍ରୀ କରିବାର ନିର୍ଦ୍ଦେଶାବଳୀ କୁ ଅନୁସରଣ କର। ନହେଲେ ନିମ୍ନଲିଖିତ ସରଳ ତାଲିକାକୁ ଅନୁସରଣ କର।

| ତାପମାତ୍ରା | | ତନ୍ତୁ |
|---|---|---|
| ଉଷୁମ | ୧୫୦°ମ | ପଶମ, ପଲିଷ୍ଟର, ନାଇଲନ୍, ଟେରିଲିନ୍ |
| ଗରମ | ୧୮୦°ମ | କାର୍ପାସ ଏବଂ ରେୟନ |
| ଅତ୍ୟଧିକ ଗରମ | ୨୦୦°ମ | କାର୍ପାସ୍ ଏବଂ ଲିନେନ୍ |

## ୯.୫ ପାଠଗତ ପ୍ରଶ୍ନାବଳୀ

**୧. ଠିକ୍‌ଥିବା ସ୍ଥାନରେ ଠିକ୍ ଲେଖ, ଭୂଲ ଉତ୍ତର ଗୁଡ଼ିକୁ ଠିକ୍ କର।**

(କ) ମୃଦୁ ସାବୁନ ରେଶମ ବସ୍ତ୍ର ସଫା ପାଇଁ ବ୍ୟବହୃତ ହୁଏ (ଠିକ୍ / ଭୁଲ)

___

(ଖ) ପଶମ ବସ୍ତ୍ର ସଫା କରିବା ସମୟରେ ଥଣ୍ଡାପାଣି ବ୍ୟବହାର କରିବା ଉଚିତ୍ (ଠିକ୍ / ଭୁଲ)

___

(ଗ) ପଶମ ପୋଷାକ ପାଣିରେ ଭିଜାଯିବା ଦରକାର (ଠିକ୍ /ଭୁଲ)

______________________________

(ଘ) ପଶମ ପୋଷାକ ପତ୍ର ଯେ କୌଣସି ପରିଷ୍କାରକ ବା ସାବୁନ ଦ୍ରବଣରେ ସଫା କରାଯାଇ ପାରିବ । (ଠିକ୍/ଭୁଲ୍)

______________________________

(ଙ) ପଶମ ପୋଷାକକୁ ସଫା କଲାବେଳେ ଘର୍ଷଣ ପ୍ରଣାଳୀ ବ୍ୟବହାର କରାଯିବ ନାହିଁ । (ଠିକ୍/ଭୁଲ)

______________________________

(ଛ) କୃତ୍ରିମ ବସ୍ତ୍ରକୁ ଶୁଖାହେବ ପୂର୍ବରୁ ଭଲ ଭାବରେ ଚିପୁଡ଼ା ଯିବା ଦରକାର (ଠିକ୍ / ଭୁଲ)

______________________________

(ଜ) ଯଦି ଦରକାର ହୁଏ ତେବେ କୃତିମ ବସ୍ତ୍ର ଗୁଡ଼ିକୁ ଉଷୁମ ଇସ୍ତ୍ରୀ କରାଯାଇପାରିବ । (ଠିକ୍/ଭୂଲ)

______________________________

**୨. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭ ମିଳାଅ ।**

| | 'କ' ସ୍ତମ୍ଭ | | 'ଖ' ସ୍ତମ୍ଭ | ଉତ୍ତର |
|---|---|---|---|---|
| ୧. | ଓଦା ପଶମବା ରେଶମ | ୧. | ଶକ୍ତି କମିଯାଏ | |
| ୨. | ଓଦା କାର୍ପାସ | ୨. | ମୃଦୁ ପରିଷ୍କାରକ | |
| ୩. | ରଙ୍ଗୀନ କାର୍ପାସ | ୩. | ପରିଷ୍କାରକ ଗୁଣ୍ଡ/ସାବୁନ ଖଣ୍ଡ | |
| ୪. | ରେଶମ | ୪. | ଶକ୍ତିଉପରେ ପ୍ରଭାବ ପକାଏ ନାହିଁ | |
| ୫. | ଓଦା ଭିସ୍‌କୋଷ ରେୟନ ବସ୍ତ୍ର | ୫. | ଶକ୍ତି ବଢିଯାଏ | |
| ୬. | ଧଳା କାର୍ପାସ | ୬. | ତରଳ ପରିଷ୍କାରକ | |
| | | ୭. | କ୍ଷାରଯୁକ୍ତ ପରିଷ୍କାରକ | |

## ତୁମେ କ'ଣ ଶିଖିଲ

**ଲୁଗାର ଯତ୍ନ ଏବଂ ରକ୍ଷଣା ବେକ୍ଷଣ**

- ବ୍ରସ୍ କରିବା ଓ ପବନରେ ଶୁଖାଇବା
- ମରାମତି କରିବା
  - ଅଲଗାକରିବା
  - ଭିଜାଇବା
  - ସଫାକରିବା (କେବଳ କାର୍ପାସ ବସ୍ତ୍ର ନିମିତ୍ତ)
    - ହାତ/ବ୍ରସ୍ ଦ୍ୱାରା ଘର୍ଷଣ
    - ଦଳିଚିପି
    - ଯନ୍ତ୍ରଦ୍ୱାରା ସଫା
  - ଧୋଇବା
  - ମଣ୍ଡଦେବା
    - କାର୍ପାସ (ଆରାରୁଟ୍)
    - ରେଶମ (ଗୋଳଅଠା)
  - ନୀଳ ଦେବା — ଧଳାକାର୍ପାସ ଓ ଲିନେନ୍
  - ଶୁଖାଇବା
  - ପରିପାଟୀ ଅଭିବୃଦ୍ଧି କରିବା
    - ଚାପଦେବା
    - ଇସ୍ତ୍ରୀ କରିବା
    - ସାଇତି ରଖିବା
- ଦାଗ ଛଡ଼ାଇବା

## ଅନ୍ତିମ ପ୍ରଶ୍ନାବଳୀ

୧. ବସ୍ତ୍ରଧୋତି ଶବ୍ଦର ଅର୍ଥ କ'ଣ ?

୨. ଦାଗ କ'ଣ ? ଦାଗର ପ୍ରକାର ଭେଦ କିପରି କରିବ ?

୩. କାର୍ପାସ ପୋଷାକ ଉପରୁ ନିମ୍ନ ଲିଖିତ ଦାଗ କେଉଁ ପଦ୍ଧତି ଅନୁସରଣ କରି ଛଡ଼ାଇବ ?

(କ) ଘିଅ (ଖ) ନଖ ପାଲିସ୍ (ଗ) ନାଲି କାଳି (ଘ) ଘାସ (ଙ) ପାନ

୪. ଧଳା କାର୍ପାସ ବସ୍ତ୍ରକୁ କିପରି ସଫା କରିବ ? କାରଣ ସହ ବର୍ଣ୍ଣନା କର ।

୫. କାର୍ପାସ ବସ୍ତ୍ର ଧୋତି ପ୍ରଣାଳୀ ଏବଂ କୃତ୍ରିମ ତନ୍ତୁର ବସ୍ତ୍ର ଧୋତି ପ୍ରଣାଳୀ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୬. ସେଲି ଗୋଟିଏ ଧଳା ପଶମ କାରଡ଼ିଗନ୍ କଣିଥିଲା ଦୁଇଥର ଧୁଆ ହେଲା ପରେ, ସେ ତାକୁ ବସ୍ତ୍ରଧୋତି ଯନ୍ତ୍ରଦ୍ୱାରା ଅନ୍ୟ ଲୁଗାପଟା ସହିତ ମିଶାଇ ସଫାକରିଦେଲା। କାରଡ଼ିଗନ୍‌ଟିର କ'ଣ ଅବସ୍ଥା ହୋଇଥିବ ଓ କାହିଁକି ହୋଇଥିବ ଲେଖ।

୭. ରେହମାନ ତାର ଉଜ୍ଜ୍ୱଳ ଛିଟ ଗୋଲାପି ରଙ୍ଗର ସ୍କାର୍ଫଟିକୁ ଘରେ ଧୋଇବାକୁ ଇଚ୍ଛାକରିଛି, ତାକୁ ଠିକ୍ ପଦ୍ଧତି ବତାଅ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

୯.୧. ୧. ଘରେ ସଫାକର - କାର୍ପାସ ସାର୍ଟ, କାର୍ପାସ ପାଇଜାମା
ଶୁଷ୍କ ସଫାକର - ରେଶମ ବ୍ଲାଉଜ, ଜରି ଶାଢ଼ୀ, ପଶମ ଶାଲ୍,
୨. ବିଷୟଟିକୁ ପଢ଼।

୯.୨ (କ)ସତ୍ୟ, ଅପରିଷ୍କାର ପୋଷାକ ପତ୍ରରେ ଜୀବାଣୁ ଏବଂ କବକ ବୃଦ୍ଧି ହୋଇଥାଏ।
(ଖ) ମିଥ୍ୟା, ବସ୍ତ୍ରଧୋତି ପଦ୍ଧତିରେ ସଫାକରିବା ଶୁଷ୍କ ପଦ୍ଧତିରେ ସଫାକରିବା ପରିସମାପ୍ତିକରିବା ଓ ସାଇତି ରଖିବ ଅର୍ନ୍ତଭୂକ୍ତ।
(ଗ) ସତ୍ୟ, ପବନରେ ଲୁଗା, ଶୁଖାଇବା ଦ୍ୱାରା ଲୁଗା ଶୁଖିଯାଏ ଓ ଦୁର୍ଗନ୍ଧ ଦୂର ହୁଏ।
(ଘ) ସତ୍ୟ, ଦାଗରେ ସାବୁନ, ରାସାୟନିକ ଦ୍ରବ୍ୟ କିମ୍ବା ପରିଷ୍କାରକ ଲାଗିଗଲେ, ଦାଗ ଛାଡେନାହିଁ

୯.୩ (କ) ୪ (ଖ) ୧ (ଗ) ୩ (ଘ) ୨ (ଙ)୪

୯.୪ (କ) ଠିଲା ହୋଇଯାଏ। (ଖ) ଉଜ୍ଜ୍ୱଳ (ଗ) ଅର୍ନ୍ତଃ ବସ୍ତ୍ର (ଘ) ଛାଇ
(ଙ) ଦୁର୍ବଳ (ଚ) ଗରମ ପାଣି (ଛ) ଫିମ୍ପି (ଜ) ହଳଦିଆ
(ଝ) ମରାମତି କରିବା (ଞ) ରଙ୍ଗୀନ୍।

୯.୫ ୧.(କ) ଠିକ୍ (ଖ) ଭୂଲ୍- ପଶମ ବସ୍ତ୍ର ଧୋତି ପାଇଁ ଉଷୁମ ପାଣି ବ୍ୟବହାର କରିବା ଉଚିତ
(ଗ) ଠିକ୍
(ଘ) ଭୂଲ୍ - ପଶମ ଲୁଗା, ମୃଦୁ ପରିଷ୍କାରକ ଦ୍ୱାରା ସଫା ହେବା ଉଚିତ୍।
(ଙ) ଠିକ୍
(ଚ) ଭୂଲ୍ - କୃତିମ ବସ୍ତ୍ର ନ ଚିପୁଡ଼ି, ହ୍ୟାଙ୍ଗରେ ଶୁଖାଇବା ଉଚିତ।
(ଛ) ଠିକ୍

୨.

| | 'କ' ସ୍ତମ୍ଭ | | 'ଖ' ସ୍ତମ୍ଭ | |
|---|---|---|---|---|
| ୧ | | ୧ | | |
| ୨ | | ୫ | | |
| ୩ | | ୨ | | |
| ୪ | | ୬ | | |
| ୫ | | ୪ | | |
| ୬ | | ୩ | | |

# ୧୦

# ତନ୍ତୁରୁ ବସ୍ତ୍ର

ତୁମେ ଜାଣିଛ ତନ୍ତୁରୁ ବସ୍ତ୍ର ତିଆରି ହୁଏ। ତୁମେ ନିଜର ପିନ୍ଧିଥିବା ପୋଷାକକୁ ଦେଖିଲ। ଏହା ଛୋଟ ଛୋଟ ତନ୍ତୁରୁ ତିଆରି ହୋଇଥିବା ସୂତା ଦ୍ୱାରା ନିର୍ମିତ। ଗୋଟିଏ ସୂତା ତୁମ ପୋଷାକରୁ ଭିଡିଆଣ। ତାକୁ ଧୀରେ ଧୀରେ ଖୋଲ। ଦେଖିବ ତାହା ଛୋଟ ଛୋଟ ତନ୍ତୁରେ ତିଆରି। ତୁମେ ଜାଣିଛ ଆମେ ପାଉଥିବା ଭିନ୍ନ ଭିନ୍ନ ପ୍ରକାରର ତନ୍ତୁରୁ ବିଭିନ୍ନ ପ୍ରକାରର ବସ୍ତ୍ର ତିଆରି ହେଉଛି। ସେଥିପାଇଁ ଆମେ ବଜାରର ଲୁଗା ଦୋକାନରେ ବିଭିନ୍ନ ପ୍ରକାରର ବସ୍ତ୍ର ପାଇଥାଉ।

ତେଣୁ ତୁମେ ଏହି ବିଷୟଟିରେ ତନ୍ତୁର ଗୁଣ ଅନୁଯାୟୀ ବସ୍ତ୍ରକୁ ଚିହ୍ନିପାରିବ ଏବଂ ତୁମର ଦରକାର ଅନୁଯାୟୀ ତାକୁ କିଣିପାରିବ। ତୁମେ ଦୈନନ୍ଦିନ ଭିନ୍ନ ଭିନ୍ନ ପ୍ରକାରର ବସ୍ତ୍ର ସହିତ ପରିଚିତ ହୋଇଛ। ଏହି ପାଠ୍ୟକ୍ରମ ଦ୍ୱାରା ଆମେ ବଜାରରେ ମିଳୁଥିବା ବସ୍ତ୍ରର ଗୁଣ ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ ଆହରଣ କରିପାରିବା ଏବଂ ଏହା ଆମକୁ ଠିକ୍ ଭାବରେ ବସ୍ତ୍ର ଗୁଡିକୁ ଚିହ୍ନି ସେଗୁଡିକୁ କିଣିବାରେ ସାହାଯ୍ୟ କରିବ।

## ଉଦ୍ଦେଶ୍ୟ (Objective)

ଏହି ପାଠ୍ୟ ପଢ଼ିବା ଦ୍ୱାରା ଆମେ ନିମ୍ନଲିଖିତ ପ୍ରଶ୍ନ ଗୁଡିକର ଉତ୍ତର ପାଇବାରେ ସକ୍ଷମ ହୋଇ ପାରିବ।।

- ବସ୍ତ୍ରର କାର୍ଯ୍ୟ ଏବଂ ଘରେ ବ୍ୟବହୃତ ହେଉଥିବା ବସ୍ତ୍ରର ଅନ୍ୟାନ୍ୟ ବ୍ୟବହାର।
- ବସ୍ତ୍ରର ମୂଳ ହେଲା ତନ୍ତୁ ଓ ଏହା ଭିନ୍ନ ଭିନ୍ନ ଆଧାରରୁ ଉତ୍ପନ୍ନ ହୋଇଥାଏ। ଏହା ବର୍ଣ୍ଣନା କର।
- ବିଭିନ୍ନ ପ୍ରକାରର ବସ୍ତ୍ରର ମୌଳିକ ଗୁଣ ବର୍ଣ୍ଣନା କର।
- ବିନା ଯନ୍ତ୍ର ସାହାଯ୍ୟରେ, ବସ୍ତ୍ରଗୁଡିକୁ ଦେଖି ତାଙ୍କୁ ଚିହ୍ନଟ କର।
- ସୂତା ଓ ବସ୍ତ୍ର ପ୍ରସ୍ତୁତି ପ୍ରଣାଳୀ ବର୍ଣ୍ଣନା କର।
- ବିଭିନ୍ନ ପ୍ରକାରର ଲୁଗା ଭିନ୍ନ ଭିନ୍ନ ପ୍ରକାରର ସୂତାରୁ ତିଆରି ହୋଇଥାଏ। ଏଗୁଡିକର କାର୍ଯ୍ୟକାରିତା ବିଷୟରେ ବର୍ଣ୍ଣନା କର।
- ବ୍ୟକ୍ତିଗତ ଓ ଗୃହରେ ବ୍ୟବହାର କରିବା ପାଇଁ ବସ୍ତ୍ର ପସନ୍ଦ କର।

## ୧୦.୧ ବସ୍ତ୍ରର କାର୍ଯ୍ୟ ଓ ଏହାର ଘରୋଇ ବ୍ୟବହାର

ଆମେ କାହିଁକି ଲୁଗା ପିନ୍ଧୁ ? ଲୁଗାକୁ ଆମର ଦ୍ୱିତୀୟ ଚର୍ମ ବୋଲି କୁହାଯାଏ। ପ୍ରତ୍ୟେକ ଦିନ, ପ୍ରତ୍ୟେକ କାର୍ଯ୍ୟରେ ବସ୍ତ୍ରର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ଆମ ଶରୀରକୁ ଭିନ୍ନ ଭିନ୍ନ ପ୍ରକାର ଜଳବାୟୁର ପ୍ରଭାବରୁ ରକ୍ଷା କରିଥାଏ। ଆମର ବ୍ୟକ୍ତିତ୍ୱକୁ ଉନ୍ନତ କରିଥାଏ। ଏହା ବିଭିନ୍ନ ପ୍ରକାରର ଉପାଦାନ ନେଇ ଗଠିତ ଏବଂ ବିଭିନ୍ନ ପ୍ରକାରର ସିଲାଇ ହୋଇ ପୋଷାକ ପତ୍ରରେ ପରିଣତ ହୋଇଥାଏ। ଏକ ସୁନ୍ଦର ପରିଧାନ, ପର୍ବ, ସମୟ, ବ୍ୟକ୍ତିର ରୁଚି, ଅଭ୍ୟାସ, ସାମାଜିକ, ପ୍ରତିଷ୍ଠା, ବ୍ୟବହାର ଓ ଅନ୍ୟ ଗୁଣ ଗୁଡିକୁ ଦର୍ଶାଇଥାଏ। ସାଧାରଣତଃ ପୁରୁଷ, ସ୍ତ୍ରୀ ଓ ପିଲାମାନେ ଭିନ୍ନ ଭିନ୍ନ ପ୍ରକାରର ବସ୍ତ୍ର, ଭିନ୍ନ ଭିନ୍ନ ସମୟରେ, ପର୍ବରେ, ରାତିରେ ଓ ଖେଳ ସମୟରେ ପରିଧାନ କରିଥାନ୍ତି।

ଆମ ଦେଶରେ ଲୁଗାପଟା ଆମର ବର୍ଣ୍ଣର ରଙ୍ଗ, ଋତୁ, ଜଳବାୟୁ, ବୟସ, ପର୍ବପର୍ବାଣି, ବୈବାହିକ ସ୍ଥିତି, ଲିଙ୍ଗ, ଗୋଷ୍ଠି, ଦୁଃଖଦ ବା ସୁଃଖଦ ସମୟ ଅନୁଯାୟୀ ପିନ୍ଧା ହୋଇଥାଏ। ଗୋଟିଏ ଲୋକର ଚାକିରୀ ଓ ଧର୍ମସମ୍ବନ୍ଧରେ ତା'ର ପିନ୍ଧା ବସ୍ତ୍ର ଅନୁଯାୟୀ ଜଣାପଡେ। ସବୁଠାରୁ ମହତ୍ୱପୂର୍ଣ୍ଣ ଶେଷ କଥା ହେଲା, ବସ୍ତ୍ର ଅନୁଯାୟୀ ଲୋକର ବ୍ୟକ୍ତିତ୍ୱ ତ ସ୍ୱାସ୍ଥ୍ୟରକ୍ଷା ବିଷୟରେ ଆମେ ଜାଣିପାରୁ। ଯଦି ଲୋକଟିର ପୋଷାକ ଅପରିଷ୍କାର, ଲୋଚାକୋଚା ହୋଇଥାଏ ତେବେ ଆମେ ଲୋକଟି ଗରୀବ, ଅମନଯୋଗୀ ଓ ଅପରିଷ୍କାର ବୋଲି ଭାବିଥାଉ। ପରିଷ୍କାର ଓ ଇସ୍ତ୍ରୀ ହୋଇଥିବା ଲୁଗା ପରିହିତ ବ୍ୟକ୍ତି ଏକ ଉତ୍ତମ ବ୍ୟକ୍ତିତ୍ୱର ସୂଚନା ଦେଇଥାଏ।

ତୁମେ ବସ୍ତ୍ରର କାର୍ଯ୍ୟ ବିଷୟରେ ପଢ଼ିଲେ। ନିମ୍ନରେ ଦୁଇଟି ଉଦାହରଣ ଦିଆ ଯାଇଛି। ଆଉ ତିନୋଟି ବସ୍ତ୍ରର କାର୍ଯ୍ୟ ଲେଖ।

| | |
|---|---|
| ୧. | ପ୍ରତ୍ୟୁତ୍ପନ୍ନମତି ଦେଖାଯିବା ପାଇଁ |
| ୨. | ନିଜତ୍ୱ ପ୍ରକାଶ କରିବା ପାଇଁ |
| ୩. | |
| ୪. | |
| ୫. | |

### ବସ୍ତ୍ରର ଅନ୍ୟାନ୍ୟ କାର୍ଯ୍ୟ :

ତୁମେ ଗୃହରେ ବ୍ୟବହାର କରୁଥିବା ବସ୍ତ୍ରର କାର୍ଯ୍ୟଗୁଡିକ ବିଷୟର ଚିନ୍ତାକର। ପୋଷାକ ପତ୍ର ଛଡା ଆମେ ବସ୍ତ୍ରକୁ ବିଛଣା ଚାଦର, ପର୍ଦା, ଗଦିଖୋଳ ଇତ୍ୟାଦି ପାଇଁ ବ୍ୟବହାର କରୁଅଛେ। ରୋଷେଇ ଘରେ ଆମେ ବସ୍ତ୍ରକୁ ଘୋଡଣି, ପୋଛାକନା ପ୍ରଭୃତି ପାଇଁ ବ୍ୟବହାର କରୁଅଛେ। ତୁମେ ଏବେ ତୁମ ଘରେ ବସ୍ତ୍ରର ବିଭିନ୍ନ ବ୍ୟବହାର ବିଷୟରେ ଜାଣିପାରୁଥିବ। ବସ୍ତ୍ରର ଭିନ୍ନ ଭିନ୍ନ ଗୁଣ ବିଷୟରେ ଜାଣିପାରିବା ପରେ, ତୁମେ ଅନ୍ୟ ବସ୍ତ୍ର ଅପେକ୍ଷା କାର୍ପାସ ବସ୍ତ୍ରର ଅତ୍ୟଧିକ ବ୍ୟବହାର କାରଣ ମଧ୍ୟ ଜାଣିପାରୁଥିବ।

## ୧୦.୨ ତନ୍ତୁ ଓ ଏହାର ଆଧାର

ଆମେ ପୂର୍ବରୁ ପ୍ରକାଶ କରିଛେ ଯେ, ବସ୍ତ୍ରର ମୂଳତତ୍ୱ ତନ୍ତୁ ଅଟେ। ତୁମେ ଜାଣିଛ କି ତନ୍ତୁ କିପରି ଦେଖିବାକୁ ? ଏହାକୁ ବୁଝିବା ପାଇଁ, ଚାଲ ଅଳ୍ପ ପରିମାଣର କାର୍ପାସ ବା ତୁଳା ନେବା ଓ ସେଥିରୁ କ୍ଷୁଦ୍ରତମ ଅଂଶ ବାହାର କରିବା। ଏହା ବାଳ ସଦୃଶ୍ୟ। ଏକ ଛୋଟ ବା ବଡ ମସୃଣ ଖିଅ ଖୋଜିପାଇବା କଷ୍ଟକର। କିନ୍ତୁ ଗୋଟିଏ ତୁଳାଗୁଳାରେ ଏହାକୁ ସହଜରେ ପ୍ରାପ୍ତ କରିହେବ।

ଏବେ ପଶମ ତନ୍ତୁର ଗଠନ ବିଷୟରେ ଚିନ୍ତାକର। ତୁମେ ଜାଣିଛ ଏଗୁଡିକ ମେଣ୍ଢା, ଛେଳି, ଠେକୁଆ, ଓଟର ରୁମ ଅଟେ। ଏହି ରୁମରୁ ତନ୍ତୁରୁ ସ୍ୱେଟରରୁ ଏକ ସୂତା ବାହାର କରି ଦେଖିଲ, କ'ଣ ଦେଖୁଛ ?

ସେହିପରି ଆମକୁ ବିଭିନ୍ନ ପ୍ରକାରର ତନ୍ତୁ ପାରିପାରିବା। ଯାହାଦ୍ୱାରା ବସ୍ତ୍ର ଗୁଡିକ ତିଆରି ହେଉଛି। ଆମେ ଏହା ବିଷୟରେ ପଢ଼ିବା।

ତନ୍ତୁ ହେଲା ଏକ ସୂକ୍ଷ୍ମ ଲୋମ ସଦୃଶ୍ୟ ଖିଅ ଓ ବସ୍ତ୍ରର ମୂଳାଂଶ ଯାହାଦ୍ୱାରା ଆମେ ସୂତା ଓ ସୂତାରୁ ଲୁଗା ତିଆରି କରୁ।

### ତୁମ ପାଇଁ କାର୍ଯ୍ୟ

ତୁମେ ତୁମର ବିଭିନ୍ନ ବସ୍ତ୍ରର ଭିତରେ ପାର୍ଶ୍ୱରୁ ସୂତା ଟାଣି ଆଣ। ଏଗୁଡିକ ନିରୀକ୍ଷଣ କରି, ସେମାନଙ୍କ ମଧ୍ୟରେ ଥିବା ସମାନତା ଓ ଅସମତା ତାଙ୍କର ଦୈର୍ଘ୍ୟ ଓ ସ୍ପର୍ଶ ଅନୁଯାୟୀ ଲେଖ। ତନ୍ତୁକୁ ଖାଲି ଆଖିରେ ଠିକ୍ ରୂପେ ଚିହ୍ନିହେବ ନାହିଁ। କିନ୍ତୁ ଏଗୁଡିକୁ ଅଣୁବୀକ୍ଷଣ ଯନ୍ତ୍ରଦ୍ୱାରା ଚିହ୍ନାଯାଇପାରିବା। ନିମ୍ନରେ ଦୈର୍ଘ୍ୟ ଅନୁଯାୟୀ କେତୋଟି କାର୍ପାସ ତନ୍ତୁର ଆକାର ଦିଆଯାଇଛି।




ଚିତ୍ର ୧୦.୧ ଦୈର୍ଘ୍ୟ ଅନୁଯାୟୀ ବିଭିନ୍ନ ତନ୍ତୁ

## ୧୦.୨.୧ ତନ୍ତୁ ଗୁଡ଼ିକର ଆଧାର ଓ ଶ୍ରେଣୀ ବିଭାଗ

ଆମେ ତନ୍ତୁର ଭିନ୍ନ ଭିନ୍ନ ଆଧାର ଅନୁଯାୟୀ ଏହାକୁ ଶ୍ରେଣୀ ବିଭାଗ କରିପାରିବା।

(କ) **ପ୍ରାକୃତିକ ତନ୍ତୁ:** ଏହି ତନ୍ତୁ ଗୁଡ଼ିକୁ ଆମେ ପ୍ରକୃତିରୁ ପାଇଥାଉ। ଉଦାହରଣ ସ୍ୱରୂପ ବୃକ୍ଷ ଏବଂ ପଶୁମାନଙ୍କ ଠାରୁ ପାଇଥିବା ତନ୍ତୁଙ୍କ ସେଲ୍ୟୁଲୋଜ୍ ତନ୍ତୁ ଏବଂ ଜୀବଜନ୍ତୁଙ୍କ ଠାରୁ ପାଇଥିବା ତନ୍ତୁଙ୍କୁ ପୁଷ୍ଟିସାର ତନ୍ତୁ ( ରେଶମ ପଶମ) କୁହାଯାଏ।

ପ୍ରାକୃତିକ ତନ୍ତୁ ଚିତ୍ର ଗୁଡ଼ିକ ଆଧାର ଅନୁଯାୟୀ ନିମ୍ନରେ ଦିଆଗଲା।

| | | |
|---|---|---|
|  କାର୍ପାସ ତୁଳାଗୋଳା |  ମେଣ୍ଢା |  ରେଶମ ପୋକ |
| କାର୍ପାସ | ପଶମ | ରେଶମ |

ଚିତ୍ର ୧୦.୨ ପ୍ରାକୃତିକ ତନ୍ତୁର ଆଧାର

(ଖ) **କୃତ୍ରିମ ତନ୍ତୁ :** କୃତ୍ରିମ ତନ୍ତୁ ଗୁଡ଼ିକୁ ଗବେଷଣାଗାରରେ ଲୋକ ମାନଙ୍କ ଦ୍ୱାରା ନିର୍ମିତ ହୋଇଥାଏ।

**ଏଗୁଡ଼ିକ ଦୁଇ ପ୍ରକାରର:**

(କ) **ରିଜେନେରେଟେଡ୍ ତନ୍ତୁ :** ଏହି ତନ୍ତୁ, ଅତି କ୍ଷୁଦ୍ର। କାର୍ପାସ ତନ୍ତୁ ବା ଅନ୍ୟକୌଣସି ତନ୍ତୁ କାଠ ମଣ୍ଡ ଓ କ୍ଷୀର ପୁଷ୍ଟିସାର ଦ୍ୱାରା ତିଆରି ହୋଇଥାଏ। ଉପରୋକ୍ତ ପଦାର୍ଥ ଗୁଡ଼ିକୁ ରାସାୟନିକ ପଦାର୍ଥ ଦ୍ୱାରା ଦ୍ରବୀଭୂତ କରି ତାକୁ କଠିନ ତନ୍ତୁରେ ପରିଣତ କରାଯାଇଥାଏ। ଉଦାହରଣ ସ୍ୱରୂପ ରେୟନ, କାସେଇନ ତନ୍ତୁ ଓ ସୋୟା ତନ୍ତୁ।

(ଖ) **କୃତ୍ରିମ ତନ୍ତୁ :** ଏଥିରେ ଅନେକ ପ୍ରକାରର ପେଟ୍ରୋଲ ରାସାୟନିକ ଉପାଦାନକୁ ବ୍ୟବହାର କରାଯାଇଥାଏ। ନାଇଲନ୍, ଆକ୍ରିଲିକ୍ ଓ ପଲିଷ୍ଟର ଏହାର ଅର୍ନ୍ତଭୁକ୍ତ। ପରିବେଶକୁ ସୁରକ୍ଷା ପ୍ରଦାନ କରିପାରୁଥିବା କାର୍ପାସ ବସ୍ତ୍ର ବ୍ୟବହାର କରିବା ଉଚିତ୍। ସମୟ ସମୟରେ କୃତ୍ରିମ ବସ୍ତ୍ର ଚର୍ମରେ ଲାଗେ ଆଲର୍ଜି କରିଥାଏ।

ନିମ୍ନରେ ଥିବା ଟେବୁଲ ୧୦.୧ରେ ସାଧାରତଃ ବ୍ୟବହୃତ କେତୋଟି ପ୍ରାକୃତିକ ଓ କୃତ୍ରିମ ତନ୍ତୁ ବିଷୟରେ ଦିଆଯାଇଛି।

### ଟେବୁଲ ୧୦.୧ ବ୍ୟବହୃତ ହେଉଥିବା ପ୍ରାକୃତିକ ଓ କୃତ୍ରିମ ତନ୍ତୁ

| ତନ୍ତୁର ପ୍ରକାର | ତନ୍ତୁର ନାମ | ଆଧାର |
|---|---|---|
| **ପ୍ରାକୃତିକ ତନ୍ତୁ** | | |
| ବୃକ୍ଷ (ସେଲ୍ୟୁଲୋଜ) | କାର୍ପାସ | ତୁଳାଗୋଳା |
| | ଝୋଟ | ନଳିତା ଗଛର ଚୋପା |
| ଜୀବଜନ୍ତୁ | ପଶମ | ମେଣ୍ଢା, ଛେଳି, ଠେକୁଆର ଲୋମ |
| | ରେଶମ | ରେଶମ ପୋକ |
| **ପ୍ରାଣୀଜ ତନ୍ତୁ** | | |
| ରିଜେନେରେଟେଜ୍ | ରେୟନ (ଭିସ୍କସ ଏସିଟେଟ୍) | କାର୍ପାସ ଛୋଟ ଖିଅ +କାଠ ମଣ୍ଡ+ରାସାୟନିକ ପଦାର୍ଥ |
| କୃତ୍ରିମ | ନାଇଲନ୍ | ରାସାୟନିକ ପଦାର୍ଥ |
| | ପଲିଷ୍ଟର | ରାସାୟନିକ ପଦାର୍ଥ |
| | ଆକ୍ରିଲିକ୍ | ରାସାୟନିକ ପଦାର୍ଥ |

### ୧୦.୨.୨ ଦୈର୍ଘ୍ୟ ଅନୁଯାୟୀ ତନ୍ତୁର ଶ୍ରେଣୀ ବିଭାଗ:

ଉପରୋକ୍ତ ତନ୍ତୁଗୁଡ଼ିକର ଦୈର୍ଘ୍ୟ ଛୋଟ କିମ୍ବା ବଡ଼ ହୋଇଥାଏ। ଛୋଟ ତନ୍ତୁ ଯଥା: କାର୍ପାସ, ରେଶମ, ପଶମ ତନ୍ତୁ ଗୁଡ଼ିକୁ ଷ୍ଟେପଲ୍ ତନ୍ତୁ (staple fibres) କୁହାଯାଏ। ଏମାନଙ୍କର ଲମ୍ବା ଇଞ୍ଚ ବା ସେଣ୍ଟିମିଟର ଅନୁଯାୟୀ ମାପ କରାଯାଇଥାଏ। ଲମ୍ବା ତନ୍ତୁ ଗୁଡ଼ିକୁ ଫିଲାମେଣ୍ଟ (filament) କୁହାଯାଏ, ଏଗୁଡ଼ିକୁ ଯାର୍ଡ/ମିଟର ରେ ମପାଯାଏ।

| | ତନ୍ତୁର ଦୈର୍ଘ୍ୟ | କ୍ଲାସ | ବାହ୍ୟରୂପ | ମାପ |
|---|---|---|---|---|
| ତନ୍ତୁର ଦୈର୍ଘ୍ୟ | ଲମ୍ବା | ଫିଲାମେଣ୍ଟ ତନ୍ତୁ |  | ଯାର୍ଡ/ମିଟର |
| | ଛୋଟ | ଷ୍ଟେପଲ୍ ତନ୍ତୁ |  | ଇଞ୍ଚ/ସେଣ୍ଟିମିଟର |

## ୧୦.୩ ବିଭିନ୍ନ ପ୍ରକାର ତନ୍ତୁର ଗୁଣ

(କ) **କାର୍ପାସ :** ସବୁ ତନ୍ତୁ ମାନଙ୍କ ମଧ୍ୟରୁ କାର୍ପାସ କ୍ଷୁଦ୍ରତମ ତନ୍ତୁ ଅଟେ। ଏଗୁଡିକ ପ୍ରାୟ ଧଳା, ମାଟିଆ, ବା ଲହୁଣୀ ରଙ୍ଗର ଏବଂ ମସୃଣ ଓ ଶକ୍ତିଶାଳୀ ହୋଇଥାନ୍ତି। ଏଗୁଡିକରେ କଣା କଣା ଥିବାରୁ ଏହା ଶୋଷଣକାରୀ ଓ ଶୀତଳତା ପ୍ରଦାନକାରୀ ହୋଇଥାନ୍ତି। ଶରୀରର ଉତ୍ତାପ ଏହା ମଧ୍ୟ ଦେଇ ସହଜରେ ନିର୍ଗତ ହୋଇପାରେ। ଏଗୁଡିକୁ ଗ୍ରୀଷ୍ମଋତୁରେ ବ୍ୟବହାର କରାଯାଏ। କାର୍ପାସ ତିଆରି ବସ୍ତ୍ର ଗୁଡିକ ଶକ୍ତ, ଦୀର୍ଘସ୍ଥାୟୀ ଏବଂ ସହଜରେ ସଫା କରାଯାଇ ପାରେ। ଏଥିରୁ ବାରମ୍ବାର ସଫା ଦରକାର କରୁଥିବା ତଉଲିଆ, ତକିଆ ଖୋଳ, ବିଛଣା ପ୍ରସ୍ତୁତ କରାଯାଏ।

(ଖ) **ଫ୍ଲାକ୍ସ :** ଏହା କାଣ୍ଡରେ ତନ୍ତୁଥିବା ଝୋଟ ଜାତୀୟ ବୃକ୍ଷ। ଏହା ଏକ ପ୍ରଧାନ ତନ୍ତୁ ଅଟେ। ଏହାର ଲମ୍ବା (୨୦"-୩୦")ଅନ୍ୟ ତନ୍ତୁ ମାନଙ୍କଠାରୁ ଅଧିକ। ଏଥିରୁ ତିଆରି କପଡା ଚକ୍‌ଚକିଆ, ମସୃଣ, ସ୍ଥାୟୀ ଏବଂ ବହୁତ ସୁବିଧାରେ ସଫା ହୋଇପାରେ। କାର୍ପାସ ପରି ଏହା ସହଜରେ ଲୋଚାକୋଚା ହୋଇଯାଏ। ଏହା ଶୀତଳ ଦାୟକ, ଝାଳ ଶୋଷଣ କରିପାରେ। ତେଣୁ ଏହାକୁ ଗ୍ରୀଷ୍ମଦିନେ ପିନ୍ଧାଯାଇ ପାରିବ।

(ଗ) **ଝୋଟ :** ଫ୍ଲାକ୍ସ ପରି ଝୋଟ ମଧ୍ୟ କାଣ୍ଡରେ ତନ୍ତୁ ଥିବା ବୃକ୍ଷ ଅଟେ। ଏହା ଭାରତରେ ସବୁଠାରୁ ଅଧିକ ପରିମାଣରେ ଚାଷ କରାଯାଏ। ଏଗୁଡିକ ଛୋଟ ଏବଂ ଚକ୍‌ଚକିଆ, କିନ୍ତୁ ଫ୍ଲାକ୍ସଠାରୁ ଦୁର୍ବଳ। ଏହି ତନ୍ତୁ ଗୁଡିକ ରୁମୁରୁମିଆ ଓ ଅମସୃଣ। ଏଥିରେ ଅଖା ଓ ଦଉଡି ତିଆରି କରାଯାଏ।

(ଗ) **ପଶମ :** ଏଗୁଡିକ ଗୃହପାଳିତ ପଶୁ ଯଥା ମେଣ୍ଢା, ଛେଳି, ଠେକୁଆ ପ୍ରଭୃତିର ରୁମରୁ ତିଆରି ହୋଇଥାଏ। ଏଥିରୁ ତିଆରି ବସ୍ତ୍ର ନରମ, ମସୃଣ, ଅବଶୋଷକ ଏବଂ ସହଜରେ କୁଞ୍ଚିତ ହୁଏ ନାହିଁ। ଏହା ଶରୀରରୁ ଉତ୍ତାପ ବାହାରକୁ ଯିବାକୁ ଦିଏନାହିଁ ଏବଂ ଏହା ଆଚ୍ଛାଦକ ପରି କାମ କରିଥାଏ। ଏଥିଲାଗି ପଶମ ବସ୍ତ୍ରକୁ ଶୀତଦିନେ ବ୍ୟବହାର କରାଯାଏ। ପଶମ ବସ୍ତ୍ର ଦୁର୍ବଳ ତନ୍ତୁ ଅଟେ। ଏହା ସାବୁନ, ପରିଷ୍କାରକ ଓ ଘର୍ଷଣ ଦ୍ୱାରା ନଷ୍ଟ ହୋଇଯାଏ।

(ଘ) **ରେଶମ :** ଏହା ରେଶମ ପୋକରୁ ତିଆରି ଏକ ପ୍ରାକୃତିକ ପୁଷ୍ଟିସାର ସୂତା ଖିଅ। ରେଶମରୁ ତିଆରି ବସ୍ତ୍ର, ନରମ, ମସୃଣ, ଚକ୍‌ଚକିଆ, ଉଷୁମ ଓ ପଷମ ଅପେକ୍ଷା ଶକ୍ତ। ଏହାକୁ 'ବସ୍ତ୍ରର ରାଣୀ' କୁହାଯାଏ ଓ ସବୁ ସମୟର ପିନ୍ଧାଯାଇ ପାରେ।

(ଙ) **ରେୟନ୍ :** ଏହା ଏକ କୃତ୍ରିମ ସୂତା ତନ୍ତୁ ଅଟେ। ଏହା ଚକ୍‌ଚକିଆ, ଦୁର୍ବଳ। ଏହା ଅତି ଶିଘ୍ର ଲୋଚାକୋଚା ହୋଇଯାଏ। ଏହାର ରେଶମ ସହିତ ଏହାର ସାମଞ୍ଜସ୍ୟ ଥିବାରୁ ଏହାକୁ 'କୃତ୍ରିମ ରେଶମ' ବା 'ଆର୍ଟସିଲ୍‌କ' ମଧ୍ୟ କୁହାଯାଏ। ଏହାକୁ ଖରାଦିନ ବ୍ୟବହାର କରାଯାଏ। ଉତ୍ତାପନମନୀୟ (thermoplastic)।

(ଚ) **କୃତ୍ରିମ ତନ୍ତୁ :** କୃତ୍ରିମ ତନ୍ତୁ ଗୁଡିକ ପେଟ୍ରୋଲିୟମ ଉପାଦାନରୁ ତିଆରି ହୋଇଥାଏ। ନାଇଲନ୍, ପଲିଷ୍ଟର, ଆକ୍ରିଲିକ୍ ପ୍ରଭୃତି କୃତ୍ରିମ ତନ୍ତୁ ଅଟନ୍ତି। ଏଗୁଡିକ ମଧ୍ୟ ରେୟନ ପରି ଉତ୍ତାପ ନମନୀୟ ଅଟନ୍ତି।

(ଛ) ଏଗୁଡିକରେ ଶିଘ୍ର ନିଆଁ ଲାଗିଯାଏ ଏବଂ ଏଥିରେ ନିଆଁରେ ଲାଗିଲେ ଏହା ତରଳି ଦେହରେ ଲାଗିଯାଏ। ତେଣୁ ଏହାକୁ ରୋଷେଇ କରିବା ସମୟରେ ବା ନିଆଁ ନିକଟରେ ପିନ୍ଧିବା ଉଚିତ୍ ନୁହେଁ। ଏଗୁଡିକ କୁଞ୍ଚିତ ହୁଅନ୍ତି ନାହିଁ। ତେଣୁ ଏହାକୁ ଫିକା ବା ଚକ୍‌ଚକିଆ କରାଯାଇପାରିବ। ଏଗୁଡିକ ଶକ୍ତ ସହଜରେ ସଫା କରାଯାଇପାରେ ଓ ଶିଘ୍ର ମଧ୍ୟ ଶୁଖିଯାଏ। ଅନ୍ୟ ଅର୍ଥରେ, ଏହି ବସ୍ତ୍ରର ଯତ୍ନ ସହଜରେ ନିଆଯାଇ ପାରିବ।

## ୧୦.୧ ପାଠଗତ ପ୍ରଶ୍ନାବଳୀ

୧. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭ ମିଶାଇ ଶୂନ୍ୟସ୍ଥାନ ପୂରଣ କର।

| | 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|---|
| ________ | ୧. ଝୋଟ | କ) ଉଦ୍ଭିଦଜ ତନ୍ତୁ |
| ________ | ୨. କାର୍ପାସ | ଖ) କୃତ୍ରିମ ତନ୍ତୁ |

| | | |
|---|---|---|
| ____________ | ୩. ପଶମ | ଗ) ବାଷ୍ଟ ତନ୍ତୁ |
| ____________ | ୪. ରେୟନ | (ଘ) ରିଜେନେରେଟେଡ୍ ତନ୍ତୁ |
| ____________ | ୫. ରେଶମ | (ଙ) ପ୍ରାକୃତିକ ତନ୍ତୁ |
| ____________ | ୬. ନାଇଲନ୍ | (ଚ) ପ୍ରାଣୀଜ ତନ୍ତୁ |
| ____________ | ୭. ସେଲ୍ୟୁଲୋଜିକ୍ ତନ୍ତୁ | (ଛ) ରେଶମ ପୋକ |
| | | (ଜ) ଫ୍ଲାକ୍ସ |

## ୧୦.୪ ବିନା ଯନ୍ତ୍ର ସାହାଯ୍ୟରେ ତନ୍ତୁର ଚିହ୍ନଟ

### ୧୦.୪.୧ ସ୍ପର୍ଶ କରି ଏବଂ ଦେଖି ତନ୍ତୁର ଚିହ୍ନଟ

ବର୍ତ୍ତମାନ ସୁଦ୍ଧା ଆଧାର ଅନୁଯାୟୀ ତୁମେ ବିଭିନ୍ନ ପ୍ରକାରର ତନ୍ତୁର ମୂଳ ଗୁଣ ଗୁଡିକ ବିଷୟରେ ଅନୁମାନ କରିଲଣି। ଏହି ଜ୍ଞାନ ଦ୍ୱାରା ତୁମେ କିଣୁଥିବା ବସ୍ତ୍ରକୁ ଚିହ୍ନିପାରିବ କି ? ହଁ ତୁମେ କେତେ ଦୂର ଚିହ୍ନି ପାରିବ ? ତୁମେ ତନ୍ତୁର ଗୁଣ ଜାଣିଛ, ତେବେ ବସ୍ତ୍ରଟିକୁ ଚିହ୍ନିବା ପାଇଁ ତୁମର ଅସୁବିଧା ହେବ ନାହିଁ। ତୁମେ ଏବେ ବସ୍ତ୍ରଟିକୁ ସ୍ପର୍ଶ କରି, ଦେଖି ଅନୁଭବ କରି ତନ୍ତୁର ଗୁଣ ଜାଣି, ତାହାକୁ ଚିହ୍ନିବାକୁ ଚେଷ୍ଟା କର। ତୁମେ ବସ୍ତ୍ରଟି କେଉଁ ତନ୍ତୁରେ ତିଆରି ହୋଇଛି, ତାହା ବୋଧହୁଏ କହିପାରିବ।

ନିମ୍ନଲିଖିତ ଟେବୁଲ ୧୦.୨ରେ ତୁମକୁ କେତୋଟି ତନ୍ତୁ ଏବଂ ସେଗୁଡିକର ଗୁଣ ଦର୍ଶାଯାଉଛି। ତୁମେ ଯଦି ତନ୍ତୁଟିକୁ ଦେଖି ଚିହ୍ନିବାକୁ ଚେଷ୍ଟାକରିବ, ତେବେ ତନ୍ତୁଟିକୁ ନିଶ୍ଚୟ ଜାଣିପାରିବା।

ଟେବୁଲ ୧୦.୨ ବିଭିନ୍ନ ପ୍ରକାରର ତନ୍ତୁର ଗୁଣ ଦ୍ୱାରା ଚିହ୍ନଟ

| ତନ୍ତୁ | ବାହ୍ୟ ରୂପ | ସ୍ପର୍ଶ | ଅନୁଭବ | ଯତ୍ନ |
|---|---|---|---|---|
| କାର୍ପାସ | ନୀରସ କିନ୍ତୁ ମଣ୍ଡ ଦେବାପରେ ଚକ୍ ଚକିଆ ଦିଶେ | ଚିକ୍କଣ ଓ ନରମ ଲାଗେ | ଶୀତଳତା ଅନୁଭୂତ ହୁଏ | ଲୋଟାକୋଟା ହୋଇଯାଏ ତେଣୁ ମଣ୍ଡ ଦରକାର |
| ଲିନେନ୍ | କମ୍‌ରୁ ମଧ୍ୟମ ଚକଚକିଆ | ନରମ ଏବଂ ମସୃଣ | ଉଷ୍ମ ଲାଗେ | ସହଜରେ ଲୋଟାକୋଟା ହୋଇଯାଏ |
| ଝୋଟ | ନୀରସ | ଖଦଡ଼ିଆ ଓ ଲୋମଶ | ଉଷ୍ମ ଲାଗେ ଏବଂ ଖଦଡ଼ିଆ ଲାଗେ | ସହଜରେ ଲୋଟାକୋଟା ହୁଏ ନାହିଁ |
| ପଶମ | ମଧ୍ୟମରୁ କମ୍ ଚକ୍‌ଚକିଆ, ଖରାପ ମାନର ପଶମ ଚକଚକିଆ ଦେଖାଯାଏ ନାହିଁ। | ନରମ, ମସୃଣ, ଶୋଷଣ ଶକ୍ତି ଅଧିକ, ଏବଂ ବହଳିଆ ଦେଖାଯାଏ। | ଉଷ୍ମ ଲାଗେ | ସହଜରେ କୋଚାମୋଚା ହୁଏନାହିଁ |

| | | | | |
|---|---|---|---|---|
| ରେଶମ | ଦେଖିବାକୁ ନରମ ଲାଗେ ଓ ଚକ୍‌ଚକିଆ | ମସୃଣ, ହାଲକା ଓ ନରମ | ଉଷୁମ | ସହଜରେ କୋଚାମୋଚା ହୁଏନାହିଁ |
| ରେୟନ | ଚକ୍‌ଚକିଆ ହୋଇପାରେ କିମ୍ବା ହୋଇ ନପାରେ | ନରମ, ଚକ୍‌ଚକିଆ ଓ ରେଶମଠାରୁ ଓଜନିଆ | ଥଣ୍ଡାଲାଗେ | ସହଜରେ ଲୋଚାକୋଚା ହୋଇଯାଏ |
| କୃତ୍ରିମ ବସ୍ତ୍ର | ଏଗୁଡ଼ିକ ପଶମପରି ଦେଖିବାକୁ, ଏହା ନୀରସ ବା ଚକ୍‌ଚକିଆ | ଉତ୍ତାପ ନମନୀୟ | ପ୍ରାୟସବୁ ବସ୍ତ୍ର ଉଷୁମ ଲାଗନ୍ତି | ଘର୍ଷଣ ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ। ଲୋଚା-କୋଚା ହୁଏ ନାହିଁ, ସୁବିଧାରେ ଯତ୍ନ ନେଇହୁଏ। |

ଟେବୁଲରେ ଦିଆଯାଇଥିବା ବିଷୟକୁ ଅନୁଧ୍ୟାନ କରିବାକୁ ହେଲେ ବିଭିନ୍ନ ପ୍ରକାର ତନ୍ତୁ ନେଇ ଦେଖ।

## ୧୦.୪.୨ ଦହନ ପରୀକ୍ଷାଦ୍ୱାରା ତନ୍ତୁର ଚିହ୍ନଟ

ଦହନ ପରୀକ୍ଷା ଦ୍ୱାରା ତନ୍ତୁଟି ପ୍ରାଣୀଜ, କିମ୍ବା ଉଦ୍ଭିଦଜ କିମ୍ବା କୃତ୍ରିମ ସେ ବିଷୟରେ ଆମେ ଜାଣିପାରିବା। ଦହନ ପରୀକ୍ଷା କରିବା ସମୟରେ ନିମ୍ନଲିଖିତ ପଦ୍ଧତି ଅନୁସରଣ କର।

ବସ୍ତ୍ରରୁ ଖଣ୍ଡିଏ ସୂତା କାଢ଼ି ବାହାର କର। ତାକୁ ଦିଆସିଲି କାଠି ସାହାଯ୍ୟରେ କିମ୍ବା ମହମବତୀ ଦ୍ୱାରା ପୋଡିଦିଅ।

ନିମ୍ନଲିଖିତ ଉକ୍ତି ଗୁଡିକୁ ଅନୁଧ୍ୟାନ କରି, ତୁମର ଅନୁଭବ ଲେଖ।

- ତନ୍ତୁଟି କିପରି ନିଆଁ ଧରିଲା।
- କେଉଁ ପ୍ରକାରର ଅଗ୍ନିଶିଖା ବାହାରୁଛି
- ପୋଡିଗଲାପରେ ତାର ଗନ୍ଧ କିପରି
- ଜଳିସାରିବା ପରେ ପଡିଥିବା ପାଉଁଶ

ଏହି ସବୁ ଟିପ୍ପଣୀ ଗୁଡିକର ଉତ୍ତର ତୁମକୁ ଚିହ୍ନଟ କରିବାରେ ସାହାଯ୍ୟ କରିବ।



ଚିତ୍ର ୧୦.୩ ଦହନ ପରୀକ୍ଷା

| **ତନ୍ତୁ** | **ଶିଖାର ନିକଟତମ** | **ଶିଖାର ପ୍ରକାର** | **ଗନ୍ଧ** | **ପାଉଁଶ** |
|---|---|---|---|---|
| ସେଲ୍ୟୁଲୋଜ ତନ୍ତୁ-କାର୍ପାସ, ଲିନେନ୍, ଝୋଟ, ରେୟନ | ନିଆଁ ସହଜରେ ଲାଗିବ | ଉଜ୍ଜଳ ହଳଦିଆ ରଙ୍ଗର ଶିଖା, ଜଳି ସାରିବା ପରେ ଆଲୋକ ପ୍ରଦାନ କରୁଥିବ | ପୋଡ଼ା କାଗଜର ଗନ୍ଧ | ପକ୍ଷୀପରି ହାଲକା ପାଉଁସ |
| ପୁଷ୍ଟିକର ତନ୍ତୁ ପଶମ ଓ ରେଶମ | ସହଜରେ ନିଆଁ ଧରିବ ନାହିଁ | କୁଞ୍ଚିତ ହୋଇ ଜଳିବ, ହଳଦିଆ ରଙ୍ଗର ଶିଖା | ପର ବା ବାଳ ପୋଡ଼ିଗଲାପରି ଗନ୍ଧ | ରେଶମ ଗୁଣ୍ଡ ହୋଇ ଯାଉଥିବା କଳା ପାଉଁଶ ପଶମ କଳାମାଳି ପରି ଆବଡ଼ା ଖାବଡ଼ା ପାଉଁଶ ଦଳିଲେ ଗୁଣ୍ଡ ହୋଇଯିବ |

| | | | | |
|---|---|---|---|---|
| କୃତ୍ରିମ ତନ୍ତୁ, ନାଇଲନ୍, ପଲିଷ୍ଟାର, ଆକ୍ରିଲିକ୍ ପ୍ରଭୃତି | ଜଳିବା ସମୟରେ ଶିଖାଠାରୁ ଦୂରେଇ ଆସିବ। | ନରମ ହୋଇ ଯିବ, ତରଳିଯିବ ଏବଂ ଜଳିବ | ବିଭିନ୍ନ ପ୍ରକାରର ରାସାୟନିକ ଗନ୍ଧ | କଠିନ ମାଳିପରି ଦଳି ଦେଲେ ଗୁଣ୍ଡ ହେବ ନାହିଁ |

**ଏହି ଦହନ ପରୀକ୍ଷାର ଅପକାରିତା ହେଲା,** ଯେତେବେଳେ ଭିନ୍ନ ଭିନ୍ନ ପ୍ରକାରର ଦୁଇ ବା ତତୋଧିକ ତନ୍ତୁକୁ ନେଇ ବସ୍ତ୍ର ତିଆରି କରାଯାଇଥାଏ। ସେହି ତନ୍ତୁକୁ ନେଇ ଦହନ ପରୀକ୍ଷା କରାଗଲେ ତନ୍ତୁକୁ ସହଜରେ ଚିହ୍ନଟ କରି ହେବ ନାହିଁ।

## ତୁମ ପାଇଁ କାର୍ଯ୍ୟ ୧୦.୨

ବିଭିନ୍ନ ପ୍ରକାରର ସୂତା, ଭିନ୍ନଭିନ୍ନ ଲୁଗାରୁ କାଢ଼। ଏଗୁଡିକ ଅଲଗା ଅଲଗା କରି ରଖ। ଗୋଟେ ପରେ ଗୋଟେ ଛିଣ୍ଡାଇ, ତାକୁ ଅନୁଧ୍ୟାନ କର। ତୁମେ ନିମ୍ନଲିଖିତ ସୂଚନା ପାଇପାରିବ।

(କ) କାର୍ପାସ - ସହଜରେ ଛିଣ୍ଡିଯାଏ, ଉପର ଭାଗ ଗୁଚ୍ଛ ସଦୃଶ୍ୟ, ଅଳ୍ପ କୁଞ୍ଚକୁଞ୍ଚିଆ ତନ୍ତୁ।

(ଖ) ଫ୍ଲେକ୍ସ - କାର୍ପାସ ଠାରୁ ଶକ୍ତିଶାଳୀ ଏବଂ ତାକୁ ଛିଣ୍ଡାଇବା ପାଇଁ ଅଧିକ ବଳ ଦରକାର।

(ଗ) ଝୋଟ - ସହଜରେ ଛିଣ୍ଡିଯାଏ।

(ଘ) ପଶମ - ଏହା ଟାଣି ହୋଇଯାଏ, ଛିଣ୍ଡି ଗଲାପରେ ଏହାର ଉପରିଭାଗ ଗୁଚ୍ଛ ସଦୃଶ୍ୟ ରହିଥାଏ।

(ଙ) ରେଶମ - ଏହା ଏକା ଥରେ ଛିଣ୍ଡେନାହିଁ।

(ଚ) ରେୟନ - ଏହା ସହଜରେ ଛିଣ୍ଡିଯାଏ ଏବଂ ଏହାର ଉପରୋକ୍ତ ଭାଗରେ ବ୍ରସ୍‌ପରି ଗୁର ନଥାଏ।

(ଛ) କୃତ୍ରିମ - ଟାଣି ହୋଇଯାଏ ଏବଂ ସହଜରେ ଛିଣ୍ଡେନାହିଁ।

## ପାଠଗତ ପ୍ରଶ୍ନାବଳୀ ୧୦.୨

୧. ଥରେ ସନ୍ଧ୍ୟାରେ ଗୀତା ରୋଷେଇ କରୁଥିଲା। ତାର ବାପା ବଗିଚାରେ କାମ କରୁଥିଲେ। ହଠାତ୍ ଓଢ଼ଣୀରେ ନିଆଁ ଲାଗିଗଲା। ସେ ପାଟିକରି ଦୌଡି ରୋଷେଇ ଘରୁ ବାହାରି ଆସିଲା। ତାର ବାପା ଏହା ଦେଖି ସାଙ୍ଗେ ସାଙ୍ଗେ ତାକୁ ଗୋଟିଏ କାର୍ପାସ ଚଦରରେ ଘୋଡେଇ ଦେଲେ। ତାକୁ ଡାକ୍ତରଖାନା ନେଇଗଲେ। ଡାକ୍ତର କହିଲେ, ଯେ ତାର ଓଢ଼ଣୀ, ପଲିଷ୍ଟରରେ ତିଆରି ହୋଇଥିବାରୁ ତରଳି ଗୀତାର ଦେହରେ ଲାଗିଗଲା। ତାର ବାପା କାର୍ପାସର ପୋଷାକ ପିନ୍ଧିଥିବାରୁ ଗୀତା କୁ ଘୋଡାଇଦେବା ସମୟରେ ନିଆଁ ଲିଭାଇବା ସମୟରେ କମ୍ ଆହତ ହେଲେ। ଡାକ୍ତର ତାଙ୍କ ବାପାଙ୍କ କାର୍ଯ୍ୟକୁ ପ୍ରଶଂସା କଲେ। ଭାଗ୍ୟବସତଃ, ଗୀତାର ଅଳ୍ପ ପୋଡିଥିଲା, ତେଣୁ ସେ ଶୀଘ୍ର ଆରୋଗ୍ୟ ଲାଭ କଲେ।

### ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ଦିଅ

(କ) ଓଢ଼ଣୀରେ କାହିଁକି ନିଆଁ ଲାଗିଲା ?

(ଖ) ନିଆଁ ଲାଗିଲାପରେ ଓଢ଼ଣୀ କାହିଁକି ଅଠାପରି ଦେହରେ ଲାଗିଗଲା ?

(ଗ) ଗୀତାର ବାପାଙ୍କର କାହିଁକି ପୋଡାପୋଡି କମ୍ ହେଲା ?

(ଘ) ଆମେ ରୋଷେଇ ଘରେ କାମ କରିବା ସମୟରେ କି ପ୍ରକାରର ଲୁଗା ପରିଧାନ କରିବା ଉଚିତ୍ ?

(ଙ) ଆମେ ରୋଷେଇ କରିବା ସମୟରେ କେଉଁ ତିନୋଟି ପ୍ରକାର ଲୁଗା ପିନ୍ଧିପାରିବା ତାହାର ତାଲିକା କର ।

(ଚ) ଲୋକମାନେ କୃତ୍ରିମ ବସ୍ତ୍ର ରୋଷେଇ କରିବା ସମୟରେ କାହିଁକି ପିନ୍ଧନ୍ତି, ଯଦିଓ ସେମାନେ ଜାଣିଥାନ୍ତି ଯେ, ଏଥିରେ ସହଜରେ ନିଆଁ ଲାଗିପାରିବ ? ତୁମେ ସେମାନଙ୍କୁ ରୋଷେଇ କରିବା ସମୟରେ କାର୍ପାସ ବସ୍ତ୍ର ପିନ୍ଧିବା ଉଚିତ୍, ଏହା ୩୦ଟି ଶବ୍ଦ ମାଧ୍ୟମରେ ହୃଦ୍‌ବୋଧ ।

୨. ଶୂନ୍ୟସ୍ଥାନ ପୂରଣ କର ।

(କ) ଯଦି ପଶମ ଶୀତ ଦିନରେ ପିନ୍ଧିବ ତେବେ ଖରା ଦିନରେ ______________ପିନ୍ଧିବ ।

(ଖ) ଯଦି ବଲ୍କଳ ହେଲା ଫ୍ଲାକ୍ସ, ତେବେ ______________ ପଶମ ।

(ଗ) ଯଦି କାର୍ପାସ ବସ୍ତ୍ରର ରାଜା, ତେବେ ରେଶମ ବସ୍ତ୍ରର ______________ ।

(ଘ) ଯଦି ରିଜେନେରେଟେନ୍ ତନ୍ତୁ କାଠ ମଣ୍ଡ ତେବେ କୃତ୍ରିମ ତନ୍ତୁ ______________ ।

(ଙ) ଯଦି ଲିନେନ୍ ହେଲା କାର୍ପାସ, ତେବେ ଆକ୍ରିଲିକ୍ ହେଲା ______________ ।

୩. ଠିକ୍ ଉତ୍ତର ପାଖରେ ଠିକ୍ ଚିହ୍ନ ଦିଅ ଓ ଏହାର କାରଣ ଲେଖ ।

(କ) କାର୍ପାସ ଏକ ସୂତାଖିଅ ପରି ତନ୍ତୁ ଅଟେ । (ଠିକ୍ / ଭୁଲ୍)

(ଖ) ଖିଅ ଗୁଡିକରେ ଲମ୍ବା ଇଞ୍ଚରେ ମପାଯାଏ । (ଠିକ୍ / ଭୁଲ୍)

(ଗ) ଏସିଟେଟ୍ ଏକ ମନୁଷ୍ୟକୃତ କୃତ୍ରିମ ତନ୍ତୁ । (ଠିକ୍ / ଭୁଲ୍)

(ଘ) ପ୍ରାକୃତିକ ତନ୍ତୁ ରାସାୟନିକ ଦ୍ରବ୍ୟରୁ ତିଆରି ହୋଇଥାଏ । (ଠିକ୍ / ଭୁଲ୍)

(ଙ) ପଶମ ଏକ ଉଦ୍ଭିଦଜ ତନ୍ତୁ । (ଠିକ୍ / ଭୁଲ୍)

୪. ନିମ୍ନରେ ଦିଆଯାଇଥିବା ସୂଚନା ଅନୁଯାୟୀ ତନ୍ତୁ ଗୁଡିକର ନାମ ଲେଖ ।

(କ) ମୁଁ ଅତି ନରମ ଓ ରେଶମ ପରି ଦେଖାଯାଏ ।

(ଖ) ମୋତେ ମଣ୍ଡ ଦେଲାପରେ ମୁଁ ଚକ୍‌ଚକିଆ ହୋଇଯାଏ ।

(ଗ) ମୁଁ ପଶମ ପରି ଦେଖିବାକୁ ।

(ଘ) ମୁଁ ଚିକ୍କଣ ଓ ଚକଚକିଆ ।

(ଙ) ମୋତେ ଛୁଇଁଲେ ଖଦଖଦିଆ ଲାଗେ ।

(ଚ) ମୁଁ ଶୀତଦିନେ ଉଷ୍ମ ପ୍ରଦାନ କରେ ।

(ଛ) ମୁଁ ସହଜରେ ସଫା ହୋଇପାରେ ।

(ଜ) ମୁଁ ଲୋଚାକୋଚା ହୋଇଯାଏ ।





### ୧୦.୩ କୌତୁହଳ ବାକ୍ସ

| | | | | | | | |
|---|---|---|---|---|---|---|---|
| ଆ | କେ | ବ | ର | ଣ | ତି | ଲି | ଟି |
| ରେ | ଆ | କ୍ରି | ଲି | କ୍ | ରେ | ନି | ତି |
| ୟ | ଖ | ଗ | ଝୋ | ଟ | ଶ | ଦି | ନ |
| ନ | ବା | ଚ | ପ | ଶ | ମ | କ | ରି |
| କା | ର୍ପା | ସ | ଲି | ନେ | ନ୍ | ବା | କୁ |
| ଆ | ମ | କା | ଶ | ରା | ଟ୍ | ମା | ନ |
| ବ | ଡ | କ | ହି | କା | ରୁ | ସ | ମା |
| ନା | ଇ | ଲ | ନ୍ | ତ | ମା | ନ | ତା |

## ୧୦.୫ ବୁଣା ସୂତା ତିଆରି ଓ ବସ୍ତ୍ର ତିଆରି



ବହୁତ ଗୁଡିଏ ତନ୍ତୁ ପରସ୍ପର ଗୁଡେଇ ହୋଇ ବୁଣା ସୂତା (yarn) ତିଆରି ହୁଏ। ତନ୍ତୁ ଗୁଡିକ ପରସ୍ପର ଗୁଡେଇ ହେବା ଫଳରେ ସୂତାର ଶକ୍ତି ବଢ଼ିଥାଏ। ପରେ ଏହା ବସ୍ତ୍ରରେ ତିଆରି ହୁଏ। ଏହି ସୂତା ବହୁତ ଗୁଡିଏ ତନ୍ତୁକୁ ମୋଡି ତିଆରି ହୋଇଥାଏ। ଦୃଢ଼ ସୂତାରେ ସିଲେଇ ଓ **ସୂଚିକାମ କରାଯାଇଥାଏ।**

### ୧୦.୫.୧ ବୁଣାସୂତା ପ୍ରସ୍ତୁତି ପ୍ରଣାଳୀ :

#### (କ) ସୂତା କଟା (Spinning)

ତୁମେ ଜାଣିଛ ସୂତା କିପରି ତିଆରି ହୁଏ ? ତୁମେ ଠିକ୍ ଭାବିଛ ସୂତା କ'ଣ ହୁଏ। ଏହା ଏକ ପଦ୍ଧତି ଯେଉଁଥିରେ ଏକ ଗୁଚ୍ଛ ତନ୍ତକୁ ନେଇ ଟାଣି ଟାଣି, ଗୁଡାହୁଏ। ତୁମେ ମହାତ୍ମାଗାନ୍ଧୀଙ୍କର ଚରଖା କଥା ଜାଣିଛ ? ମହାତ୍ମାଗାନ୍ଧୀ ପ୍ରତିଦିନ ମେଞ୍ଚାଏ ତୁଳା ନେଇ ସେଥିରୁ ଚରଖା ସାହାଯ୍ୟରେ ସୂତା ବାହାର କରୁଥିଲେ। ସେ ଚରଖାକୁ ଭାରତର ଆତ୍ମନିର୍ଭରଶୀଳତା ଓ ରୋଜଗାରର ପ୍ରତୀକ ମାନୁଥିଲେ। ଚରଖା ଦ୍ୱାରା ହାତରେ ସୂତା କଟାଯାଏ। ଚରଖାଦ୍ୱାରା ଭିନ୍ନ ଭିନ୍ନ ମୋଟାର ସୂତା ତିଆରି ହୋଇପାରେ। ମୋଟା ସୂତା କାର୍ପେଟ ପାଇଁ ମଧ୍ୟମ ମୋଟା ସୂତା ଗଦି ଖୋଳ ଓ ସୂକ୍ଷ୍ମ ସୂତା ବସ୍ତ୍ର ପାଇଁ ତିଆରି ହୁଏ। ଭାରତର ଅନେକ ଗ୍ରାମରେ କାର୍ପାସ, କାର୍ପାସ, ହେମ୍ପ ଓ ରେଶମ ଇତ୍ୟାଦି ଚରଖାରେ କଟା ଯାଏ।



ଚିତ୍ର ୧୦.୪ ଚରଖା

ସୂତା ତିଆରି ହେବାପାଇଁ ଦୁଇପ୍ରକାରର ମୋଡ଼ (twist) ଦିଆଯାଏ। 'ଏସ୍' ମୋଡ଼ (ଯାହା ଘଣ୍ଟା)ର ବିପରୀତ ଦିଗରେ ଦିଆଯାଏ। ଅଳ୍ପମୋଡ ଦିଆଯାଇଥିବା ସୂତା ମୋଟା, ଓଜନିଆ ଓ ଦୁର୍ବଳ ହୋଇଥାଏ। ବେଶୀ ମୋଡ ଦିଆଯାଇଥିବା ସୂତା ଟାଣ ଓ ମସୃଣ। **ଚିତ୍ର ୧୦.୫ରେ 'ଏସ୍' ଓ 'ଜେଡ୍' ମୋଡ ଦର୍ଶାଗଲା।**




ଚିତ୍ର ୧୦.୫ 'S' ଏବଂ 'Z' ମୋଡ଼




ଚିତ୍ର ୧୦.୬ ମୋଡ଼ର ସଂଖ୍ୟା

**(ଖ) ଯନ୍ତ୍ରଦ୍ୱାରା ସୂତା କଟା :**

ମେସିନ ଦ୍ୱାରା ତନ୍ତୁ ସୂତା ଖିଅରେ ପରିଣତ କରାଯାଏ। ଏହି ସୂତାଖିଅ ଗୁଡ଼ିକୁ ଦରକାର ଅନୁଯାୟୀ ଲମ୍ୱା ବା ଛୋଟ କରି ବୁଣା ସୂତାରେ ପରିଣତ କରାଯାଏ।

**ମେସିନ୍‌ବୁଣାର ବିଭିନ୍ନ ପ୍ରଣାଳୀ ଗୁଡ଼ିକ ହେଲା :**

**(କ) ସଫା କରିବା :**

ଚାଷ ହୋଇଥିବା ତନ୍ତୁ ଗୁଡ଼ିକ ସଂଗ୍ରହ କରିବା ସମୟରେ ସେଥିରେ ପତ୍ର, ଡାଙ୍ଗ, ମଞ୍ଜି ଏବଂ ଅଲଗା ଅଦରକାରୀ ପଦାର୍ଥ ରହିଥାଏ। ଏହି ପ୍ରଣାଳୀରେ ଏହାକୁ ସଫା କରାଯାଇଥାଏ।

**(ଖ) କାରଡିଙ୍ଗ :**

ଏହି ପଦ୍ଧତିରେ ଗୁଡ଼ାଗୁଡ଼ି ହୋଇ ରହିଥିବା ତନ୍ତୁକୁ ସିଧାକରି ସମାନ୍ତରାଳ ଭାବରେ ସଜା ହୁଏ। ତାକୁ ତାପରେ ମୋଡ ଦେଇ ନରମ ଦଉଡ଼ିରେ (ସିଲ୍‌ଭର)ରେ ପରିଣତ କରାଯାଏ।

**(ଗ) କୋମ୍ବିଙ୍ଗ :**

ଏହା ଦ୍ୱାରା ଛୋଟ ଦୈର୍ଘ୍ୟ ଓ ବଡ ଦୈର୍ଘ୍ୟର ସୂତାକୁ ଅଲଗା କରାଯାଏ। ଏହି ପ୍ରଣାଳୀ କୃତ୍ରିମ ବସ୍ତ ପାଇଁ ବ୍ୟବହାର ହୋଇ ନଥାଏ।

**(ଙ) ସ୍ପିନିଙ୍ଗ :**

କାର୍ଡିଙ୍ଗ ଏବଂ କୋମ୍ବିଙ୍ଗ ପ୍ରଣାଳୀପରେ ସ୍ପିନିଙ୍ଗ କରାଯାଏ।

**(ଚ) ସ୍ପିନିଙ୍ଗ :**

କାର୍ଡ ସୂତା ବା କୋମ୍ବଡ୍ ଦେଇଥିବା ସୂତାକୁ ଟଣାଯାଇ ପୁଣି ମୋଡ ଦିଆଯାଏ। ଏଥିରେ ଗୋଟିଏ ସୂତା ଖିଅ ବା ଦୁଇରୁ ଅଧିକ ଖିଅକୁ ନେଇ ଗୋଟିଏ ସୂତା କରାଯାଏ।

**(ଛ) ୱିନ୍‌ଡିଙ୍ଗ :**

ଏଥିରେ ସୂତାକୁ ତାର ବ୍ୟବହାର, ଦୈର୍ଘ୍ୟ ଏବଂ ଓଜନ ଅନୁଯାୟୀ ଗୁଡାଯାଏ। ସାଧାରଣତଃ ବୁଣାବୁଣି ପାଇଁ ପଶମ ବଲ୍ ଆକାରରେ ସିଲେଇ ପାଇଁ ରିଲ୍‌ରେ ଓ ବୁଣାବୁଣି ପାଇଁ ବବିନ୍‌ରେ ଗୁଡାଯାଇଥାଏ।



ଚିତ୍ର ୧୦.୭ ବଲ, ରିଲ୍, ହାଙ୍କ, ଓ କୋନ୍‌ରେ ସୂତା ଗୁଡାଇ ରଖିବା

### ତୁମ ପାଇଁ କାର୍ଯ୍ୟ ୧୦.୩

ଘରୁ କେତୋଟି ପଶମ ଗୁଚ୍ଛ ଓ ସୂତାରିଲ ସଂଗ୍ରହ କର। ଏଗୁଡିକର ଦୈର୍ଘ୍ୟ ଓ ଓଜନ ମାପ। କେତୋଟି ସୂତା ୫୦, ୧୦୦ ଏବଂ ୨୦୦ ମିଟର ହୋଇଥିବେ, ନୁହେଁ? ତୁମେ ଅନୁଧ୍ୟାନ କରିଥିବ। ବୁଣା ଭଲ ଗୁଳା ୨୫ଗ୍ରାମ କିମ୍ବା ୫୦ଗ୍ରାମର ହୋଇଥିବ।

୧୦.୫.୨ ବୁଣାସୂତାର ଶ୍ରେଣୀ ବିଭାଗ :




ବୁଣା ସୂତାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି (କ) ସରଳ ସୂତା (ଖ) ମନୋହରୀ ସୂତା

**(କ) ସରଳ ସୂତା :**

ଏହି ସୂତାର ମୋଟାପା ସମାନ ଥାଏ, ମସୃଣ ଓ ପ୍ରତିଇଞ୍ଚରେ ସମାନ ମୋଡ ଥାଏ, ଏହା ଲୁଗାପଟା ଓ ଘରେ ବ୍ୟବହୃତ କପଡା ପାଇଁ ବ୍ୟବହାର ହୋଇଥାଏ।



ଟିପ୍ପଣୀ

- **ଏକ ଖିଅ ସୂତା :** ଏହା ହାଲ୍‌କା ଓ ରୁଚିପୂର୍ଣ୍ଣ ପୋଷାକ ପତ୍ର ପାଇଁ ବ୍ୟବହାର ହୋଇଥାଏ। ମୋଟା ଏକ ଖିଅ ସୂତା ମୋଟା ପୋଷାକ ତିଆରି ପାଇଁ ବ୍ୟବହାର କରାଯାଇଥାଏ।



ଚିତ୍ର - ୧୦.୮ ସରଳ ଏକ ଖିଅ ସୂତା

- **ଅନେକ ଖିଅ ସୂତା :**
  ଦୁଇ ଦୁଇଟିରୁ ଅଧିକ ସୂତା ଖିଅକୁ ଏକାଠି କରି ମୋଡ ଦିଆଯାଇଥାଏ। ସୂତା ଖିଅର ସଂଖ୍ୟା ଅନୁସାରେ ଏହା ଦୁଇ ଖିଅ, ତିନି ଖିଅ ବା ଚାରି ଖିଅ ପ୍ରଭୃତିରେ ନାମାଙ୍କନ କରାଯାଇଥାଏ। ଏହା ଏକ ଖିଅ ସୂତାଠାରୁ ଅଧିକ ସ୍ଥାୟୀ ଏବଂ ଏଥିରୁ ସାର୍ଟ, ପ୍ୟାଣ୍ଟ, ଚଟାଣ ଢ଼ାଙ୍କୁଣି ପ୍ରଭୃତି ତିଆରି କରାଯାଇଥାଏ।

## ତୁମପାଇଁ କାମ ୧୦.୪

ଚାଲ ଅନେକ ଖିଅ ସୂତା ତିଆରି କରିବା।

- ନିମ୍ନରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ କେତେକ ଅନେକ ଖିଅ ସୂତା ଅଠା ଦେଇ ଲଗାଅ।

| ଅନେକ ଖିଅ ସୂତାର ଚିତ୍ର | ପଦ୍ଧତି | ଅନେକଖିଅ ସୂତାର ଉଦାହରଣ |
|---|---|---|
| ଚିତ୍ର ୧୦.୯ ଦୁଇଖିଅ ସୂତା  | **ଦୁଇଖିଅ ସୂତା:** ଦୁଇଟି ସୂତାକୁ ଏକାଠି ଗଣ୍ଠିପକାଅ ଓ ଏକାଠି ଧରି ମୋଡ଼ି ଦେଇ ତିଆରିକର ଓ ଶେଷରେ ଗୋଟିଏ ଗଣ୍ଠି ପକାଅ। | |
| ଚିତ୍ର ୧୦.୧୦ ତିନିଖିଅ ସୂତା  | **ତିନିଖିଅ ସୂତା:** ତିନୋଟି ସମାନ୍ତରାଳ ସୂତାକୁ ଆରମ୍ଭର ଏକାଠି କରି ଗଣ୍ଠି ପକାଅ। ତାପରେ ଟାଣି ମୋଡ଼ଦେଇ ଚାଲ। ଶେଷରେ ଗୋଟେ ଗଣ୍ଠି ପକାଅ। | |
| **ଚିତ୍ର ୧୦.୧୧ ଚାରିଖିଅସୂତା**  | **ଚାରିଖିଅ ସୂତା:** ଏଥିରେ ଦୁଇଟି ଦୁଇଖିଅ ସୂତାକୁ ଆରମ୍ଭରୁ ଗଣ୍ଠି ପକାଇ ଟାଣ, ମୋଡ଼ଦେଇ, ଶେଷରେ ଗଣ୍ଠି ପକାଅ। | |
| ଚିତ୍ର ୧୦.୧୨ କଡ଼ ସୂତା  | **କଡ଼ସୂତା:** ଏଥିରେ ଏକଖିଅ, ଦୁଇ ଖିଅ, ତିନିଖିଅ, ଚାରିଖିଅ ସୂତା ସମାନ୍ତରାଳ ଭାବରେ ନିଅ ଆରମ୍ଭରେ ଗଣ୍ଠିପକାଅ ମୋଡ଼ ଦେଇଶେଷରେ ଗଣ୍ଠିପକାଇ ଏଥିରେ ଦଉଡ଼ି ତିଆରି ହୁଏ। | |




ଚିତ୍ର : ୧୦.୧୩ ସୂତା ଖିଅର ପ୍ରକାର

**(ଖ) ମନୋହରୀ ସୂତା :**

ସତର୍କତାର ସହିତ ପର୍ଦ୍ଦା କନା, ସୋଫା ଘୋଡଣୀ ବା ସ୍ୱେଟରରୁ ସୂତା କାଢ଼ି ତାର ଗଠନ ଅନୁଧ୍ୟାନ କର। ଦେଖିବ ଏଗୁଡିକ ଜଟିଳ ପଦ୍ଧତିର
ବାହ୍ୟରୂପ ଅନୁଯାୟୀ ଏଗୁଡିକର ନାମ କରଣ କରାଯାଇଛି ଯଥା : ଗଣ୍ଠି ସୂତା, କୁଣ୍ଡଳକାର ସୂତା, ସ୍ଲବ ସୂତା ଓ ତାର ସୂତା, ଯାହା ତୁମକୁ ଚିତ୍ର ୧୦.୪ ରୁ ୧୦.୭ରେ ଦେଖାଯାଇଛି।

*ମନୋହରୀ ସୂତାର ପ୍ରକାର*

| | |
|---|---|
| **କୁଣ୍ଡଳକାର ସୂତା :** ଏହା ସୂତାର ଦୈର୍ଘ୍ୟ ଅନୁଯାୟୀ ସୂତା ରହିଥାଏ। <br> ଉଦାହରଣ : ଉଲ | ଚିତ୍ର ୧୦.୧୪  |
| **ଗଣ୍ଠିସୂତା :** ଗଣ୍ଠି ସୂତାରେ ଦୈର୍ଘ୍ୟରେ ବହୁତ ଗୁଡିଏ ଗଣ୍ଠି କରାଯାଇଥାଏ। <br> ଉଦାହରଣ ସ୍ୱରୂପ - ପଶମ | ଚିତ୍ର ୧୦.୧୫  |
| **ସ୍ଲବ ସୂତା :** ସ୍ଲବ ସୂତାର ଦୈର୍ଘ୍ୟରେ ମୋଡ ମଝିରେ, ସମାନ ବ୍ୟବଧାନରେ ଅଳଙ୍କାରକୃତି ଦିଆଯାଇଥାଏ। <br> ଉଦାହରଣ - ପର୍ଦ୍ଦା | ଚିତ୍ର ୧୦.୧୬  |
| **ପର ସୂତା :** ଏହାକୁ ଚେନିଲି ମଧ୍ୟ କହାଯାଏ। <br> ଏହା ରୁମୁରୁମିଆ ଓ ନରମ। <br> ଉଦାହରଣ - ରଗ୍‌ସ | ଚିତ୍ର ୧୦.୧୭  |

ମନୋହରୀ ସୂତାରୁ ତିଆରି ବସ୍ତ୍ର ଓଜନିଆ, ନରମ ଏବଂ ବାହ୍ୟରୂପର ଆକର୍ଷଣୀୟ କିନ୍ତୁ ଏଗୁଡିକ ସରଳ ସୂତା ଅପେକ୍ଷା କମ୍ ଦିନରେ ନଷ୍ଟହୋଇ ଯାଆନ୍ତି ।

## ପାଠଗତ ପ୍ରଶ୍ନାବଳୀ ୧୦.୩

୧. ନିମ୍ନଲିଖିତ ବାକ୍ୟ ଗୁଡିକ ମଧ୍ୟରୁ ସତ୍ୟ ଓ ମିଥ୍ୟା ଦର୍ଶାଅ । ଠିକ୍ ଉତ୍ତର ଗୁଡିକରେ ମୋର ବୁଲାଅ ।

(କ) ରେଶମ ସୂତା ସହଜରେ ଛିଣ୍ଡିଯାଏ । (ସତ୍ୟ / ମିଥ୍ୟା)

(ଖ) ଓଜନିଆ ସୂତାରେ କମ୍ ମୋଡ ଥାଏ । (ସତ୍ୟ / ମିଥ୍ୟା)

(ଗ) ସ୍ଲବ ସୂତାରେ ମୋଟା ଓ ପତଳା ଧଳା ଥାଏ । (ସତ୍ୟ / ମିଥ୍ୟା)

(ଘ) ବର୍ତ୍ତସୂତା, ଗୋଟିଏ ସୂତା ଖିଅରୁ ପ୍ରସ୍ତୁତ ହୋଇଥାଏ । (ସତ୍ୟ / ମିଥ୍ୟା)

୨. ବାକ୍ସରେ ଦିଆଯାଇଥିବା ଶବ୍ଦକୁ ନେଇ ଶୂନ୍ୟସ୍ଥାନ ପୂରଣ କର ।

(କ) ଗୋଟିଏ ସରଳ ସୂତାରେ ପ୍ରତି ଇଞ୍ଚରେ ______________ ଥାଏ ।

(ଖ) କର୍ଡ ସୂତା ______________ ଅଟେ ।

(ଗ) ଫ୍ଲେକ୍ସ ସୂତା ______________ ଠାରୁ ଶକ୍ତିଶାଳୀ ।

(ଘ) କୃତ୍ରିମ ତନ୍ତୁ ଲମ୍ବ ହୋଇ ଯାଏ ଏବଂ ______________ ।

| |
|---|
| କାର୍ପାସ ଏକରୁ ଅଧିକ ସୂତା ଖିଅ । |
| ସୂତା ସହଜରେ ଛିଣ୍ଡେ ନାହିଁ । |
| ମୋଟାପା କୃତିମ |

## ୧୦.୬ ବସ୍ତ୍ର

ବସ୍ତ୍ର ମଜଭୁତ୍, ନମନୀୟ ତନ୍ତୁ ବା ସୂତାରେ ତିଆରି ହୋଇଥିବା ଚାଦର ଅଟେ । ତୁମେ ପପ୍‌ଲିନ୍, ଖଦନ, ମଲ୍‌ମଲ, ଡେନିସ୍, ରୁବି, ଟେରିକଟ୍‌ର ନାମ ଶୁଣିଥିବା ଏହିସବୁ ବସ୍ତ୍ର ସୂତାହରେ ବୁଣାହୋଇ ତିଆରି ହୋଇଥାଏ । ମନୁଷ୍ୟ ପ୍ରକୃତିର ଚଢ଼େଇ ମାନଙ୍କ ଦ୍ୱାରା ତିଆରି ହୋଇ ବସାଦ୍ୱାରା ଅନୁପ୍ରେରିତ ହୋଇ ବସ୍ତ୍ର ତିଆରି ଆରମ୍ଭ କରିଥିଲା ।

ବୟନ ଦ୍ୱାରା, ବୁଣା କଣ୍ଟାରେ ବୁଣିବା ଫନ୍ଦଦ୍ୱାରା ବୁଣିବା, ଜାଲି ଦ୍ୱାରା ଜାଲ କରିବା ପଦ୍ଧତି ଗୁଡିକରେ ବସ୍ତ୍ର ବୁଣା ଯାଇଥାଏ । କିନ୍ତୁ ଏଗୁଡିକମଧ୍ୟରୁ ବୟନ ଏବଂ ବୁଣା କଣ୍ଟାରେ ପ୍ରାୟ ବସ୍ତ୍ର ତିଆରି ହୋଇଥାଏ ।

### ୧୦.୬.୧ବୟନ (weaving)

ଏହି ପ୍ରଣାଳୀରେ ଦୁଇଟି ଖିଅ - ଲମ୍ବା ବାଗରେ ଟଣା ସୂତା (warp) ଓ ଆଡ ସୂତା (weft) ସମକୋଣରେ (୯୦°କୋଣ) ହୁଅନ୍ତି । ବୁଣାଲୁଗାର ଶେଷ ଭାଗ ବହଳିଆ ହୋଇ ବୁଣାଯାଏ ତାକୁ ଧଡି (selvedge) କୁହାଯାଏ । ଏହା ସୂତାକୁ ବାହାରିବାକୁ ଦିଏ ନାହିଁ । ଦୁଇ ଧାଡିର ମଝିରେ ଲୁଗା ରହିଥାଏ ।




Fig. 10.18 Woven fabric

## ବୟନର ଉପକାରିତା :

- ବୟନ ଦ୍ୱାରା ବସ୍ତ୍ର ମଜଭୂତ୍ ହୋଇଥାଏ।
- ବୟନ ବସ୍ତ୍ର ଟାଣି ହୋଇ ଯାଏ ନାହିଁ।
- ଏଥିରେ ବୁଣାବୁଣି କରିବା ବା ଛାପିବା। ସହଜ ହୋଇଥାଏ।
- ଏହି ପଦ୍ଧତି ସାଧାରଣତଃ ବ୍ୟବହାର ହୋଇଥାଏ।

## ୧୦.୬.୧

### (କ) କେତୋଟି ସାଧାରଣ ଶୈଳୀ :

ବୟନ ଶୈଳୀକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । ମୌଳିକ ବୟନ ଓ ମନୋହରୀ ବୟନ। ପ୍ରାୟ ଅନେକ ବସ୍ତ୍ର ମୌଳିକ ବୟନ ପ୍ରଣାଳୀ ଦ୍ୱାରା ତିଆରି ହୋଇଥାନ୍ତି। ସେଗୁଡିକ ତିନି ପ୍ରକାରର ଯଥା - ସାଧା ବୁଣାଇ (plain weave), ଟ୍ୱିଲ ବୁଣାଇ (twill weave), ଏବଂ ସାଟିନ୍ ବୁଣାଇ (satin weave) ଏଗୁଡିକର ବୁଣାଳି ପ୍ରଣାଳୀ ଚିତ୍ର ୧୦.୧୯ରେ ଦିଆଯାଇଛି।




ଚିତ୍ର ୧୦.୧୯ : ସାଧା ବୁଣାଇ, ଟ୍ୱିଲ ବୁଣାଇ ଓ ସାଟିନ୍ ବୁଣାଇର ନିର୍ମାଣ।

(କ) **ସାଧା ବୁଣାଇ :** ସାଧା ବୁଣାଇକୁ ଘରବୁଣା, ଟାବି କିମ୍ବା ଟାଫେଟା ବୁଣାଇ କୁହାଯାଏ। ଏହା ଏକ ସହଜ ବୁଣାଇ ଯେଉଁଥିରେ ଆଡସୂତା, ଲମ୍ବା ସୂତାର ଉପରେ ଓ ତଳେ ପରିବର୍ତ୍ତିତ ହୋଇ ବୁଣାହୁଏ। ସବୁଠାରୁ ଅଧିକ ସାଧା ବୁଣାଇ ଲୁଗା ଉତ୍ପାଦିତ ହୋଇଥାଏ। ଏଥିରେ ସହଜରେ ସୂଚିକାମ ଓ ମୁଦ୍ରିତ କାମ ହୋଇପାରେ। ମସ୍‌ଲିନ୍, କାମ୍ରିକ,ହ୍ୟାଣ୍ଡସ୍ପଦ, କଦଡ, ଅରଗାଣ୍ଡି, ପପ୍‌ଲିନ୍, ଉଏଲ ପ୍ରଭୃତି ଲୁଗାରେ ବିଭିନ୍ନ ପ୍ରକାରର ସାଧା ବୁଣାଇ ହୋଇଥାଏ।

(ଖ) **ଟ୍ୱିଲ୍ ବୁଣାଇ :** ଏହି ଚାରି ବନ୍ଧନୀ ତନ୍ତ ଦ୍ୱାରା ତିଆରି ହୋଇଥାଏ। ଏଥିରେ ଆଡ଼ ସୂତା। ଦୁଇଟି ଲମ୍ବା ସୂତା ଉପରେ ଓ ଗୋଟିଏ ଲମ୍ବା ସୂତା ତଳେ ଯାଇଥାଏ। ଏହି ସିଲାଇରେ ଏକ ଅଭଙ୍ଗା କର୍ଣ୍ଣରେଖା ଦେଖାଯାଇଥାଏ। ତାକୁ ଟ୍ୱିଲ୍ କୁହାଯାଏ।ବିଭିନ୍ନ ପ୍ରକାରର କର୍ଣ୍ଣରେଖା ଦ୍ୱାରା ଭିନ୍ନ ଭିନ୍ନ ପ୍ରକାର ଟ୍ୱିଲ୍ ବୁଣାଇ ହୋଇଥାଏ। ଏହାକୁ ଖୁନ୍ଦାଖୁନ୍ଦି କରି ବୁଣି ପୁରୁଷ ଲୋକଙ୍କର

କପଡା ତିଆରି ହୋଇଥାଏ। ଏହାର ଉଦାହରଣ ହେଲା, ଗାବାରଡାଇନ୍, ଟ୍ୱିଡ୍, ଡେନସ୍, ଜୀନ୍ ଇତ୍ୟାଦି।

(ଗ) **ସାଟିନ୍ ବୁଣାଇ :** ଏହା ପାଞ୍ଚ ବନ୍ଧନୀ ତନ୍ତ ଦ୍ୱାରା ତିଆରି ହୋଇଥାଏ। ଏଥିରେ, ଗୋଟିଏ ଆଡସୂତା, ୪ଟି ଲମ୍ବା ବୁଣା ସୂତା ତଳେ ଓ ଗୋଟିଏ ଲମ୍ବା ବୁଣାସୂତା ଉପରେ ଯାଇଥାଏ। ଏଥିରେ ବହୁ ଲମ୍ବା ସୂତା ଭାସମାନ ଅବସ୍ଥାରେ ଉପରେ ରହିଥାଏ। ଏଥିରେ କୌଣସି ଡିଜାଇନ୍ ଦେଖାଗଲେ ମଧ୍ୟ ଏହା ପାଲିସ୍ ଓ ଚକଚକିଆ ଦେଖାଯାଏ। ଏହାର ଉଦାହରଣ ସାଟିନ୍ କପଡା ଅଟେ। ଏହା ପୋଷାକ ପତ୍ର ପାଇଁ ବ୍ୟବହାର ହୋଇଥାଏ।

ଭାରତରେ ଚାଷ କାମ ପରେ, ବହୁତ ଲୋକ ହାତବୁଣା ଦ୍ୱାରା ରୋଜଗାରକ୍ଷମ ଅଟନ୍ତି। ଏହି ହାତବୁଣା ଲୁଗା ଘର ତିଆରି ତନ୍ତୁ ବା ମିଲ୍ ତନ୍ତୁରୁ ତିଆରି ହୋଇଥାଏ। ଖଦି ଲୁଗା ଖଦଖଦଡିଆ ହୋଇଥାଏ। ଖଦିବୁଣା, ପଶମ, ରେଶମ ବସ୍ତ୍ର ପ୍ରଭୃତି ବିଭିନ୍ନ ପ୍ରକାରର ଲୁଗା ବଜାରରେ ମିଳୁ ଅଛି। ଏହି ବସ୍ତ୍ର ବହୁ ପରିମାଣରେ ରପ୍ତାନୀ କରାଯାଉଛି। ଖଦିର ପ୍ରସାର ମହାତ୍ମାଗାନ୍ଧୀ, ଭାରତୀୟ ଗ୍ରାମୀଣ ଲୋକମାନଙ୍କୁ ରୋଜଗାରକ୍ଷମ କରିବାପାଇଁ ଆରମ୍ଭ କରିଥିଲେ।

## ତୁମ ପାଇଁ କାର୍ଯ୍ୟ ୧୦.୪

ତୁମେ ତୁମ ସ୍ଥାନରେ ଥିବା ବୁଣାକାର ମାନଙ୍କୁ, ସେମାନେ କି ପ୍ରକାର ଲୁଗା ବୁଣୁଛନ୍ତି, କେଉଁ ପ୍ରକାରର ଲୁଗା ବୁଣୁଛନ୍ତି ଓ କେତେଟଙ୍କା ଦିନକୁ କିମ୍ବା ମାସକୁ ରୋଜଗାର କରୁଛନ୍ତି, ବୁଝିକରି ଟିପ୍ପଣୀ ଦିଅ। ସେମାନେ ତାଙ୍କର ବୁଣା ଲୁଗା କେଉଁଠି ବିକ୍ରି କରୁଛନ୍ତି ? ସେମାନେ ସହଜରେ ତାଙ୍କର ଲୁଗା ବିକ୍ରି କରିପାରୁଛନ୍ତି କି ?

**କିମ୍ବା**

ତୁମେ ତୁମ ପାଖରେ ଥିବା ଦର୍ଜୀ ଦୋକାନକୁ ଯାଅ। ସେମାନେ କି କି ପ୍ରକାର କପଡାର ପୋଷାକ ପତ୍ର ତିଆରି କରୁଛନ୍ତି। କେଉଁ କେଉଁ କପଡା ତାଙ୍କ ସିଲାଇ କରିବାକୁ ସୁବିଧା ହେଉଛି ? ସେ କେଉଁ କପଡା ପାଇଁ କି ପ୍ରକାର ଛୁଞ୍ଚ ଓ ସୂତା ଦରକାର କିପରି ଜାଣିପାରେ ସେ କପଡା ସିଲାଇ ( ସାଲଓ୍ୱାର/ବ୍ଲାଉଜ/ସାର୍ଟ)ର ମୂଲ୍ୟ କିପରି ନିର୍ଦ୍ଧାରଣ କରେ ?



ଚିତ୍ର ୧୦.୨୦ ଫାଶ ତିଆରି

### ୧୦.୬.୨ ବୁଣା କଣ୍ଟାରେ ବୁଣିବା :

ଏଥିରେ କଣ୍ଟା ଦ୍ୱାରା ଶିକୁଳିର ଫାଶ ପରି ଫାଶ ତିଆରି ହୁଏ। ନୂଆ ଫାଶକୁ ପୁରୁଣା ଫାଶ ଭିତରେ ପୁରାଇ ତିଆରି ହୁଏ। ଏହା ଆଡ ସୂତାରେ କିମ୍ବା ଲମ୍ବା ସୂତାରେ ତିଆରି ହୁଏ। ହାତ ତିଆରି କଣ୍ଟା ବୁଣା ଆଡ ସୂତାରେ ତିଆରି ହୁଏ। ଆଡ ସୂତାର ବୁଣା ଦ୍ୱାରା ମେସିନ୍‌ର ସ୍ୱେଟର, ସାର୍ଟ, ମୋଜା ତିଆରି ହୋଇଥାଏ। ଆଡ ବୁଣା କେବଳ ମେସିନ୍ ଦ୍ୱାରା ହିଁ



ଚିତ୍ର ୧୦.୨୦ କଣ୍ଟା ବୁଣା

ସମ୍ଭବପର ହୋଇଥାଏ। ଏହି ବୁଣାଳୀ ପ୍ରଣାଳୀ ଦ୍ୱାରା କମ୍ବଳ ବିଛଣା ଚଦର, ଘରର ଆବସପତ୍ର ଘୋଡଣୀ ତିଆରି ହୋଇଥାଏ। ବୁଣା କଣ୍ଟା ଦ୍ୱାରା ସିଲାଇ ଚିତ୍ର ୧୦.୨୧ରେ ଦେଖାଯାଇଛି। ଏହି ଲୁଗା ଗୁଡିକ ସହଜରେ ଟାଣି ହୁଅନ୍ତି, ଆରମ ଦାୟକ, ଉଷ୍ଣମ ଦାୟକ, ଶୋଷଣକାରୀ ଏବଂ ଅକୁଞ୍ଚିତ।

## ପାଠଗତ ପ୍ରଶ୍ନାବଳୀ ୧୦.୪

୧. ଠିକ୍ ଶବ୍ଦ ବାଛି ଶୂନ୍ୟ ସ୍ଥାନ ପୂରଣ କର।

(କ) ହାତ ସିଲାକୁ ________________ କୁହାଯାଏ।
(ସିଧା ସିଲାଇ / ଆଡ ସିଲାଇ)

(ଖ) ଖଦିର ପ୍ରସାର ଭାରତରେ ________________ଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। (ମହାତ୍ମାଗାନ୍ଧୀ / ଜବାହାରଲାଲ ନେହେରୁ)

(ଗ) ________________ କୁ ଲୁଗାର ଧଡି କୁହାଯାଏ। ( ଲୁଗାର ପ୍ରସ୍ଥ / ଲୁଗାର ଦୈର୍ଘ୍ୟ)

(ଘ) କଣ୍ଟା ବୁଣା ଲୁଗା ________________ ହୁଅନ୍ତି।
(ଟାଣି ହୁଅନ୍ତି / ଟାଣି ହୁଅନ୍ତି ନାହିଁ)

## ୧୦.୭ ବିଭିନ୍ନ ପ୍ରକାର ବସ୍ତ୍ରର ବ୍ୟବହାର

ତୁମେ ପ୍ରାୟ ଲୁଗାର ଦୋକାନକୁ ତିଆରି ହୋଇଥିବା ଲୁଗା କିମ୍ବା ଖାଲି କନା କିଣିବାକୁ ଯାଅ। ସେତେବେଳେ ତୁମେ ଯଦି ଦୋକାନୀକୁ ତୁମେ କି ପ୍ରକାରର ଲୁଗା କିଣିବାକୁ ଚାହୁଛ ବଢ଼ାଇଦେବ। ତା ହେଲେ ସେ ସହଜରେ ତୁମକୁ ତୁମେ ଚାହୁଁଥିବା ଦେଖାଇ ପାରିବେ। ତୁମର ଲୁଗାର ତନ୍ତୁ, ବୁଣାଳୀ ପ୍ରଣାଳୀ ଉପରେ ଜ୍ଞାନ ଅର୍ଜନ କଲଣି, ଏହା ତୁମକୁ ଲୁଗାପଟା ବାଛିବାରେ ସାହାଯ୍ୟ କରିବ। କାର୍ପାସ ବସ୍ତ୍ର ସବୁ ମସ୍‌ଲିନ୍, ଖଦି, ପପ୍‌ଲିନ୍, ରୁବିଆ, ଆର୍‌ଗାଣ୍ଡି ଏବଂ ଜେନିସ୍ ନାମରେ ବଜାଇଲେ ମିଳେ। ସେହିପରି ଫେଲ୍‌ଟ, ନିଟ୍‌ମ୍ ଏବଂ ରେଶମ ଲୁଗା ଗୁଡିକର ସିଲ୍‌କ୍, କ୍ରେସ୍ ଓ ସିଲ୍‌କ ଲୁଗା ନାମରେ ମିଳେ।

## ପାଠଗତ ପ୍ରଶ୍ନାବଳୀ ୧୦.୫

୧. ମସ୍‌ଲିନ୍ ଏକ ____________ ବସ୍ତ୍ର ଅଟେ ।

କ. ହଲାକା ଓ ଢ଼ିଲାବୁଣା

ଖ. ଭେଦ୍ୟ ମସ୍‌କା

ଗ. ଓଜନିଆ ଓ ମୋଟା

ଘ. ମଧ୍ୟମ ଓଜନ ଓ ସାଧା

୨. ଡେନମ୍ ଏକ ____________ ବସ୍ତ୍ର ଅଟେ ।

କ. ହଲାକା ଓ ଢ଼ିଲାବୁଣା

ଖ. ଭେଦ୍ୟ ମସ୍‌କା

ଗ. ଓଜନିଆ ଓ ମୋଟା

ଘ. ମଧ୍ୟମ ଓଜନ ଓ ସାଧା

୩. ଅରଗଣ୍ଡି ଏକ ____________ ବସ୍ତ୍ର ଅଟେ ।

କ. ହଲାକା ଓ ଢ଼ିଲାବୁଣା

ଖ. ଭେଦ୍ୟ ମସ୍‌କା

ଗ. ଓଜନିଆ ଓ ମୋଟା

ଘ. ମଧ୍ୟମ ଓଜନ ଓ ସାଧା

୪. ପପ୍‌ଲିନ୍ ଏକ ____________ ବସ୍ତ୍ର ଅଟେ ।

କ. ହଲାକା ଓ ଢ଼ିଲାବୁଣା

ଖ. ଭେଦ୍ୟ ମସ୍‌କା

ଗ. ଓଜନିଆ ଓ ମୋଟା

ଘ. ମଧ୍ୟମ ଓଜନ ଓ ସାଧା

## ତୁମେ ଯାହା ଶିଖିଲ

- ବସ୍ତ୍ର → କାର୍ଯ୍ୟ ଓ ମହତ୍ତ୍ୱ
- ତନ୍ତୁ → ସୂତା → ଲୁଗା
- ତନ୍ତୁର ଶ୍ରେଣୀ ବିଭାଗ।
- ଆଧାର ଅନୁଯାୟୀ
  - ପ୍ରାକୃତିକ - କାର୍ପାସ୍, ରେଶମ, ପଶମ
  - କୃତ୍ରିମ - ନାଇଲନ୍, ପଲିଷ୍ଟର।
- ଦୈର୍ଘ୍ୟ ଅନୁଯାୟୀ
  - କ୍ଷୁଦ୍ରତନ୍ତୁ - କାର୍ପାସ୍, ପଶମ
  - ବୃହତତନ୍ତୁ - ରେଶମ, କୃତ୍ରିମ
- ତନ୍ତୁକୁ ଚିହ୍ନିବା
  - ଦେଖିକରି ଏବଂ ସ୍ପର୍ଶକରି
  - ପୋଡିକରି
- ସୂତା
- ସୂତାକଟା ପ୍ରଣାଳୀ
  - ପରିଷ୍କାର
  - କାରଡିଙ୍ଗ
  - କୋମ୍ବିଙ୍ଗ
  - ସ୍ପନିଙ୍ଗ
  - ୱିନ୍ଡିଙ୍ଗ

ବୁଣା ସୂତାର ଶ୍ରେଣୀ ବିଭାଗ

- ସରଳ
  - ଏକ ଖିଅ
  - ଅନେକ ଖିଅ
  - କର୍ଡ
- ଉନୋହର
  - ଗଣ୍ଠି ସୂତା
  - ଦଉଡ଼ି ସୂତା
  - କୁଣ୍ଡଳାକାର ସୂତା
  - ସ୍ଲବ ସୂତା
  - ପାରସୂତା

## ଅନ୍ତିମ ପ୍ରଶ୍ନାବଳୀ

୧. ପାର୍ଥକ୍ୟ ଦର୍ଶାଅ

(କ) ଖଦଖଦିଆ ସୂତା ଏବଂ ପାଲିସ୍ ସୂତା

(ଖ) 'ଏସ୍' ଓ 'ଜେଡ୍' ମୋଡ

(ଗ) ଚାରୋଟି ଖିଅ ସୂତା ଓ କର୍ଡ ସୂତା

(ଘ) ଲମ୍ବା ଖିଅ ସୂତା ଓ ଛୋଟ ଖିଅ ସୂତା

୨. ନାଇଲନ୍, ପଲିଷ୍ଟର ଓ ଥାକ୍ରିଲିକ ସୂତା ଗୁଡିକରେ ନିଆଁ ସହଜରେ ଲାଗିଯାଏ କାହିଁକି

୩. ନିମ୍ନଲିଖିତ ବିଷୟକୁ ପଢ଼ି, ଶେଷରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଦିଅ।

ଶନି ତାର ଶରୀର ସାରା ଲାଲ୍ ହୋଇଥିବା ପାଇଁ ଦୁଃଖିତ ଥିଲା। ତାକୁ ଭଲ କରିବା ପାଇଁ ବହୁତ ଚେଷ୍ଟା କଲା। କିନ୍ତୁ କିଛି ଫଳପ୍ରଦ ହେଲାନାହିଁ। ସେ ତାର ଏହି ସମସ୍ୟା ବିଷୟରେ ତା'ର ସାଙ୍ଗ ଶ୍ୟାମା ସହିତ ଆଲୋଚନା କଲା। ଶ୍ୟାମା ତାକୁ ଏକ ଚର୍ମ ବିଶେଷଜ୍ଞଙ୍କ ପାଖକୁ ନେଇଗଲା। ସେ ତାର ଚର୍ମ ଓ ଜାମା ଦେଖି କହିଲେ ଯେ, ସେ ତାର ଜାମା ପରିବର୍ତ୍ତନ କରୁ, କାରଣ ତାହା କୃତ୍ରିମ ତନ୍ତୁରେ ତିଆରି ହୋଇଥିବାରୁ ଶରୀରର ଉତ୍ତାପ ବାହାରି ନ ପାରି ଝାଳ ହେଉଛି ଏବଂ ଏହା ଏହି ଲାଲ କାରଣ ହୋଇଛି।

କିନ୍ତୁ ଗିନି ଏକଥା ମାନିଲା ନାହିଁ। କାରଣ, ସେ ଭାବିଲା ଯଦି ଅନ୍ୟମାନେ ସମସ୍ତେ ଏପରି ଜାମା ପିନ୍ଧୁଛନ୍ତି, ତେବେ ତା'ପାଇଁ ଅସୁବିଧା କାହିଁକି ହେଉଛି ? ଏହି ଜାଗା ସୁନ୍ଦର ସପା କରିବା ପାଇଁ ମଧ୍ୟ ।

ତୁମେ ଯଦି ଗିନିର ସାଙ୍ଗ ହୋଇଥାନ୍ତ। ତେବେ ତାକୁ କିପରି ବୁଝାଇ ଥାନ୍ତ ଲେଖ।

## ଉତ୍ତର

**୧୦.୧**

୧ ୧(କ) ୨(କ) ୩(ଚ) ୪(ଘ) ୫(ଛ) ୬(ଖ) ୭(ଙ)

**୧୦.୨**

୨. (କ) କାର୍ପାସ (ଖ) ଫ୍ଲିସ୍ (ଗ) ବସ୍ତ୍ରର ରାଣୀ (ଘ) ପେଟ୍ରୋଲିୟମ ଉତ୍ପାଦକ (ଙ) ପଶମ

୩. (କ) ଭୁଲ୍ - କାର୍ପାସ ଏକ କ୍ଷୁଦ୍ରତନ୍ତୁ

(ଖ) ଠିକ୍

(ଗ) ଭୁଲ୍- ଏସିଟେଟ୍ ଏକ ରିଜେନେରେଟେଡ୍ ତନ୍ତୁ

(ଘ) ଭୁଲ୍ - ପଶମ ପୁଷ୍ଟିସାର ତନ୍ତୁ।

(ଙ) ଠିକ୍

**୧୦.୩**

| | | | | | | | |
|---|---|---|---|---|---|---|---|
| ଆ | କେ | ବ | ଉ | ଣ | ଡି | ଲି | ଡି |
| ରେ | ଆ | କ୍ରି | ଲି | କ୍ | ରେ | ନି | ତି |
| ୟ | ଖ | ଗ | ଝୋ | ଟ | ଣ | ଦି | ନ |
| ନ | ବା | ତ | ପ | ଶ | ମ | କ | ଗି |
| କା | ର୍ପା | ସ | ଲି | ନେ | ନ୍ | ବା | କୁ |
| ଆ | ମ | କା | ଶ | ରା | ଟ୍ | ମା | ନ |
| ବ | ଡ | କ | ହି | କା | ରୁ | ସ | ମା |
| ନା | ଇ | ଲ | ନ୍ | ତ | ମା | ନ | ତା |

(କ) ରେୟନ
(ଖ) କାର୍ପାସ
(ଗ) ଆକ୍ରିଲିକ୍
(ଘ) ଝୋଟ
(ଙ) ପଶମ
(ଚ) ନାଇଲନ୍
(ଛ) ଲିନେନ୍

୧. (କ) ଭୁଲ୍ - ଗୋଟ ଟଣାରେ ରେଶମ ସୂତା ଛିଣ୍ଡିଯାଏ ।
(ଖ) ଠିକ୍
(ଗ) ଠିକ୍
(ଘ) ଭୁଲ୍ - କର୍ଡ ସୂତା ୩/୪/୫ ଖିଅ ସୂତାରେ ତିଆରି ।

୨. (କ) ମୋଟାପା
(ଖ) ଏକରୁ ଅଧିକ ଖିଅ
(ଗ) କାର୍ପାସ
(ଘ) ସହଜରେ ଛିଣ୍ଡେ ନାହିଁ ।

**୧୦.୪**

୧. (କ) ଆଡ ବୁଣା
(ଖ) ମହାତ୍ମାଗାନ୍ଧୀ
(ଗ) ଲୁଗାର ଦୈର୍ଘ୍ୟ
(ଘ) ଟାଣି ହୁଏ ନାହିଁ

୨. (କ) ଡେନିମ୍
(ଖ) ଗାବାରଡାଇନ୍
(ଗ) ଅରଗାଣ୍ଡି
(ଘ) ଗାମୁଛା

**୧୦.୫** ୧. (କ) ୨ (ଗ) ୩ (ଖ) ୪ (ଘ)

# ୧୧

# ବସ୍ତ୍ରର ମସୃଣତା ଓ ପରିପାଟୀ ଅଭିବୃଦ୍ଧି ପଦ୍ଧତି

ମେରୀ, ଆନ୍ ଓ ତାଙ୍କର ସାଙ୍ଗମାନେ, ରଙ୍ଗ ବୋଳିବା କୌଶଳ ଶିକ୍ଷା କରିବା ପାଇଁ ନିୟମିତ ଯାଉଥିଲେ। ଏହି ସମୟରେ ସେମାନେ ଲକ୍ଷ୍ୟ କଲେ ଯେ, ଏକ ପ୍ରକାର ରଙ୍ଗ ବ୍ୟବହାର କରିବା ସତ୍ତ୍ୱେ, ସବୁ କନା ଉପରେ ରଙ୍ଗ, ସମାନ ଦେଖାଯାଉ ନାହିଁ। ଏହାର କାରଣ, ସେମାନେ ଶିକ୍ଷକଙ୍କଠାରୁ ବୁଝିବାକୁ ଚାହିଁଲେ। ଶିକ୍ଷକ ତାଙ୍କୁ କହିଲେ ଯେ ଅଲଗା ଅଲଗା କାର୍ପାସ କପଡା ଗୁଡିକ ଉପରେ ମସୃଣତା ଓ ପରିପାଟୀ ଅଭିବୃଦ୍ଧି, ଭିନ୍ନ ଭିନ୍ନ ପଦ୍ଧତି ଦ୍ୱାରା କରାଯାଇଛି। ତେଣୁ କନା ଗୁଡିକ ରଙ୍ଗ ବୋଳିବା। ପୂର୍ବରୁ ଧୋଇବା ଦରକାର। ଏହାର ମାନେ କ'ଣ ହେଲା? ବିଭିନ୍ନ ରଙ୍ଗ, ଭିନ୍ନ ଭିନ୍ନ ପ୍ରକାରର ବସ୍ତ୍ର ଉପରେ ଅଲଗା ଦେଖାଯାଏ କି? ଏହାର ଅର୍ଥ କ'ଣ? ତୁମେ ମଣ୍ଡ ଦେବା, ରଙ୍ଗ କରିବା, ମୁଦ୍ରିତ କରିବା, ମଜଭୁତ ଓ ଓଜେଲ୍ୟ କରିବା ବିଷୟରେ ଶିକ୍ଷା କରିଛ। ଏହି ପଦ୍ଧତି ଗୁଡିକ କ'ଣ ଏବଂ ଏହା ବସ୍ତ୍ରର କାର୍ଯ୍ୟକାରିତା ଉପରେ କି ପ୍ରକାର ପ୍ରଭାବ ପକାଉଛି, ଏହି ବିଷୟ ମାଧ୍ୟମରେ ଜାଣିବା।

## ଉଦ୍ଦେଶ୍ୟ

ଏହି ବିଷୟଟି ପଢ଼ି ତୁମମାନେ ନିମ୍ନଲିଖିତ ପ୍ରଶ୍ନ ଗୁଡିକର ଉତ୍ତର ଦେଇପାରିବ।

- ବସ୍ତ୍ରର ମସୃଣତା ଓ ପରିପାଟୀ ଅଭିବୃଦ୍ଧିର ତାତ୍ପର୍ଯ୍ୟ ଓ ଗୁରୁତ୍ୱ ବିଷୟରେ ବର୍ଣ୍ଣନା କର।
- ବସ୍ତ୍ର ଗୁଡିକର ଗୁଣ ଅନୁଯାୟୀ, ସେମାନଙ୍କୁ ଦିଆଯାଉଥିବା ମସୃଣତା ଓ ପରିପାଟୀ ପଦ୍ଧତି ଗୁଡିକୁ ବର୍ଣ୍ଣନା କର।
- ଏହାର ବସ୍ତ୍ର ଉପରେ ପ୍ରଭାବ ଉପରେ ଆଲୋଚନା କର।
- କେତୋଟି ବିଶେଷ ମସୃଣତା ଓ ପରିପାଟୀ ଅଭିବୃଦ୍ଧି ପଦ୍ଧତି ଏବଂ ଏଗୁଡିକର ବ୍ୟବହାର ବିଷୟରେ ବର୍ଣ୍ଣନା କର।
- ରଙ୍ଗ କରିବା ଓ ମୁଦ୍ରିତ କରିବା ବିଷୟରେ ବିଷଦ୍ ବିବରଣୀ ପ୍ରଦାନ କର।
- ବିଭିନ୍ନ ପ୍ରକାର ଶୋଭାବର୍ଦ୍ଧନ ନିମିତ୍ତ ରଙ୍ଗ ଦେବା ଓ ଚିତ୍ରଫଳକ ଦ୍ୱାରା ମୁଦ୍ରିତ କରିବାର ପଦ୍ଧତି ଗୁଡିକୁ ମୂଲ୍ୟାୟନ କର।

## ୧୧.୧ ବୁଣା ଜିନିଷର ମସୃଣତା ଓ ପରିପାଟୀ (Textile Finishes)

ବୁଣା ଜିନିଷ କହିଲେ ଆମେ ତନ୍ତୁ ଠାରୁ କନା ପର୍ଯ୍ୟନ୍ତ ବୁଝିଥାଉ। କେତୋଟି ପଦ୍ଧତି ଦ୍ୱାରା ବୁଣା ଜିନିଷ ଗୁଡିକର ରୂପ ଓ ଗୁଣର ପରିବର୍ତ୍ତନ ହୋଇଥାଏ। ଏଗୁଡିକୁ ଗୋଟିଏ କନାକୁ ବ୍ୟବହାର କ୍ଷମ କରିବାପାଇଁ ଯେଉଁ ଉପାୟ ଥାଏ, ତାହାକୁ ମସୃଣତା ଓ ପରିପାଟୀ ପଦ୍ଧତି ବୋଲି କୁହାଯାଏ।

ମିଲ୍ ମାନଙ୍କରେ କପଡାକୁ ବେରଙ୍ଗ କରାଯାଇ, ସଫା କରାଯାଇ, ରଙ୍ଗ ଦିଆଯାଇ, ମୁଦ୍ରିତ କରାଯାଇ ମଣ୍ଡ ଦିଆହୋଇ ଶେଷରେ ଇସ୍ତ୍ରୀ କରାଯାଇ ବଜାରକୁ ବିକ୍ରି ପାଇଁ ଛଡାଯାଏ। ସବୁ କନା ଗୁଡିକୁ ଉପରୋକ୍ତ ପଦ୍ଧତି ଗୁଡିକୁ ଦିଆଯାଏ ନାହିଁ। ସେ ଗୁଡିକ ମଳିନ ବସ୍ତ୍ର (graygood) କୁହାଯାଏ। ଏଗୁଡିକ ମାନ୍ଦା ବା ପାଉଁଶିଆ ଦିଶୁଥିବାରୁ, ରୁଚିପୂର୍ଣ୍ଣ ହୁଏ ନାହିଁ ଓ ଲୋକମାନେ ତାହାକୁ ପୋଷାକ ପତ୍ର କରିବା ପାଇଁ ପସନ୍ଦ କରନ୍ତି ନାହିଁ। ତେଣୁ ଏହି ଗ୍ରେଗୁଡସ୍‌କୁ ରଙ୍ଗେଇ, ମୁଦ୍ରିତ କରି ଆକର୍ଷଣୀୟ କରାଯାଏ।

ଯେଉଁ କନା ତନ୍ତରୁ ସିଧା ବାହାରି ଥାଏ ଓ ଏହାର ଉପରେ ମସୃଣତା ଓ ପରିପାଟୀ ବର୍ଦ୍ଧିତ କରିବା ପାଇଁ କିଛି କାମ ହୋଇନଥାଏ, ତାହାକୁ ଗ୍ରେଗୁଡ୍‌ସ୍ କୁହାଯାଏ।

***ରାସାୟନିକ ପକ୍ରିୟା ଦ୍ୱାରା, ସଫାକରି, ଇସ୍ତ୍ରୀକରି ରଙ୍ଗଦେଇ, ମୁଦ୍ରଣ କରି ଯେଉଁ ବିଭିନ୍ନ ପ୍ରକାରର ରୁଚିପୂର୍ଣ୍ଣ କନା ମିଲ୍‌ରୁ ବାହାରେ, ତାହାକୁ ମସୃଣ ଓ ପରିପାଟୀ ବସ୍ତ୍ର କୁହାଯାଏ।***

ନିମ୍ନରେ ଗ୍ରେଗୁଡ୍‌ସ ଏବଂ ମସୃଣତା ଓ ପରିପାଟୀ ବର୍ଦ୍ଧିତ ବସ୍ତ୍ରର ପାର୍ଥକ୍ୟ ଦର୍ଶାଗଲା।

| ମଳିନ ବସ୍ତ୍ର | ମସୃଣତା ଓ ପରିପାଟୀ ବର୍ଦ୍ଧିତ ବସ୍ତ୍ର |
|---|---|
| ଫିକା ବସ୍ତ୍ର- କଳା ଧଳା ଓ ମାଟିଆ ରଙ୍ଗ<br>ଲୋଚାକୋଚା, ଦାଗ ଲାଗିଥିବା, ଭଙ୍ଗୁର ସୂତା ଓ ଅସମାନ ପ୍ରସ୍ଥ।<br>ଅଳ୍ପ ଦାମ<br>ରତିପୂର୍ଣ୍ଣ ନୁହେଁ। ଏହା ପ୍ୟାକେଟ୍, କାମ ପାଇଁ ଦରକାର ହୁଏ। | ଚିକ୍ ଚିକିଆ, ଆକର୍ଷଣୀୟ, ବିଭିନ୍ନ ରଙ୍ଗ ଓ ଛିଟ, ମସୃଣ, ପାଲିସି ବସ୍ତ୍ର ଉପରେ ଦାଗ ନଥିବ। ସମାନ ପ୍ରସ୍ଥ ଏହାର ଦାମ ସୂତା ଏବଂ ରଚିପୂର୍ଣ୍ଣ କରିବା ପାଇଁ ଦିଆଯାଇଥିବା ପଦ୍ଧତି ଗୁଡ଼ିକ ଉପରେ ନିର୍ଭର କରେ। ଲୋକମାନେ କିଣିବା ପାଇଁ ପସନ୍ଦ କରିବେ। |

### ୧୧.୧.୧ ମସୃଣତା ଓ ପରିପାଟୀ ଅଭିବୃଦ୍ଧି ପଦ୍ଧତି ଗୁଡିକର ମହତ୍ତ୍ୱ :

ନିମ୍ନଲିଖିତ କାରଣ ଯୋଗୁଁ ବସ୍ତ୍ର ଗୁଡିକର ମସୃଣତା ଓ ପରିପାଟୀ ବୃଦ୍ଧି କରାଯାଇଥାଏ।

- ବାହ୍ୟରୂପକୁ ଆକର୍ଷଣ କରିବା ପାଇଁ।
- ରଙ୍ଗ ଦେଇ ଓ ମୁଦ୍ରିତ କରି ବିଭିନ୍ନ ପ୍ରକାରର ବସ୍ତ୍ର ତିଆରି କରିବା।
- ବସ୍ତ୍ରର ସ୍ପର୍ଶତାକୁ ଉନ୍ନତ କରିବା।
- ବସ୍ତ୍ରକୁ କାମରେ ଲଗାଇବା।





- ❖ ହାଲୁକା ବସ୍ତ୍ରକୁ ଓହଳାଇ ରଖିବା।
- ❖ ନିର୍ଦ୍ଦିଷ୍ଟ କାମ ପାଇଁ ବସ୍ତ୍ରକୁ ତିଆରି କରିବା।

## ୧୧.୨ ମସୃଣତା ଓ ପରିପାଟୀ ବର୍ଦ୍ଧିତ ପଦ୍ଧତି ଗୁଡିକର ଶ୍ରେଣୀ ବିଭାଗ

କାର୍ଯ୍ୟକଳାପ ଓ ଗୁଣ ଅନୁଯାୟୀ ଏହାର ଶ୍ରେଣୀ ବିଭାଗ କରାଯାଇଛି।




### ୧୧.୨.୧ କାର୍ଯ୍ୟକଳାପ ଅନୁଯାୟୀ

ଏହି ପଦ୍ଧତି ବସ୍ତ୍ରର ମୌଳିକ ବା କାର୍ଯ୍ୟ କଳାପ ଅନୁଯାୟୀ ଦିଆଯାଇଥାଏ।

(କ) ଏହି **ମୌଳିକ ପଦ୍ଧତି** ପ୍ରାୟ ସବୁ ବସ୍ତ୍ରକୁ ଦିଆଯାଇଥାଏ। ଏହାର ଉଦ୍ଦେଶ୍ୟ ହେଲା, ବସ୍ତ୍ରର ବାହ୍ୟରୂପ, ସ୍ପର୍ଶ ଓ ଦେହକ ଉନ୍ନତ କରିବା ହଳଦିଆ ପଡିଯାଇଥିବା ବସ୍ତ୍ରକୁ ବ୍ଲିଚ୍ ଦ୍ୱାରା ଧଳାକରିବା, ବଳକା କପଡାକୁ ମଣ୍ଡଦେଇ ମସୃଣ ଓ ପାଲିସ କରିବା। ଇସ୍ତ୍ରୀ ବା କ୍ୟାଲେନ୍ଡରିଙ୍ଗ ଦ୍ୱାରା ବସ୍ତ୍ରକୁ ପାଲିସ କରିବା ଏହି ମୌଳିକ ପଦ୍ଧତିକୁ ସୁରୁଚି ସମ୍ପନ୍ନ ପଦ୍ଧତି ମଧ୍ୟ କୁହାଯାଏ।
ରଙ୍ଗ ଦେବା ଓ ମୁଦ୍ରଣ କରିବା ମଧ୍ୟ ମୌଳିକ ପଦ୍ଧତି ଅନ୍ତର୍ଭୁକ୍ତ।

(ଖ) **କାର୍ଯ୍ୟକଳାପ** ଏହି ପଦ୍ଧତି ଦ୍ୱାରା କନାର ଗୁଣାତ୍ମକ ପରିବର୍ତ୍ତନ ହୋଇଥାଏ। ଉଦାହରଣ ସ୍ୱରୂପ:

- ❖ ଅଗ୍ନି ନିବାରକ ପଦ୍ଧତି ଦ୍ୱାରା ଅଗ୍ନିସମ କର୍ମୀଙ୍କ କପଡାରେ ନିଆଁ ଲାଗି ଯାଇପାରେ ନାହିଁ।
- ❖ ଛତା ଓ ବର୍ଷାତି ଗୁଡିକରେ ଜଳ ନିବାରଣ ପଦ୍ଧତି ଦ୍ୱାରା ଜଳ ଶୋଷିତ ହୁଏ ନାହିଁ।
- ❖ ଗୁଳି ନିବାରକ ପୋଷାକ ପୋଲିସ ମାନଙ୍କୁ ଗୁଳି ଲାଗିବାରୁ ରକ୍ଷାକରିଥାଏ।
- ❖ କୋଚାମୋଚା ନିବାରକ ପଦ୍ଧତି ଦ୍ୱାରା କାର୍ପାସ ଓ ପଶମ ଲୁଗାପଟା ଲୋଚାକୋଚା ହୁଏ ନାହିଁ।

### ୧୧.୨.୨ କାର୍ଯ୍ୟ କ୍ଷମତା ଅନୁଯାୟୀ

କାର୍ଯ୍ୟ କ୍ଷମତା ଅନୁଯାୟୀ ସ୍ଥାୟୀ ବା ଅସ୍ଥାୟୀ ପଦ୍ଧତି କନାରେ ଦିଆଯାଇଥାଏ। ସେଗୁଡିକ ନିମ୍ନରେ ବର୍ଣ୍ଣନା କରାଗଲା : -

(କ) ଅସ୍ଥାୟୀ ପଦ୍ଧତି ଦ୍ୱାରା ହୋଇଥିବା ପରିପାଟୀ ଗୋଟେ ଧୂଆରେ ଚାଲିଯାଏ। ଉଦାହରଣ ସ୍ୱରୂପ ମଣ୍ଡଦେବା ଓ ଲୁଗା ନୀଳ ଦେଇ ଧଳା କରିବା।

(ଖ) କ୍ଷଣ ସ୍ଥାୟୀ ପଦ୍ଧତିରେ ଏହା ଲୁଗା ବହୁବାର ଧୁଆ ହେଲା ପର୍ଯ୍ୟନ୍ତ ରହେ। ଯଥା ବ୍ଲିଚିଂଙ୍ଗ ଓ କାର୍ପାସ ବସ୍ତୁ ଉପରେ କେତୋଟି ରଙ୍ଗର ବ୍ୟବହାର।

(ଗ) ବହୁକାଳ ସ୍ଥାୟୀ ପଦ୍ଧତିରେ ଲୁଗା ବାରମ୍ବାର ଧୁଆ ହେଲେ ମଧ୍ୟ ତାହାର ପରିପାଟୀ ନଷ୍ଟ ହୁଏ ନାହିଁ।

(ଘ) ଅପରିବର୍ତ୍ତନଶୀଳ ପଦ୍ଧତିରେ ରାସାୟନିକ ଦ୍ରବ୍ୟ ଲୁଗାରେ ଦିଆଯାଇଥାଏ। ଏହା ତନ୍ତୁର ଗୁଣାତ୍ମକ ପରିବର୍ତ୍ତନ କରିଥାଏ ଏବଂ ଲୁଗାର ଜୀବନକାଳ ମଧ୍ୟରେ କ୍ଷୟ ହୁଏନାହିଁ। ଉଦାହରଣ ସ୍ୱରୂପ ଜଳ ନିବାରକ ପଦ୍ଧତି, ଅଗ୍ନିନିବାରକ ପଦ୍ଧତି।

## ୧୧.୨.୩ ରାସାୟନିକ ଓ ଯାନ୍ତ୍ରିକ ପଦ୍ଧତି/ଆର୍ଦ୍ର ଏବଂ ଶୁଷ୍କ ପଦ୍ଧତି

### (କ) ରାସାୟନିକ ପଦ୍ଧତି :

ଏହି ପଦ୍ଧତିରେ ତରଳ ରାସାୟନିକ ଦ୍ରବ୍ୟ ବ୍ୟବହାର କରାଯାଇଥାଏ। ଏହାକୁ ଆଦ୍ର ପଦ୍ଧତି ମଧ୍ୟ କୁହାଯାଏ, ଏହା ବସ୍ତ୍ରର ମୌଳିକତା ଏବଂ ବାହ୍ୟରୂପକ ପରିବର୍ତ୍ତନ କରିଥାଏ। ଏଗୁଡିକ ଅପରିବର୍ତ୍ତନଶୀଳ। ଉଦାହରଣ ସ୍ୱରୂପ ଅଗ୍ନି ନିବାରକ, କୁଞ୍ଚିତ ନିବାରକ।

### (ଖ) ଯାନ୍ତ୍ରିକ ପଦ୍ଧତି :

ଏହା ଶୁଷ୍କ ପଦ୍ଧତି ଅଟେ। ଏହି ପଦ୍ଧତିରେ ବାଷ୍ପ, ଚାପ ଓ ଉତ୍ତାପ ବସ୍ତୁ ଉପରେ ପ୍ରୟୋଗ କରାଯାଇଥାଏ। ବିଟିଙ୍ଗ, କ୍ୟାଲେନ୍ଡରିଙ୍ଗ, ଫିଲିଙ୍ଗ ପ୍ରଭୃତି ଏହି ପଦ୍ଧତିରେ ଅନ୍ତର୍ଭୁକ୍ତ। ଏଗୁଡିକ ଅସ୍ଥାୟୀ, ତେଣୁ ବେଶୀ ଦିନ ଧରି ରହେ ନାହିଁ।

ଆମେ ଏହା ଉପରେ ପରିବର୍ତ୍ତୀ ବିଷୟରେ ଜାଣିବା।

### ପାଠଗତ ପ୍ରଶ୍ନାବଳୀ ୧୧.୧

**୧. ବନ୍ଧନୀ ବିତରେ ଦିଆଯାଇଥିବା ଅକ୍ଷରଗୁଡ଼ିକୁ ସଜାଡ଼ି ଶୂନ୍ୟସ୍ଥାନ ପୂରଣ କର।**

କ) ବସ୍ତ୍ରର ରୂପଗୁଣ କିମ୍ବା ବ୍ୟବହାରର ଗୁଣମାନ ବୃଦ୍ଧି ନିମନ୍ତେ ଦିଆଯାଉଥିବା ତତ୍ତ୍ୱକୁ .......... ........... କୁହାଯା। ( ଦ୍ଧି ଭି ଅ ବୃ ଟୀ ରି ପା ପ)

ଖ) ଯେତେବେଳେ ବସ୍ତ୍ର ଉପରେ କୌଣସି ପରିପାଟୀ ଅଭିବୃଦ୍ଧି ପ୍ରକ୍ରିୟାକରଣ କରାଯାଇନଥାଏ ଏହାକୁ ................ ବସ୍ତ୍ର କୁହାଯାଏ (ଳି ମ ନ)

ଗ) .......... ଏବଂ .............. ବସ୍ତ୍ରରେ ବିଭିନ୍ନତା ସୃଷ୍ଟି କରିଥାଏ। (ଙ୍ଗେରବାଇ, ଛାବାପି)

ଘ) ଗୋଟିଏ ରାସାୟନିକ ପରିପାଟୀ ଅଭିବୃଦ୍ଧି ପ୍ରକ୍ରିୟାକୁ ................. ମଧ୍ୟ କୁହାଯାଏ। (ର୍ଦ୍ରଆ ଟୀରପାପ ଦ୍ଧିଭିଅବୃ)

ଙ) ଜଳରୋଧକ ପରିପାଟୀ ଅଭିବୃଦ୍ଧି ଗୋଟିଏ ............... ପ୍ରକାରର ଅଭିବୃଦ୍ଧି ପ୍ରକ୍ରିୟା (ମ୍ରକର୍ଯ୍ୟାକା)

## ୧୧.୩ ମୌଳିକ ପଦ୍ଧତି ଏବଂ ଏହାର ପ୍ରକାର

**ବିଭିନ୍ନ ପ୍ରକାରର ମୌଳିକ ପଦ୍ଧତି ଗୁଡିକ ହେଲା : -**

### (କ) ପରିଷ୍କାର କରିବା / ଘର୍ଷଣ କରିବା (scouring / cleaning)

ତନ୍ତୁରୁ ଲୁଗା ବାହାରିବା ସମୟରେ ନିରସ ଦେଖାଯାଏ। ସହଜରେ ବୁଣା ହେବାପାଇଁ ତନ୍ତୁରେ ମଣ୍ଡ, ଅଠା ପ୍ରଭୃତି ଲଗାଯାଇଥାଏ। ଥରେ ଲୁଗା ବୁଣାହୋଇଗଲା ପରେ ଏହି ମଣ୍ଡ ଓ ଅଠା ଇତ୍ୟାଦିକୁ ସଫା କରିବାକୁ ପଡିଥାଏ। ବସ୍ତ୍ର ଉପରେ ମସୃଣ ଓ ପରିପାଟୀ ପଦ୍ଧତିର ପ୍ରୟୋଗ କରିହେବ। ତେଣୁ ଏହାକୁ ସଫାକରିବା ଆବଶ୍ୟକ ହୋଇଥାଏ। କଳକାରଖାନା ମାନଙ୍କରେ ଗରମ ପାଣି ଓ ସାବୁନ ସାହାଯ୍ୟରେ ବସ୍ତ୍ରକୁ ସଫା କରାଯାଇଥାଏ। ଏହା ବସ୍ତ୍ରର ମୌଳିକ ଗୁଣ ଅନୁଯାୟୀ ହୋଇଥାଏ। ଉଦାହରଣ ସ୍ୱରୂପ କାର୍ପାସ ବସ୍ତ୍ରକୁ ଫୁଟା ସାବୁନ ପାଣିରେ ସଫା କରାଯାଏ, ରେଶମ ବସ୍ତ୍ରର ଅଠା ଛଡାଇବା ପାଇଁ ଉଷୁମ ପାଣିରେ ଧୁଆଯାଏ। କୃତ୍ରିମ ବସ୍ତ୍ରକୁ ଜଳରେ ଧୁଆଯାଏ। ସଫା ହୋଇଯିବା ପରେ ବସ୍ତ୍ର କୋମଳ, ପରିଷ୍କାର ଓ ଅଧିକ ଆକର୍ଷଣୀୟ ହୋଇଥାନ୍ତି।

### ତୁମ ପାଇଁ କାମ ୧୧.୧

ନିମ୍ନଲିଖିତ ପରୀକ୍ଷା କର ଓ ପର୍ଯ୍ୟବେକ୍ଷଣ କରି ମନ୍ତବ୍ୟ ଲେଖ।

ଦୁଇଟି କାର୍ପାସ ତନ୍ତୁର ୪" ଓ ୪"ମାପର ଗୋଟିଏ ନୂଆ ଓ ଗୋଟିଏ ପୁରୁଣା କନା ନିଅ। ଏହି ଦୁଇଟିକୁ ପାଣିରେ ପକାଅ। ତୁମେ କ'ଣ ଅନୁଧ୍ୟାନ କଲ! ପୁରୁଣା କନାଟି, ନୂଆ କନା ଅପେକ୍ଷା ଶିଘ୍ର ବୁଡିଗଲା। ଏହାର କାରଣ ହେଲା, ପୁରୁଣା କପଡାଟିରେ ମଣ୍ଡ ନଥିଲା କିନ୍ତୁ ନୂଆ କନାଟିରେ ପାଣି ପ୍ରଥମେ ଉପରେ ଥିବା ମଣ୍ଡକୁ ଭିଜାଇଲା ଓ ପରେ ପୁରା କନାଟିକୁ ଭିଜାଇଲା।

### (ଖ) ବିରଞ୍ଜକ ଦ୍ୱାରା ଧୂଲେଇ (Bleaching)

ତୁମେ ତୁମ ମୁହଁରୁ ସୂର୍ଯ୍ୟକିରଣ ଦ୍ୱାରା ହୋଇଥିବା ଦାଗ ଛଡ଼ାଇବା ପାଇଁ ଲେମ୍ବୁରସ, କ୍ଷୀର, ଦହି ବ୍ୟବହାର କରିଥାଅ, ସେହିପରି ପ୍ରାକୃତିକ ରଙ୍ଗ ଛଡ଼ାଇବା ପାଇଁ ବିଭିନ୍ନ ତନ୍ତୁ ପାଇଁ ବ୍ଲିଚ୍ ବା ବିରଞ୍ଜକ ବ୍ୟବହାର କରାଯାଇଥାଏ। ବହୁତ ସମୟରେ କାର୍ପାସ, ରେଶମ ଓ ପଶମ ପରି ପ୍ରାକୃତିକ ତନ୍ତୁର ରଙ୍ଗ ନିରସ ବା ହାଲ୍କା ମାଟିଆ ରଙ୍ଗ ହୋଇଥାଏ। ଧରାଯାଉ କୌଣସି ଗୋଟିଏ ବସ୍ତୁକୁ ତୁମେ ହାଲ୍କା ଗୋଲାପି ରଙ୍ଗ ଦେବାକୁ ଚାହୁଁଛ କିନ୍ତୁ ଯେଉଁ ତୁଳନାରେ ରଙ୍ଗ କରିବ ସେଥିରେ ମାଟିଆ ରଙ୍ଗ ପୂର୍ବରୁ ରହିଛି। ତେବେ କ'ଣ ଜାଣିଛକି ? ତୁମେ ଉକ୍ତ ବସ୍ତୁଟିରେ ଗୋଲାପି ରଙ୍ଗ ଭଲଭାବରେ ଲଗାଇପାରିବନି। ଠିକ୍ ସେହିପରି ତନ୍ତୁର ପ୍ରାକୃତିକ ରଙ୍ଗ ଉପରେ କୌଣସି ହାଲ୍କା ରଙ୍ଗ ଠିକ୍ ଭାବରେ ଦେଖା ଯିବନି। ସେଥିପାଇଁ ଠିକ୍ ଭାବରେ ରଙ୍ଗର ବର୍ଣ୍ଣଟି ଦେଖାଯିବା ପାଇଁ ତନ୍ତୁର ନିଜସ୍ୱ ରଙ୍ଗ ପ୍ରଥମେ ସଫା କରିବା ଦରକାର ହୋଇଥାଏ। ଏହାକୁ ବ୍ଲିଚିଂ ବା ବିରଞ୍ଜକ ଦ୍ୱାରା ଧୂଲେଇ କୁହାଯାଏ। ତନ୍ତୁ, ସୂତା କିମ୍ବା ବସ୍ତ୍ରରୁ ନିରସ ରଙ୍ଗ ଦୂର କରି, ଅଧିକ ଉଜ୍ଜ୍ୱଳ ଧଳା ଦେଖାଯିବା ପାଇଁ ଯେଉଁ ରାସାୟନିକ ପ୍ରକ୍ରିୟା ଅବଲମ୍ବନ କରାଯାଏ, ତାହାକୁ ବ୍ଲିଚିଂ ବା ବିରଞ୍ଜକ ଦ୍ୱାରା ଧୂଲେଇ କୁହାଯାଏ।

ବିଭିନ୍ନ ରାସାୟନିକ ବିରଞ୍ଜକ ବିଭିନ୍ନ ପ୍ରକାରର ତନ୍ତୁ ପାଇଁ ବ୍ୟବହାର କରାଯାଏ। ଯଥା: ପୁଷ୍ଟିସାର

ଜାତୀୟ ତନ୍ତୁପାଇଁ ହାଇଡ୍ରୋଜେନ୍ ପେରକ୍ସାଇଡ୍, କାର୍ପାସ ତନ୍ତୁ ପାଇଁ ସୋଡ଼ିୟମ ହାଇପୋକ୍ଲୋରାଇଡ୍ ବ୍ରବହାର କରାଯାଏ। ମନୁଷ୍ୟକୃତ ତନ୍ତୁପାଇଁ ଏହି ବ୍ଲିଚିଂ ପଦ୍ଧତି ଦରକାର ହୋଇନଥାଏ। ଅତ୍ୟଧିକ ବହଳିଆ ବ୍ଲିଚିଂ, ତନ୍ତୁ ଏବଂ ବସ୍ତ୍ରପାଇଁ କ୍ଷତିକାରକ। ସେଥିପାଇଁ ଏହାକୁ ସାବଧାନତା ସହ ବ୍ୟବହାର କରିବାକୁ ପଡ଼ିଥାଏ।

## (ଗ) କଠିନ କରିବା/ମଣ୍ଡଦେବା (starching/stiffening)

ହାଲକା କନା ବା ଢ଼ିଲା ବୁଣା କନାରେ ମଣ୍ଡ ଦିଆଯାଏ। ଏହା ବସ୍ତ୍ରକୁ ଓଜନିଆ, ଟାଣ କରିଥାଏ। ଏହା ବସ୍ତ୍ରକୁ ମଧ୍ୟ ମସୃଣ ଓ ଚକଚକିଆ କରିଥାଏ। କାର୍ପାସ - ମସ୍‌ଲିନ୍, ପପ୍‌ଲିନ୍, କାମ୍ବ୍ରିକ ଓ ହାଲକା ରେଶମରେ ମଣ୍ଡ ଦିଆଯାଏ।

ମଣ୍ଡ ଦିଆଯାଇଥିବା ବସ୍ତ୍ରକୁ କିଣିବା ପୂର୍ବରୁ ଯାଞ୍ଚ କରିବା ଦରକାର। କାରଣ ଥରେ ବା ଦୁଇଥର ଧୁଆରେ ବସ୍ତ୍ର ହାଲକା ଓ ବୁଣା ଢ଼ିଲା ହୋଇଯାଏ।

### ତୁମ ପାଇଁ କାର୍ଯ୍ୟ ୧୧.୨

- ମଣ୍ଡ ଦିଆଯାଇଥିବା କାର୍ପାସ ବସ୍ତ୍ର ନିଅ। ତୁମେ ତାହା ମଧ୍ୟ ଦେଇ ଦେଖିବାକୁ ଚେଷ୍ଟା କର। ଦେଖିବ ଆଲୋକ ତା ମଧ୍ୟ ଦେଇ ଯାଇପାରିବ ନାହିଁ।
- ଗୋଟିଏ କଳା କାଗଜ ଉପରେ, ମଣ୍ଡ ଦିଆ କନାଟିକୁ ଘଷ। ଦେଖିବ ତା ଉପରେ ଧଳା ଧଳା ଗୁଣ୍ଡ ପଡିବ। ଏବେ ତୁମେ ତା ମଧ୍ୟ ଦେଇ ଦେଖ। ଏବେ ଦେଖିବ ତା ମଧ୍ୟଦେଇ ଆଲୋକ ଯାଉଛି କାରଣ କନା ବୁଣା ଗୁଡିକ ଢ଼ିଲା ହୋଇଯାଇଛି।

ଏହି ପରୀକ୍ଷାକୁ ଦେଇ, ତୁମେ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ ଏବଂ କାରଣ ଦର୍ଶାଅ।

- ତୁମେ ଶାଢ଼ୀର ଫଲ୍ ପାଇଁ ଏହାକୁ ବ୍ୟବହାର କରିବ କି ?
- ବ୍ଲାଉଜର ଅସ୍ତର ଦେବା ପାଇଁ ଏହାକୁ ବ୍ୟବହାର କରିବ କି ?

## (ଘ) କ୍ୟାଲେଣ୍ଡରିଙ୍ଗ :

ତୁମେ ଘରେ କାହିଁକି ଇସ୍ତ୍ରୀ କର ? ସେଗୁଡିକୁ ଲୋଚାକୋଚା ନ ହେବା ପାଇଁ ଏବଂ ଭଲ ଦିଶିବା ପାଇଁ। ଏହା ହେଉଛି ଅତି ସାଧାରଣ ପଦ୍ଧତି ଯାହାଦ୍ୱାରା କନା ସୁନ୍ଦର ଦିଶେ। କଳକାରଖାନାରେ କନାକୁ ବହୁ ଉତ୍ତପ୍ତ ରୋଲର ମଧ୍ୟଦେଇ ଗତି କରାଇ ତାହାକୁ ସମାନ ଓ ମସୃଣ କରାଯାଏ।

# ୧୧.୪ ବିଶେଷ ପଦ୍ଧତି

## (କ) ପୂର୍ବ ସଂକୋଚନ (Pre-shrinking)

ତୁମେ ଶୁଣିଥିବ, ପ୍ରଥମ ଧୂଆରେ ଜାମା ଛୋଟ ହୋଇଗଲା। ବସ୍ତ୍ରକୁ ଆକାର କମିଗଲେ ତାକୁ ସଂକୋଚନ କୁହାଯାଏ। କେତେକ କାର୍ପାସ, ଲିବେନ୍ ଓ ପଶମ ବସ୍ତ୍ର ସଂକୋଚନ ହୁଏ। ତେଣୁ ଉତ୍ତମ ମାନର ବସ୍ତ୍ରଗୁଡିକୁ ବଜାରକୁ ପଠାଯିବା ଆଗରୁ ପୂର୍ବ ସଂକୋଚନ ପଦ୍ଧତି ପ୍ରୟୋଗ

କରାଯାଇଥାଏ। ଯେଉଁ ବସ୍ତ୍ର ଗୁଡିକରେ ଏହି ପଦ୍ଧତି ପ୍ରୟୋଗ କରାଯାଇଥାଏ, ସେଥିରେ ଆଣ୍ଟି ସ୍ରିଙ୍କ-ପ୍ରୁଫ ପ୍ରଭୃତି ନିର୍ଦ୍ଦେଶନାମା ଦିଆଯାଇଥାଏ। କାରଣ ଏହା ବସ୍ତ୍ରକୁ ଧୁଆହେଲାପରେ ମଧ୍ୟ ସଂକୋଚନରୁ ରକ୍ଷା କରିଥାଏ।

## ତୁମ ପାଇଁ କାର୍ଯ୍ୟ ୧୧.୩

ସୁଜାତା ତାର ନୂଆ କାର୍ପାସ୍ ପୋଷାକକୁ ଧୋଇ ଦେଲାପରେ ଏତେ ଛୋଟ ହୋଇଗଲା ଯେ ସେ ତାକୁ ଆଉ ପିନ୍ଧିପାରିଲା ନାହିଁ। ସେ ବହୁତ ବିରକ୍ତ ହେଲା ଓ ମନ ମଧ୍ୟ ଦୁଃଖ କଲା। ସେ ଦୋକାନୀକୁ ପଚାରିଥିଲା। ସେ ମଧ୍ୟ 'ହଁ' କହିଥିଲା।

ଚାଲ ଏବେ ପରୀକ୍ଷା କରି ଏହି ଘଟଣା ଅନୁମାନ କରିବା (10"x10")ର ଏକ ମଳିନ କନା ନିଅ। ଏହାକୁ ତିନି ଚାରି ଘଣ୍ଟା ପର୍ଯ୍ୟନ୍ତ ପାଣିରେ ବୁଡାଇ ରଖ। ତାପରେ ତାକୁ ଶୁଖାଇ ଇସ୍ତ୍ରୀକରତ ତା'ର ଚାରିକଡ ମାପକରି ଦେଖ। ତୁମେ ଲକ୍ଷ୍ୟ କରିବ ଯେ ଲୁଗାଟି ଛୋଟ ହୋଇ ଯାଇଛି।

ନିମ୍ନଲିଖିତ ବିଷୟ ଗୁଡିକ ବିଷୟରେ ସାଙ୍ଗ ସହିତ କଥା ବାର୍ତ୍ତା କର।

- ❖ ବସ୍ତ୍ରଟି ସଂକୋଚନ ବିହୀନ ଜାଣିବା ଉପାୟ।
- ❖ ଜଣେ ବସ୍ତ୍ରର ଗୁଣ ଜାଣିବା ପାଇଁ କ'ଣ ପରୀକ୍ଷା କରିବ ?
- ❖ ଜଣେ ଏହି ପ୍ରକାର ସୂଚନା କେଉଁଠାରୁ ପାଇବ।

### (ଖ) ମଜଭୂତ ଓ ଓଜଲ୍ୟ କରିବା ପଦ୍ଧତି (mercerization)

କାର୍ପାସ ଏକ ନୀରସ ବସ୍ତ୍ର ଅଟେ। ଏହା ସହଜରେ ଲୋଚାକୋଚା ହୋଇଯାଏ, ତେଣୁ ଏହାକୁ ରଙ୍ଗ ଦେବା କଷ୍ଟକର ହୋଇଯାଏ। ତେଣୁ ଏହାକୁ ସୋଡିୟମ ହାଇଡ୍ରୋକ୍ସାଇଡ୍ ଦ୍ୱାରା ମଜଭୁତ, ଓଜଲ୍ୟ ଏବଂ ଶୋଷଣକାରୀ କରାଯାଏ। ଏହି ପଦ୍ଧତିକୁ ମଜଭୂତ ଓ ଓଜଲ୍ୟ (mercierization) କରିବା ପଦ୍ଧତି ବା ମରସିରାଇଜ୍ କରାଯାଉଛି। ତୁମେ ଲୁଗାରେ ବା ସୂତାରେ ଥିବା ନିର୍ଦ୍ଦେଶନାମା (label)ରେ ମର୍‌ସିରାଇଜ ଲେଖା ହୋଇଥିବା ଦେଖିପାରିବ।

### (ଗ) ପାର୍ଚମେଣ୍ଟାଇଜାସନ୍ (parchmentization)

ତୁମେ ଅର୍‌ମାଣ୍ଡି ବସ୍ତ୍ର ବିଷୟରେ ଶୁଣିଛ ? ଖଣ୍ଡେ ଅରଗାଣ୍ଡି କନା ନିଅ ଏବଂ ଏହାକୁ ଠିକ୍‌ରେ ଲକ୍ଷ୍ୟକର। ହଁ ଏହା ପତଳା, ସ୍ୱଚ୍ଛ, ହାଲକା ଓ ଟାଣ ବସ୍ତ୍ର, ସତେ ଯେପରି ବହୁତ ମଣ୍ଡ ଦିଆଯାଇଛି। କିନ୍ତୁ ମଣ୍ଡ ଦେବା ବସ୍ତ୍ରପରି ଏହା ବାରମ୍ୱାର ଧୁଆ ହେଲେ ମଧ୍ୟ ଏଥିରୁ ମଣ୍ଡ ଯାଏ ନାହିଁ। ଏହା ମଣ୍ଡ ଯୋଗୁଁ ନୁହେଁ। ଏହାକୁ ପାର୍ଚମେଣ୍ଟାଇଜାସନ ଏସିଡ୍ ବ୍ୟବହାର କରାଯାଏ ଯାହା ଲୁଗାର ସୂତାକୁ ମିଳାଇ ଦିଏ, ଯାହାଦ୍ୱାରା ସ୍ୱଚ୍ଛ ଏବଂ ଟାଣ ଅରଗାଣ୍ଡି ବସ୍ତ୍ର ତିଆରି ହୁଏ। ତୁମକୁ ଏହି ବସ୍ତ୍ରରେ ମଣ୍ଡଦେବାକୁ ପଡେ ନାହିଁ।

### (ଘ) ଧୁଅ ଏବଂ ପିନ୍ଧ (wash and wear)

ବନଓ୍ୱାରୀ, ବିକାନୀର ରାଜସ୍ଥାନରେ ଜଗୁଆଳୀ କାମ କରୁଥିଲା। ସେଠାରେ ସମୟ ସମୟରେ ଦିନର ତାପମାତ୍ରା ୪୦°-୪୨° ହୋଇଯାଏ। ତାକୁ ଯଦିଓ ସବୁଦିନେ ଅତ୍ୟଧିକ ତାପମାତ୍ରା ପାଇଁ କାର୍ପାସ ବସ୍ତ୍ର ପିନ୍ଧିବାକୁ ପଡୁଥିଲା, କିନ୍ତୁ ସେ ତାକୁ ତାର ୟୁନିଫର୍ମ ଠିକ୍‌ରେ ଯତ୍ନ ନେଇ ପାରୁନଥିଲା। କାରଣ ତାହା ସହଜରେ ଲୋଚାକୋଚା ହୋଇ ଯାଉଥିଲା। ତେଣୁ ବନଓ୍ୱାରୀ କ'ଣ କରିବ ? ଗୋଟିଏ ମସୃଣ ପରିପାଟୀ ପଦ୍ଧତି ଅଛି ଯାହାଦ୍ୱାରା, ବସ୍ତ୍ର ବେଶି ଲୋଚାକୋଚା ହେବନାହିଁ। ଏହାର ନାମ ଧୂଅ ଏବଂ ପିନ୍ଧ। ଯଦି ଏହାକୁ ଠିକ୍‌ରେ ଧୂଆଯାଏ ଓ ସାଇତି ରଖାଯାଏ ତେବେ ଅଳ୍ପ ଇସ୍ତ୍ରୀରେ ଏହାକୁ ପିନ୍ଧିହେବ। ତେଣୁ ବନଓ୍ୱାରୀ ତା ପାଇଁ 'ଧୁଅ ଓ ପିନ୍ଧ' ବସ୍ତ୍ର ପିନ୍ଧିଲା ଏହି ପଦ୍ଧତି କାର୍ପାସ ଛଡା, ପଶମ ଓ ଲିନେନ୍ କପଡାରେ ମଧ୍ୟ ପ୍ରୟୋଗ କରାଯାଏ।

### (ଙ) ରଙ୍ଗଦେବା ଓ ଛାପିବା କରିବା (Dyeing and printing)

ଆମେ ବଜାରରେ ଗୋଟିଏ ରଙ୍ଗ ଉପରେ ବିଭିନ୍ନ ଡିଜାଇନ ହୋଇଥିବା ବସ୍ତ୍ର ଦେଖୁଛୁ। ରଙ୍ଗଦେବା (dyeing) ଦ୍ୱାରା କପଡା ଇଙ୍ଗିତ ହୁଏ ଏବଂ ଛପାହେବା ଦ୍ୱାରା ବିଭିନ୍ନ ପ୍ରକାର ଡିଜାଇନ୍ ବସ୍ତ୍ରରେ ହୋଇଥାଏ। ବସ୍ତ୍ରର ରଙ୍ଗ ଓ ଡିଜାଇନ୍ ସ୍ଥାୟୀ ହେବା, ମହତ୍ତ୍ୱପୂର୍ଣ୍ଣ ଅଟେ। କାରଣ ବସ୍ତ୍ର ଧୋଇବା ଦ୍ୱାରା ରଙ୍ଗ ଫିକା ପଡିଗଲେ ଓ ଡିଜାଇନ୍ ଲିଭିଗଲେ ତୁମକୁ କେମିତି ଲାଗିବ ?

## ପାଠଗତ ପ୍ରଶ୍ନାବଳୀ - ୧୧.୨

**୧. ଠିକ୍ ବା ଭୂଲ ଲେଖ। ଭୂଲ ହୋଇଥିଲେ ଏହାର କାରଣ ଲେଖ।**

(କ) ସ୍କୋରିଙ୍ଗ ଏକ ମସୃଣ ଓ ପରିପାଟୀ ବର୍ଦ୍ଧିତ ପଦ୍ଧତି ଅଟେ (ଠିକ୍/ଭୂଲ୍)

____________________

(ଖ) ଗୃହରେ ଆମେ ସଂକୋଚନ ପଦ୍ଧତି ପ୍ରୟୋଗ କରିପାରିବା (ଠିକ୍/ଭୂଲ୍)

____________________

(ଗ) ବ୍ଲିଚିଂ ବସ୍ତ୍ରକୁ ନଷ୍ଟ କରିଦିଏ। (ଠିକ୍/ଭୂଲ୍)

____________________

(ଘ) ଆରଗାଣ୍ଡି ଏକ ସ୍ଥାୟୀ କଠିନ ବସ୍ତ୍ର। (ଠିକ୍/ଭୂଲ୍)

____________________

(ଙ) ସିଲାଇ ପାଇଁ ମର୍‌ସିରାଇଜଡ୍ ସୂତା ବ୍ୟବହାର କରିବା ଉଚିତ୍। (ଠିକ୍/ଭୂଲ୍)

____________________

## ୨. ଶୂନ୍ୟସ୍ଥାନ ପୂରଣ କର।

(କ) ମର୍ସିରାଇଜେସନ ଏକ __________ ମସୃଣ ଓ ପରିପାଟୀ ବର୍ଦ୍ଧିତ ପଦ୍ଧତି। ( ସ୍ଥାୟୀ, ଅସ୍ଥାୟୀ)

(ଖ) ସଂକୋଚନ କମାଇବା ପଦ୍ଧତିକୁ ବସ୍ତ୍ରରେ ନିର୍ଦ୍ଦେଶନାମାରେ __________ ଲେଖା ଯାଇଥାଏ।
( ସାନଫୋରାଇଜେସନ, ୱାଟର ପ୍ରୁଫିଙ୍ଗ୍)

(ଗ) 'ଧୂଅ ଓ ପିନ୍ଧ' ଏକ __________ ମସୃଣ ଓ ପରିପାଟୀ ବର୍ଦ୍ଧକ ପଦ୍ଧତି। ( ନିତିଦିନି / ବିଶେଷ)

(ଘ) ବସ୍ତ୍ରକୁ ଧୁଆଗଲେ ଯଦି ରଙ୍ଗ ଛାଡେ ନାହିଁ, ତେବେ ବସ୍ତ୍ର ଟି __________। (ରଙ୍ଗ ଭେଦ୍ୟ, ଜଳ ଭେଦ୍ୟ)

## ୧୧.୫ ରଙ୍ଗ ଦେବା ଓ ଛାପିବା

ବସ୍ତ୍ର ରଙ୍ଗକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି।

**(କ) ପ୍ରାକୃତିକ ରଙ୍ଗ :** ଏଗୁଡିକ ହେଲା ମନୁଷ୍ୟର ସର୍ବ ପ୍ରଥମେ ଜାଣିବା ରଙ୍ଗ। ସେଗୁଡିକ ପ୍ରାକୃତିକ ଉପାୟରେ ମିଳୁଥିବା କଞ୍ଚାମାଲ (ବୃକ୍ଷ, କୀଟପତଙ୍ଗ ଓ ଧାତୁ) ଉପରେ ପର୍ଯ୍ୟବେସିତ। ଏଗୁଡିକ କୌଣସି ପ୍ରଦୂଷଣ ସମସ୍ୟା ସୃଷ୍ଟି କରନ୍ତି ନାହିଁ। ରଙ୍ଗ ପ୍ରସ୍ତୁତି କଳାପରେ, ଏହାର ଅବଶିଷ୍ଟାଂଶ କୃଷି ଉପଯୋଗୀ ଉତ୍କୃଷ୍ଟ ଧରଣର ସାର ରୂପେ ବ୍ୟବହୃତ ହୋଇଥାଏ। ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିବା ସମୟ ସାପେକ୍ଷ, ବ୍ୟୟ ବହୁଳ ଏବଂ ଅସୁବିଧା ଜନକ। ପ୍ରାୟ ପ୍ରାକୃତିକ ରଙ୍ଗ ଯଥା: ହଳଦୀ, ମେହେନ୍ଦି, ନୀଳ ଇତ୍ୟାଦି ଉଦ୍ଭିଦରୁ ସଂଗୃହୀତ ହୁଏ, ଟାଇରିଆନ, ବାଇଗଣୀ ଏବଂ ଲାଖ ପ୍ରାଣୀଜ ରଙ୍ଗ ଅଟେ। ଖାକି ରଙ୍ଗ, ଧାତୁରୁ ଆସିଥାଏ।

**(ଖ) ରାସାୟନିକ ରଙ୍ଗ :** ଏହି ରଙ୍ଗ ବିଭିନ୍ନ ପ୍ରକାର ରାସାୟନିକ ପଦାର୍ଥ ଦ୍ୱାରା କୃତ୍ରିମ ଭାବରେ ପ୍ରସ୍ତୁତ କରାଯାଇଥାଏ। ଏହି ରାସାୟନିକ ପଦାର୍ଥ ଗୁଡିକ ଭିନ୍ନ ଗୁଣ ଏବଂ ଉପାଦାନରେ ଗଠିତ। ସାଧାରଣତଃ ଏହି କୃତ୍ରିମ ରଙ୍ଗ ଗୁଡିକ ହେଲା – ଡାଇରେକଟ୍, ବେସିକ୍, ଏସିଡ୍, ଆଜୋ, ଭାଟ ଓ ରିଆକ୍ଟିଭ୍ ରଙ୍ଗ, ଏହି ରଙ୍ଗ ଚର୍ମରୋଗ ଓ ପ୍ରଦୂଷ୍ଟ କରିଥାନ୍ତି। ଆଜୋ(Azo)ରଙ୍ଗ ଚର୍ମରେ କ୍ଷତି ପହଞ୍ଚାଇଥିବାରୁ ଏହାର ବ୍ୟବହାରକୁ ବେନିୟମ ଘୋଷଣା କରାଯାଇଛି। ଏହି ରଙ୍ଗ ସହଜରେ ଧୋଇ ଯାଏ ନାହିଁ। ଏହି ରଙ୍ଗ ସହଜରେ ଦିଆଯାଇ ପାରେ ଓ ଏହାର ରଙ୍ଗ ଉଜ୍ଜ୍ୱଳ ଦେଇଥାଏ।

### ୧୧.୫.୧ ରଙ୍ଗର ପ୍ରୟୋଗ (Application of dyes)

ଆମେ ମାନେ ବଜାରରେ ବିଭିନ୍ନ ରଙ୍ଗର ବସ୍ତ୍ର ଛଡା, ଭିନ୍ନ ଭିନ୍ନ ରଙ୍ଗର ସୂତା ମଧ୍ୟ ପାଇଥାଉ। ବୁଣାବୁଣି ପାଇଁ ଭଲ ଓ ଦଉଡି ମଧ୍ୟ ବିଭିନ୍ନ ରଙ୍ଗର ପାଇଥାଉ। ତେଣୁ ତନ୍ତୁ, ସୂତା ଓ ବସ୍ତ୍ର, ପ୍ରତ୍ୟେକ ସ୍ତରରେ ରଙ୍ଗର ପ୍ରୟୋଗ ହୋଇଥାଏ ଏହି ବିଭିନ୍ନ ସ୍ତର ଗୁଡିକ ବିଷୟରେ ନିମ୍ନରେ ଦିଆଗଲା।



ଚିତ୍ର ୧୧.୧

**(କ) ତନ୍ତୁ ସ୍ତର :** ସମସ୍ତ ପ୍ରକାର ତନ୍ତୁ ଗୁଡିକୁ ରଙ୍ଗ ଦିଆଯାଇ ପାରିବ। କିନ୍ତୁ ଏହା କୃତ୍ରିମ ତନ୍ତୁ ପାଇଁ ଅଧିକ ପ୍ରଯୁଜ୍ୟ। କୃତ୍ରିମ ତନ୍ତୁ ଗୁଡିକରେ ସମାନ ଭାବରେ ରଙ୍ଗ ଧରିଥାଏ। ପରବର୍ତ୍ତୀ ବସ୍ତ୍ର ତିଆରି ପର୍ଯ୍ୟାୟ ଗୁଡିକରେ ତନ୍ତୁରୁ ବହୁତ ରଙ୍ଗ ନଷ୍ଟ ହୋଇଥାଏ।

**(ଖ) ସୂତା ସ୍ତର :** ପ୍ରାୟ ସୂତା ଯଦି ବିକ୍ରି କରାଯାଇଥାଏ। ତେବେ ତାହାକୁ ରଙ୍ଗ ଦିଆଯାଇ ବିକ୍ରି କରାଯାଇଥାଏ। ବୁଣାବୁଣି ସୂତା, ସୂଚି କାମ ସୂତା, ସିଲେଇ ସୂତା ଓ ବିଭିନ୍ନ ପ୍ରକାରର ସୂତାକୁ ରଙ୍ଗ ଦିଆଯାଇ ବିକ୍ରି କରାଯାଇଥାଏ।



ଚିତ୍ର ୧୧.୨

**(ଗ) ବସ୍ତ୍ର ସ୍ତର :** ପ୍ରାୟ ସବୁ ବସ୍ତ୍ରକୁ ରଙ୍ଗ ଦିଆଯାଇଥାଏ। ବସ୍ତ୍ରକୁ ରଙ୍ଗ ଦେବାଦ୍ୱାରା ବସ୍ ସମାନ ଭାବରେ ରଙ୍ଗ ଧରିଥାଏ। ଦୁଇ, ତିନି ପ୍ରକାରର ତନ୍ତୁରୁ ତିଆରି ବସ୍ତ୍ରକୁ ରଙ୍ଗ ଦିଆଯାଇଥାଏ।



ଚିତ୍ର ୧୧.୩

**(ଘ) ପୋଷାକ ରଙ୍ଗ ଦେବା :** ସିଲାଇ ସରିବା ପରେ, ପୋଷାକକୁ ରଙ୍ଗ କରାଯାଇଥାଏ। ଏହାକୁ ପିସ୍‌ଡାଇଙ୍ଗ୍ (piece dyeing) ମଧ୍ୟ କୁହନ୍ତି, ଏଥିରେ ରଙ୍ଗ ନଷ୍ଟ ହୁଏ ନାହିଁ କିନ୍ତୁ, ସିଲାଇ ସ୍ଥାନରେ, କୁଞ୍ଚ ପଡିଥିବା ସ୍ଥାନରେ ସ ମାନ ଭାବରେ ରଙ୍ଗ ନଧରିବାର ସମ୍ଭାବନା ଥାଏ। ତୁମ ପାଖରେ ଯଦି ରଙ୍ଗ ହୋଇଥିବା ପୋଷାକ ଥାଏ, ତେବେ ଗୋଟେ ଜାଗାରେ କୁଞ୍ଚ ବା ସିଲାଇ ମୂଳ ରଙ୍ଗଠାରୁ ଖୋଲିଲେ ଦେଖିବ ଯେ, ଯେଉଁ କନାଟି ଭିତରେ ରହିଗଲା, ତାହା ହାଲ୍‌କା ରଙ୍ଗ ହୋଇଛି।

## ୧୧.୫.୩ ଶୋଭା ବର୍ଦ୍ଧକ ରଙ୍ଗ ଦେବା (Decorative Dyeing)

ତୁମେ କେତୋଟି ସରଳ ରଙ୍ଗ ଦେବା ପଦ୍ଧତି ବିଷୟରେ ଜାଣିଲ। ଯେତେବେଳେ ଏହି ରଙ୍ଗ ଦେବା କେବଳ ଶୋଭାବର୍ଦ୍ଧକ ଡିଜାଇନ୍ ପାଇଁ ବାଛିକି କରାଯାଏ ତାକୁ ଶୋଭାବର୍ଦ୍ଧକ ରଙ୍ଗ ଦେବା କୁହାଯାଇଛି। କାରଣ ଏଥିରେ କେତୋଟି ଜିନିଷ (ସୂତା, ଅଠା) ଯଥା ସ୍ଥାନରେ ବ୍ୟବହୃତ ହୋଇ ସେହି ସ୍ଥାନକୁ ରଙ୍ଗ ହେବାରେ ବିରତ କରିଥାଏ। ଏହାର ଦୁଇଟି ଲୋକ ପ୍ରିୟ ପ୍ରଣାଳୀ ହେଲା :

(କ) ବାନ୍ଧିକରି ରଙ୍ଗ କରିବା (Tie and Dye)

(ଖ) ବାଟିକ୍ (Batik)

## (କ) ବାନ୍ଧିକରି ରଙ୍ଗ କରିବା

ଏହି ପ୍ରଣାଳୀରେ ସୂତାଦ୍ୱାରା କେତେ ନିର୍ଦ୍ଦିଷ୍ଟ ସ୍ଥାନରେ କପଡାକୁ ବାନ୍ଧି ବାଧା ସୃଷ୍ଟି କରାଯାଏ। ଯାହାଫଳରେ ରଙ୍ଗ ସେ ସ୍ଥାନରେ ପହଞ୍ଚି ପାରେ ନାହିଁ। ବାନ୍ଧଣୀ ଦ୍ୱାରା ଡିଜାଇନ୍ ପ୍ରସ୍ତୁତ କରାଯାଏ। ଏହା କରିବାର ବିଭିନ୍ନ ଉପାୟ ଗୁଡିକ ନିମ୍ନରେ ଦିଆଗଲା।

### ୧. ମାର୍ବଲିଙ୍ଗ (marbling)

ଗୋଟିଏ କପଡା ନେଇ ତାକୁ କୋଚାମୋଚା କରିଦିଅ। ଗୋଟିଏ ସୂତାଦ୍ୱାରା କପଡାର ବିଭିନ୍ନ ସ୍ଥାନକୁ ମନଇଛା ଗୁଡେଇ ଦେଇ ଯାଅ ତାପରେ ବସ୍ତ୍ରଟିକୁ ରଙ୍ଗ କରି ସାରି ବନ୍ଧାସ୍ଥାନକୁ ଖୋଲିଦିଅ ଏବଂ ଶୁଖାଅ, ମାର୍ବଲରେ ଡିଜାଇନ୍ ପରି, ତୁମେ କପଡାର ଡିଜାଇନ ପାଇବା।



ଚିତ୍ର ୧୧.୪ ମାର୍ବଲିଙ୍ଗ

### ୨. ବାନ୍ଧିବା (Binding)

ବସ୍ତ୍ରର ଗୋଟିଏ ସ୍ଥାନକୁ ଟାଣିଧରି ଏବଂ ସୂତାଦ୍ୱାରା ଅଳ୍ପ ଅଳ୍ପ ବ୍ୟବଧାନରେ ଦୁଇ ଚାରି ଥର ବାନ୍ଧ ଏବଂ ରଙ୍ଗ ଦିଅ।



ଚିତ୍ର ୧୧.୫ ବାନ୍ଧିବା



### (୩) ଗଣ୍ଠିପକାଇବା (knotting) :

ଗୋଟିଏ କପଡାକୁ ଯେକୌଣସି ସ୍ଥାନରେ ଗଣ୍ଠି ପକାଇ ରଙ୍ଗ ଦିଅ।

ଚିତ୍ର ୧୧.୬ ଗଣ୍ଠିପକାଇବା

### (୪) ଭାଙ୍ଗ ପକାଇବା (folding) :

କପଡାଟିକୁ ଏକ ସମତଳ ଟେବୁଲ୍‌ରେ ପକାଅ। ଦୈର୍ଘ୍ୟ ଅନୁଯାୟୀ ଭାଙ୍ଗ ଦେଇ ଚାଲ। ତାହାପରେ ତାକୁ ଅଳ୍ପ ବ୍ୟବଧାନରେ ସୂତାରେ ବାନ୍ଧ। ସିଧାସିଧା ଗାର ପାଇବା ପାଇଁ ପ୍ରସ୍ଥରେ ଭାଙ୍ଗ ଦିଅ। ବିପରୀତ ଦିଗରୁ ଗାର ପାଇବା ପାଇଁ କୋଣ କୁ କୋଣ ଭାଙ୍ଗ ଦେଇ ଅଳ୍ପ ବ୍ୟବଧାନରେ ବାନ୍ଧ।



ଚିତ୍ର ୧୧.୭ ଭାଙ୍ଗ ପକାଇବା

(୫) ପେଗ୍/ କ୍ଲମ୍ପ ଟାଇଙ୍ଗ (peg/clump tying)

କିଛି ଛୋଟ ଛୋଟ ମାଳି କିମ୍ବା ଗୋଡି ନେଇ କପଡା ଭିତରେ ପୁରାଇ, ବାନ୍ଧି, ରଙ୍ଗ ଦିଅ।

(୬) ଟ୍ରିଟିକ୍ (Tritik)

କନାଟିରେ ରନିଙ୍ଗ ସିଲାଇ କରି ଏକ ଡିଜାଇନ୍ ପ୍ରସ୍ତୁତ କର। ସୂତାକୁ ଟାଣି ତାକୁ ବାନ୍ଧ ଓ ତା ପରେ ରଙ୍ଗ କର।


ଚିତ୍ର ୧୧.୮ ଟ୍ରିକିଟ୍

**ବାନ୍ଧନୀ ଲୁଗା (Tied and Dyed Fabrices)**

ଗୁଜୁରାଟର ପାଟୋଲା ଏବଂ ରାଜସ୍ଥାନର ବାନ୍ଧନୀ ଲୁଗା ବହୁତ ପ୍ରସିଦ୍ଧ। ଏଗୁଡ଼ିକରେ ଦୁଇରୁ ତିନି ପ୍ରକାରର ରଙ୍ଗ ଦିଆଯାଇଥାଏ।

ପାଟୋଲା ଲୁଗାରେ, ପୂର୍ବରୁ ହିଁ ସୂତା ବନ୍ଧା ହୋଇ ବହୁ ପ୍ରକାରର ରଙ୍ଗ, ବ୍ୟବଧାନରେ କରାଯାଇଥାଏ। ସୂତା ବୁଣା ହୋଇ, ଲୁଗା ହେଲାପରେ, ତାର ଡିଜାଇନ୍ ଜଣାପଡେ। କିନ୍ତୁ ବାନ୍ଧଣୀରେ ଲୁଗା ବୁଣାହେଲା ପରେ ରଙ୍ଗ ଦିଆଯାଇ ଡିଜାଇନ୍ କରାଯାଇଥାଏ।

## ତୁମ ପାଇଁ କାମ ୧୧.୪

ଦିପ୍ତି ତାର ନୂଆ ବାନ୍ଧେଣୀ ଶାଢ଼ୀ କିଣିଥିବାରୁ ବହୁତ ଖୁସି। କାରଣ ତାହାର ରଙ୍ଗ କାମ ଓ ଡିଜାଇନ୍ ବହୁତ ସୁନ୍ଦର ଏବଂ ଏହା ତା’ ସାଙ୍ଗ ନିଧିର ଶାଢ଼ୀ ଠାରୁ କମ୍ ଦାମ୍ ସେ ତାର ଏତେ ଶସ୍ତା ଓ ସୁନ୍ଦର ଶାଢ଼ୀକୁ ତାର ମା’ ଓ ପରିବାରର ଲୋକମାନଙ୍କୁ ଦେଖାଇଲା। ଏହି ଶାଢ଼ୀ ଶସ୍ତା ହେବାର କାରଣ କ’ଣ, ତାହା ଜାଣିବା ପାଇଁ, ତା’ର ମା ତାକୁ ପରାମର୍ଶ ଦେଲେ। ନିମ୍ନଲିଖିତ ବିଷୟ ଗୁଡ଼ିକୁ ଆଲୋଚନା କର।

- ନିଧିର ଶାଢ଼ୀ ଦାମିକା ହେବାର କାରଣ କ’ଣ ?
- ତୁମେ ଗୋଟିଏ ଅସଲି ଓ ନକଲି ବାନ୍ଧେଣି କାମ ହୋଇଥିବା ଶାଢ଼ୀକୁ କିପରି ଚିହ୍ନିବ ?
- ଦିପ୍ତିଶାଢ଼ୀର ଦାମ କ’ଣ ଲୁଗାର ଉତ୍ପାଦନ ଓ ବିକ୍ରୟ ଦୋକାନ ଉପରେ ନିର୍ଭର କରେ।

(ଖ) ବାଟିକ୍ (Batik)

ଏଥିରେ ମଧ୍ୟ ରଙ୍ଗ ବିଭିନ୍ନ ଯାଗାରେ ମହମ ଦ୍ୱାରା ବିରତ କରାଯାଇଥାଏ। ଏଠାରେ ମହମ ରଙ୍ଗକୁ ଲୁଗାର ଡିଜାଇନ୍ ଅନୁସାରେ ଲାଗେ ନାହିଁ। ଡିଜାଇନ୍ ଅନୁଯାୟୀ ବିଜ(Bees)



ଚିତ୍ର ୧୧.୯

ମହମ କିମ୍ବା ପାରାଫିନ୍ ମହମ(Paraffin wax)କୁ ବ୍ରସ୍ ସାହାଯ୍ୟରେ ନେଇ ଲଗାଯାଏ। ରଙ୍ଗ ଦେଲା ସମୟରେ ମହମ ଲାଗିଥିବା ସ୍ଥାନରେ ଭେଦେ ନାହିଁ। ପରେ ମହମକୁ ଉଷୁମ ପାଣିରେ ଛଡା ଯାଏ।

## ୧୧.୫.୪ମୁଦ୍ରିତ କରିବା (Printing)

ଆମେ ଏବେ ଚାଲ ବସ୍ତ୍ରରେ କିପରି ଡିଜାଇନ୍ ଛପାଯାଏ ବୁଝିବା। ଦୁଇଟି ଲାଲ ରଙ୍ଗର କପଡା ନିଅ। ଗୋଟିକରି ରଙ୍ଗ ଦିଆଯାଇଛି ଏବଂ ଅନ୍ୟଟିରେ ରଙ୍ଗ ଛପାଯାଇଛି। ଦୁଇଟି କନା ଲକ୍ଷ୍ୟକରି ଦେଖିବ, ରଙ୍ଗ ହୋଇଥିବା କନା ସାରା ରଙ୍ଗ ହୋଇଛି କିନ୍ତୁ ଛପା ହୋଇଥିବା କନାରେ କେବଳ ଦରକାର ସ୍ଥାନରେ ଲାଲରଙ୍ଗ ରହିଛି। ରଙ୍ଗ ଦିଆଯିବା ଓ ଛପାଯିବା ଦୁଇଟି ପାକ ପଦ୍ଧତିରେ ବସ୍ତ୍ରକୁ ରଙ୍ଗ କରାଯାଏ କିନ୍ତୁ ଛପାଯିବା ବସ୍ତ୍ରରେ କେବଳ ଡିଜାଇନ୍ ଗୁଡିକୁ ରଙ୍ଗ କରି ଅଳଙ୍କୃତ କରାଯାଏ।

କେତୋଟି ଲୋକପ୍ରିୟ ଛପାହେବା ପଦ୍ଧତି ଗୁହିକ ହେଲା :

- ବ୍ଲକପ ପ୍ରିଣ୍ଟି
- ସ୍କ୍ରିନ୍ ପ୍ରିଣ୍ଟିଂ
- ରୋଲର ପ୍ରିଣ୍ଟିଂ
- ଷ୍ଟେନସିଲ ପ୍ରିଣ୍ଟିଂ

ବ୍ଲକ ଓ ବାଟିକ୍ ପ୍ରିଣ୍ଟିଂ ଦୁଇଟି ପରମ୍ପରାଗତ ପଦ୍ଧତି। ଏଠାରେ ଆମେ କେବଳ ବ୍ଲକ ପ୍ରିଣ୍ଟିଂ ବିଷୟ ବିଷଦ୍ ଭାବରେ ଜାଣିବା।

## ବ୍ଲକ ପ୍ରିଣ୍ଟିଂ (Block Printing)

ରାଜସ୍ଥାନର ସାମାଂନୀର ବ୍ଲକ ଛପାଇ ପାଇଁ ପ୍ରସିଦ୍ଧ ବାଟିକ୍ ପାଇଁ ପଶ୍ଚିମବଙ୍ଗର ଶାନ୍ତି ନିକେତନ ପ୍ରସିଦ୍ଧ।

ତୁମେ କେବେ ପୋଷ୍ଟ ଅଫିସ୍ ଯାଇଛ କି? ସେଠାରେ ପ୍ରତ୍ୟେକ ଚିଠିରେ ଗୋଟିଏ ଷ୍ଟାମ୍ପ ବସାଯାଏ। କାଠି ଲାଗିଥିବା ଗୋଟିଏ ଷ୍ଟାମ୍ପକୁ ରଙ୍ଗପ୍ୟାଡରେ ଦବାଇ, ତାପରେ ଚିଠି ଉପରେ ଲଗାଯାଏ। ବ୍ଲକପ୍ରିଣ୍ଟ୍ ମଧ୍ୟ ଏହିପରି କରାଯାଏ। ଗୋଟିଏ କାଠ ବ୍ଲକ୍‌ରେ ଡିଜାଇନ୍ ଖୋଦାଇ କରାଯାଏ। ତା'ପରେ ରଙ୍ଗ ପେଷ୍ଟରେ ବୁଡାଇ କପଡା ଉପରେ ଛପାଯାଏ। ତୁମର କାଠ ବ୍ଲକ ନଥିଲେ ବ୍ୟସ୍ତ ହୁଅନାହିଁ। ଘରେ ମଧ୍ୟ ତୁମେ କେତୋଟି ଜିନିଷ ନେଇ ବ୍ଲକ ପ୍ରିଣ୍ଟ କରିପାରିବା। ଯେ କୌଣସି ପରିବା ଯଥା, ଭେଣ୍ଡି, କଲରା, ଛଚିନ୍ଦ୍ରା ବା ପିଆଜ ନେଇପାର। ଏହାକୁ କାଟି ବ୍ଲକ୍ ଭାବରେ



ଚିତ୍ର ୧୧.୧୦

ବ୍ୟବହାର କରିପାରିବା । ତୁମେ ଗୋଟେ ଗ୍ଲାସ୍ ବା ଗିନା ବା ଫୁଲ ମଧ୍ୟଦେଇ ବ୍ଲକ ପରି ବ୍ୟବହାର କରି କନା ଛାପି ପାରିବ ।



## ତୁମ ପାଇଁ କାମ ୧୧.୪

ଘରେ ବ୍ଲକ ପିଣ୍ଟିଂ କରିବା ପାଇଁ, ଭେଣ୍ଡି, ପିଆଜ ଓ କେତୋଟି ପତ୍ର ନେଇ ବ୍ଲକ କରି ବ୍ୟବହାର କର, ଗୋଟିଏ (୧୦"x୧୦")ର କନା ଗୋଟିଏ ସମତଳ ଓ ମୋଟା କପଡା/ଉପରେ ରଖ । ଗୋଟିଏ ଓସାରିଆ ପାତ୍ରରେ କିଛି ରଙ୍ଗ ନିଅ । ଏହି ରଙ୍ଗରେ ବ୍ଲକ ପାଇଁ ନେଇଥିବା ଜିନିଷକୁ ବୁଡାଇ କନାରେ ଛାପ, ବିଭିନ୍ନ ସ୍ଥାନରେ ଛାପିବା ଦ୍ୱାରା ତୁମେ ବିଭିନ୍ନ ଡିଜାଇନ କରିପାରିବ ।

## ପାଠଗତ ପ୍ରଶ୍ନାବଳୀ ୧୧.୩

୧. ଶୂନ୍ୟସ୍ଥାନ ପୂରଣ କର ।

(କ) ଉଦ୍ଭିଦ ଓ ପ୍ରାଣୀଜ ରଙ୍ଗକୁ ____________ କୁହାଯାଏ ।
(ପ୍ରାକୃତିକ / କୃତ୍ରିମ)

(ଖ) ଟାଇରିଆନ୍ ବାଇଗଣୀ ରଙ୍ଗର ____________ ଆଧାର ଅଟେ ।
(ପ୍ରାକୃତିକ / ପ୍ରାଣୀଜ)

(ଗ) ତନ୍ତୁ ରଙ୍ଗ ଦେବା ____________ ତନ୍ତୁରେ ପ୍ରାୟ ଦିଆଯାଇଥାଏ ।
(ପ୍ରାକୃତିକ / କୃତ୍ରିମ)

(ଘ) ବାନ୍ଧେଣୀ ରଙ୍ଗ ଏକ ____________ ରଙ୍ଗ ପଦ୍ଧତି ଅଟେ । (ବିରତି/ଝରିବା)

(ଙ) ଗୃହରେ ଆମେ ସହଜରେ ____________ ଛାପା କରିପାରିବା । (ବ୍ଲକ / ରୋଲର)

୨. ନିମ୍ନରେ ପ୍ରଦତ୍ତ ରେଖାଙ୍କିତ ବର୍ଗକ୍ଷେତ୍ରକୁ ଦେଖ, ପରେ ବାକ୍ୟ ଦିଆଯାଇଛି। ପ୍ରତ୍ରେକ ବାକ୍ୟର ଉତ୍ତର ଗୋଟିଏ ଶବ୍ଦ। ରେଖାଙ୍କିତ ବର୍ଗକ୍ଷେତ୍ରର ଶୂନ୍ୟସ୍ଥାନକୁ ସଂଖ୍ୟା ଅନୁଯାୟୀ ଶବ୍ଦ ଦ୍ୱାରା ପୂରଣ କର। ପ୍ରଥମଟି ତୁମ ପାଇଁ କରାଯାଇଛି।

**ରେଖାଙ୍କିତ ବର୍ଗକ୍ଷେତ୍ର:**

| | | | | | | | | | |
|---|---|---|---|---|---|---|---|---|---|
| କ. | ବି | ର | ଞ୍ଜ | ନ | | | | | |
| ଖ. | | | | | | | | | |
| ଗ. | | | | | | | | | |
| ଘ. | | | | | | | | | |
| ଙ. | | | | | | | | | |
| ଚ. | | | | | | | | | |

୧. ତନ୍ତୁ, ସୂତା କିମ୍ବା ବସ୍ତ୍ରରୁ ହଳଦିଆ ତତ୍ତ୍ୱ ଦୂରକରିବା ପାଇଁ ଦିଆଯାଉଥିବା ରାସାୟନିକ ପ୍ରତିକ୍ରିୟା।
୨. ସିଧା ସଳଖ ତନ୍ତୁରୁ ଆସୁଥିବା ବସ୍ତ୍ର ପାଇଁ ବ୍ୟବହୃତ ଶବ୍ଦ।
୩. ଆର୍ଦ୍ର ଅଭିବୃଦ୍ଧି ପଦ୍ଧତି ବୋଲି ମଧବୋଲିକୁହାଯାଏ।
୪. ଏହା ବସ୍ତୁକୁ ଓଜନିଆ, କଠିନ ଓ ମସୃଣ କରେ।
୫. ଏହା କାର୍ପାସ ବସ୍ତ୍ରକୁ ସହଜରେ ବ୍ୟବହାର କରାଯାଏ।
୬. ଏହା ଗୋଟିଏ ବାନ୍ଧିବା, ରଙ୍ଗେଇବା ପ୍ଦ୍ଧତି।

## ତୁମେ କ'ଣ ଶିଖିଲ

ତୁମର ସୁବିଧା ପାଇଁ ତୁମେ କ'ଣ ଶିଖିଲ ଅଳ୍ପରେ ଦର୍ଶାଯାଇଛି।

ବସ୍ତ୍ରର ମସୃଣତା ଓ ପରିପାଟୀ ଅଭିବୃଦ୍ଧି ପଦ୍ଧତି ⟶
- ଅର୍ଥ
- ମହତ୍ୱ
- ଶ୍ରେଣୀ ବିଭାଗ
  - ମୌଳିକ କାର୍ଯ୍ୟ
  - ଦକ୍ଷତା
  - ଗୁଣ (ଶୁଷ୍କ / ଆଦ୍ର)

↓

**ମୌଳିକ ପରିପାଟୀ ଅଭିବୃଦ୍ଧି ପଦ୍ଧତି**

(Basic Finishes)

(କ) ସ୍କୋରିଙ୍ଗ (Scouring)
(ଖ) ବ୍ଲିଚିଙ୍ଗ (Bleaching)
(ଗ) ମଣ୍ଡଦେବା (Starching)
(ଘ) କ୍ୟାଲେଣ୍ଡରିଙ୍ଗ (Calendering)

**ବିଶେଷ ପରିପାଟୀ ଅଭିବୃଦ୍ଧି ପଦ୍ଧତି(Special Finishes)**

(କ) ପୂର୍ବରୁ ସଂକୋଚନ (Pre-shrinking)
(ଖ) ମର୍ସିରାଇଜେସନ୍ (Mercirization)
(ଗ) ପାରଚ୍ମେଣ୍ଟାଇଜେସନ୍ (Panchmentization)
(ଘ) ଧୁଅ ଓ ପିନ୍ଧ (Wash and weas)
(ଙ) ରଙ୍ଗ ଦେବା ଓ ମୁଦ୍ରିତ କରିବା (Dyeing and Printing)
- ପ୍ରାକୃତିକ ଓ କୃତ୍ରିମ ରଙ୍ଗ (Natural and Synthetic dyes)
- ରଙ୍ଗ ଦେବା ସ୍ତର (Stages of dye application)

- ଶୋଭାବର୍ଦ୍ଧକ ରଙ୍ଗ (Decorative dyeing)
- ଛପାଇବା (Printing)

## ଅନ୍ତିମ ପ୍ରଶ୍ନାବଳୀ

୧. ବସ୍ତ୍ରରେ ମସୃଣତା ଓ ପରିପାଟୀ ବର୍ଦ୍ଧିତ କରଣ ପଦ୍ଧତିର ଅର୍ଥ କ'ଣ ?
୨. ଗ୍ରେ ବସ୍ତ୍ର ମସୃଣତା ଓ ପରିପାଟୀ ବର୍ଦ୍ଧିତ ପଦ୍ଧତି ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।
୩. ଦୁଇଟି ମୌଳିକ ପଦ୍ଧତି ଏବଂ ଏହାର ପ୍ରୟୋଗ ବିଷୟରେ ଲେଖ ?
୪. ରିତୁ କିଣିଥିବା ସୂତାରେ, ମର୍‌ସିରାଇଜାସନ୍‌ର ନିର୍ଦ୍ଦେଶନାମା ଲାଗିଥିଲା । ଏହାର ଉତ୍କୃଷ୍ଟତା ଓ ପଦ୍ଧତି ବିଷୟରେ ଲେଖ ।
୫. 'ରଙ୍ଗଦେବା' (dyeing) ଅର୍ଥ କ'ଣ ?
୬. ପ୍ରାକୃତିକ ଓ କୃତ୍ରିମ ରଙ୍ଗ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।
୭. ତୁମେ ଗୋଟିଏ ପୋଷାକ କିଣିଛ, ଯେଉଁଥିରେ ପିସ୍ ଡାଏ (piece dyed) ବୋଲି ଲେଖାଯାଇଛି । ତୁମେ ଏଥିରୁ କ'ଣ ବୁଝୁଛ ? କେଉଁ ପଦ୍ଧତି ଦ୍ୱାରା ପୋଷାକଟି 'ପିସ୍ ଡାଏଡ୍' କରାଯାଇଛି ?
୮. ବାଟିକ୍ ଓ ବ୍ଲକ ପ୍ରିଟିଙ୍ଗ ବିଷୟରେ ବର୍ଣ୍ଣନା କର ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୧୧.୧** (କ) ପରିପାଟୀ ଅଭିବୃଦ୍ଧି ପଦ୍ଧତି
(ଖ) ମଳିନ
(ଗ) ରଙ୍ଗେଇବା ଏବଂ ଛାପିବା
(ଘ) ପରପାଟୀ ଓ ଅଭିବୃଦ୍ଧିକ
(ଙ) କାର୍ଯ୍ୟମ୍ରେକ

**୧୧.୨**

୧. (କ) ସତ୍ୟ - ସ୍କୋରିଙ୍ଗ ପଦ୍ଧତିରେ କପଡାକୁ ସାବୁନ୍ ପାଣି ଓ ରାସାୟନିକ ଦ୍ରବଣରେ ସଫା କରାଯାଏ ।
(ଖ) ମିଥ୍ୟା - ବ୍ଲିଚିଂ ସାବଧାନର ସହିତ କରିବା ଉଚିତ୍ । ଏହା ରଙ୍ଗକୁ ନଷ୍ଟ କରିଦିଏ । ବହଳିଆ ବ୍ଲିଚିଂ ବସ୍ତ୍ରକୁ ନଷ୍ଟ କରିଦିଏ ।
(ଗ) ସତ୍ୟ - କପଡାକୁ ରାତିସାରା ପାଣିରେ ଭିଜାଇ, ସକାଳୁ ଧୋଇଲେ ସଂକୋଚନ ହୋଇଥାଏ ।
(ଘ) ସତ୍ୟ - ଏହାର ପାରଚାମେଣ୍ଟାଇଜାସନ ନାମକ ସ୍ଥାୟୀ ପଦ୍ଧତି ଦ୍ୱାରା ହୋଇଥାଏ ।
(ଙ) ସତ୍ୟ - ମର୍‌ସିରାଇଜେସନ୍ ଦ୍ୱାରା କାର୍ପାସ ବସ୍ତ୍ର ମସୃଣ ଓ ଚିକ୍‌ଚକିଆ ଏବଂ ମଜଭୁତ ହୋଇଥାଏ ।

୨. (କ) ସ୍ଥାୟୀ (ଖ) ସାନ୍‌ଫୋରାଇଜଡ୍ (ଗ) କୃତ୍ରିମ (ଘ) ରଙ୍ଗଛାଡ଼ି ଯାଏ

**୧୧.୩**

୧. (କ) ପ୍ରାକୃତିକ ରଙ୍ଗ (ଖ) ପ୍ରାଣୀଜ ରଙ୍ଗ (ଗ) କୃତ୍ରିମ (ଘ) ଅଟକାଇବା
(ଙ) ବ୍ଲକ୍

୨. (କ) ବିରଞ୍ଜନ, (ଖ) ମଳିନ ବସ୍ତ୍ର (ଗ) ରାସାୟନିକ ଅଭିବୃଦ୍ଧି, (ଘ) ମଣ୍ଡ (ଙ) ଧୋଇ ଶୁଖାଇ ପିନ୍ଧିବା ।